

'ରାମାୟଣ' ବିଭୀଷଣ ଭୂମିକାରେ ବିବେକ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-128 ◆TUESDAY ◆4 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୮ ◆ମଙ୍ଗଳବାର ◆୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିଜେପିକୁ ନବୀନଙ୍କ ଶାଣିତ ନିଶାଣ

# ମୋ ପ୍ରତି ବିଶ୍ୱାସଘାତକତା ହୋଇଛି







## 'ମିଛ ପ୍ରତିଶ୍ରୁତିର ଜବାବ ଦେବେ ନୂଆପଡ଼ାବାସୀ'

- ଭୋଟ ଚୋରି କରି ସରକାର ଗଢ଼ିଲେ; ଏବେ ପ୍ରାର୍ଥୀ ଚୋରି
- 'ଗେମ୍ ଚେଞ୍ଜର୍' ନୁହେଁ; ରାଜ୍ୟ ସରକାର ଖାଲି 'ନେମ୍ ଚେଞ୍ଜର୍'
- ବିଜେପି ସରକାର ମିଛ ପ୍ରଚାରରେ ହିରୋ; କାମରେ ଜିରୋ
- ରାଜ୍ୟ ସାରା ବିକାଶ କାମ ବନ୍ଦ, ସୀମା ଟପିଛି ନାରୀ ଅତ୍ୟାଚାର

**ନୂଆପଡ଼ା,୩।୧୧ (ସମିସ):** କୋମନାର ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ସିଧା ନିଶାଣ ସହ ବିଜେପିକୁ ଶାଣିତ ସମାଲୋଚନା କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି କେବଳ ପ୍ରଚାରରେ ହିରୋ ଓ କାମରେ ଜିରୋ ବୋଲି କହିବା ସହ ରାଜ୍ୟ ବିଜେପି ସରକାରକୁ 'ଗେମ୍ ଚେଞ୍ଜର' ନୁହେଁ; କେବଳ 'ନେମ୍ ଚେଞ୍ଜର' ବୋଲି କଟାକ୍ଷ କରିଛନ୍ତି।

ଉପନିର୍ବାଚନ ପ୍ରଚାର ଉପଲକ୍ଷେ ସୋମବାର ନୂଆପଡ଼ାର ତରବୋଡ଼ଠାରେ ଆୟୋଜିତ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ନବୀନ କହିଥିଲେ, ମୋ ପ୍ରତି ବିଶ୍ୱାସଘାତକତା ହୋଇଛି। ପ୍ରଥମେ ଭୋଟ୍ ଚୋରି କରି ରାଜ୍ୟରେ ସରକାର ଗଢ଼ିଲେ, ଏବେ ପ୍ରାର୍ଥୀ ଚୋରି କରିଛନ୍ତି। ରାଜ୍ୟ ବିଜେପି ସରକାର କେବଳ ରଙ୍ଗମରା ସରକାର ବୋଲି ଉଲ୍ଲେଖ କରି ୩୦୦ ୟୁନିଟ୍ ମାଗଣା ବିଜୁଳି, ବୁଢ଼ାବୁଢ଼ୀଙ୍କୁ ୩୫୦୦ଟଙ୍କା ଭତ୍ତା, ସବୁ ପଞ୍ଚାୟତରେ ୧୦୦ ଯୁବକଙ୍କୁ ଚାକିରି, କଟ୍‌ନୀଛଟ୍‌ନୀ ବନ୍ଦ କରିବା ପାଇଁ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ନବୀନ ପ୍ରଶ୍ନ କରିଥିଲେ। ସାଧାରଣ ଲୋକଙ୍କ ମନରେ ଏ ସରକାର ବିରୋଧରେ ଯେଉଁ କ୍ରୋଧ ଓ କ୍ଷୋଭ ସୃଷ୍ଟି ହୋଇଛି, ଉପନିର୍ବାଚନରେ ତାହା ପ୍ରତିଫଳିତ ହେବ। ଆସନ୍ତା ୧୧ ତାରିଖରେ ନୂଆପଡ଼ାବାସୀ ରାଜ୍ୟ ବିଜେପିର ମିଛ ପ୍ରତିଶ୍ରୁତି ଓ ବିଶ୍ୱାସଘାତକତାର ଜବାବ ଦେବେ ଏବଂ ଶଙ୍ଖ ଚିହ୍ନରେ ଭୋଟଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟୀ କରିବେ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଜି ସ୍ୱତନ୍ତ୍ର ବିମାନ ଯୋଗେ ନବୀନ ଗୋଟମା ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ର ତରବୋଡ଼ ଅନ୍ତର୍ଗତ ଧାନମଣ୍ଡି ପଡିଆରେ ଆୟୋଜିତ ସମାବେଶରେ ପହଞ୍ଚିଥିଲେ। ନିଜ ଉଦ୍‌ବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ▶ପୃଷ୍ଠା-୭

# ଅନିଲ ଅମ୍ବାନୀଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକା ଜବତ କଲା ଇଡି

## ୭,୫୦୦ କୋଟିର ସମ୍ପତ୍ତି ଜବତ କଲା ଇଡି



**ମୁମ୍ବଇ, ୩।୧୧ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିବାରେ ଲାଗିଛି। ଋଣ ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଜି ଅନିଲଙ୍କ ରିଲାଏନ୍ସ ଗ୍ରୁପ ସମ୍ବନ୍ଧିତ ୪୦ରୁ ଅଧିକ ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୭,୫୦୦ କୋଟି ଟଙ୍କା ହେବ। ଜବତ ସମ୍ପତ୍ତି ମଧ୍ୟରେ ମୁମ୍ବଇର ପାଲି ହିଲ୍ସ ସ୍ଥିତ ବିଳାସପୂର୍ଣ୍ଣ ଘର ଏବଂ ରିଲାଏନ୍ସ ଗ୍ରୁପ୍‌ର ୧୩୨ ଏକର ଜମି ସାମିଲ ରହିଛି। ଏହି ଜମି ନଭି ମୁମ୍ବଇ ସ୍ଥିତ ଧିରୁଭାଇ ଅମ୍ବାନୀ ନଲେଜ ସିଟି (ଡିଏକେସି)ରେ ରହିଛି। ଏହାର ମୂଲ୍ୟ ପ୍ରାୟ ୪.୪୬୨.୮୧ କୋଟି ଟଙ୍କା ହେବ। ଏହାବ୍ୟତୀତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବଇ, ପୁନେ, ଥାନେ, ହାଇଦାରାବଦ, ଚେନ୍ନଇ, କାଞ୍ଚିପୁରମ ଏବଂ ଇଷ୍ଟ ଗୋଦାବରୀ ଭଳି ସହରରେ ଥିବା ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଛି। ଏଥିରେ ରେସିଡେନସିଆଲ ୟୁନିଟ୍ସ, ଅଫିସ ସ୍ପେସ ଏବଂ ଲ୍ୟାଣ୍ଡ ପାର୍ସଲ ରହିଛି।

ସମ୍ପତ୍ତି ଜବତ କରିବାକୁ ଗତ ଅକ୍ଟୋବର ୩୧ ତାରିଖରେ ଇଡି ନୋଟିସ ଜାରି କରିଥିଲା। ଏହି ମାମଲାର ତଦନ୍ତରୁ ଇଡି ଜାଣିବାକୁ ପାଇଥିଲା ଯେ ▶ପୃଷ୍ଠା-୭

## ନିଶାସକ୍ତ ଡମ୍ପର ଚାଳକର ଉନ୍ମତ୍ତକାଣ୍ଡ

# ୨୦ଟି ଗାଡ଼ି ଉପରେ ଚଢ଼ାଇ ଦେଲା; ୧୯ ମୃତ

**ଜୟପୁର, ୩।୧୧(ଏଜେନ୍ସି):** ରାଜସ୍ଥାନରେ ଆଜି ଏକ ଅଭାବନୀୟ ଦୁର୍ଘଟଣା ଦେଖିବାକୁ ମିଳିଛି। ଡମ୍ପର ଟ୍ରକ ଚଳାଉଥିବା ଜଣେ ମଦ୍ୟପ ଡ୍ରାଇଭରର ତାଣ୍ଡବରେ ରକ୍ତରଞ୍ଜିତ ହୋଇଛି ଜୟପୁର ରାସ୍ତା। ଅତ୍ୟଧିକ ମଦପାନ କରି ସେ ଏମିତି ଟ୍ରକ ଚଳାଉଥିଲା ଯେ ତା ସାମନାରେ ଯିଏ ଆସିଲା, ତାକୁ ମଡ଼ାଇଚାଲିଲା। ଏମିତି ପାଞ୍ଚ କିଲୋମିଟର ଯାଏଁ ସେ ରଚିଥିଲା ଏମିତି ତାଣ୍ଡବ। ଯିଏ ଯେତେ ଅଟକାଇଲେ ବି ସେ ଶୁଣିନଥିଲା। ଶେଷରେ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବାପରେ ତାର ଗାଡ଼ି ଅଟକିଥିଲା। ତା ଟ୍ରକ ତଳେ ୨୦ରୁ ଅଧିକ ଗାଡ଼ି ଚାପି ହୋଇ ଚୂରମାର ହୋଇଯାଇଥିବା ବେଳେ ୧୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ଯେ ଡ୍ରାଇଭର ଏତେ ମଦ ପିଇଥିଲା ଯେ ସେ ନିଜ ନିୟନ୍ତ୍ରଣରେ ନଥିଲା। ଗୋଟିଏ ପରେ ଗୋଟିଏ ଗାଡ଼ି ଉପରେ ଟ୍ରକ ଚଢ଼ିଯାଇଥିଲା। ଏଥିରେ ଅନେକ କାର ଏବଂ ଦୁଇ ଚକିଆ ଓ ତିନି ଚକିଆ ଯାନ ରହିଛି। ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ରକ୍ତରଞ୍ଜିତ ହୋଇଯାଇଥିଲା। ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ରାସ୍ତା ଉପରେ ଛିଟ୍‌କି ପଡ଼ିଥିଲା। ▶ପୃଷ୍ଠା-୭

# ସୁଦାନରେ ଓଡ଼ିଆ ଶ୍ରମିକଙ୍କୁ ଅପହରଣ

**ନୂଆଦିଲ୍ଲୀ/ଜଗତସିଂହପୁର, ୩।୧୧ (ସମିସ):** ଆଫ୍ରିକୀୟ ଦେଶ ସୁଦାନରେ ଓଡ଼ିଶାର ଜଣେ ଶ୍ରମିକଙ୍କୁ ଅପହରଣ କରିନେଇଛନ୍ତି ବିଦ୍ରୋହୀ। ଗୃହଯୁଦ୍ଧ ଯୋଗୁଁ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ସୁଦାନରୁ ଏଭଳି ଖବର ଆସିଛି। ଏହି ଖବର କେବଳ ଓଡ଼ିଶା ନୁହେଁ; ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ତାଙ୍କୁ ଉଦ୍ଧାର କରିବା ଲାଗି ଭାରତ ସରକାର ଉଦ୍ୟମ ଚଳାଇଛନ୍ତି। ଦିଲ୍ଲୀରେ ଅବସ୍ଥାପିତ ସୁଦାନର ରାଷ୍ଟ୍ରଦୂତ ମଧ୍ୟ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ସୁଦାନରେ ଅପହୃତ ହୋଇଥିବା ଓଡ଼ିଶାର ଏହି ଶ୍ରମିକ ହେଲେ ଆଦର୍ଶ ବେହେରା। ତାଙ୍କର ଘର ହେଉଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟକଣା ଗ୍ରାମରେ। ଗତ ତିନି ବର୍ଷ ହେଲା ଆଦର୍ଶ ସୁଦାନରେ ଏକ ଘରୋଇ କଂପାନୀରେ ଚାକିରି କରୁଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ତାଙ୍କର ଅପହରଣ

**ବିଦ୍ରୋହୀଙ୍କ କବଳରେ ତିର୍ତ୍ତୋଲର ଆଦର୍ଶ ବେହେରା**

**୩ ବର୍ଷ ହେଲା ପ୍ଲାଷ୍ଟିକ କାରଖାନାରେ କାମ କରୁଥିଲେ**

ଖବରକୁ ନେଇ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ତାଙ୍କୁ ଉଦ୍ଧାର କରିବା ଲାଗି ସେମାନେ ଓଡ଼ିଶା ଓ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ▶ପୃଷ୍ଠା-୭



**ପୁଣି ଚୌଦ୍ୱାର ଜେଲ୍‌ରେ ଅଘଟଣ**

# ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**କଟକ, ୩।୧୧ (ସମିସ):** ଚୌଦ୍ୱାର ସର୍କଲ ଜେଲରେ ଆଜି ପୁଣି ଏକ ଅଘଟଣ ଘଟିଛି। ଜେଲ୍ ଭିତରେ ଜଣେ ବିଚାରାଧୀନ କଏଦୀ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪)। ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଜଡ଼ିତ ଥିଲେ। ମାସକ ତଳେ ତାଙ୍କୁ ଅନ୍ୟ ଏକ ଜେଲରୁ ଏଠାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ପବିତ୍ର ଏପରି ଚରମ ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ଖବର ପାଇ ଚୌଦ୍ୱାର ପୁଲିସ ଜେଲ୍‌ରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

ଏ ସମ୍ପର୍କରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ୍ ରଘୁରାଜ ମାଝୀ କହିଛନ୍ତି, ଦିନ ଓ ରାତିରେ କଏଦୀଙ୍କୁ ଯାଞ୍ଚ କରାଯାଉଛି। ଜେଲ୍ ପରିସର ଭିତରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ପାଇଖାନା ଭିତରେ ଯଦି ଏଭଳି ଅଘଟଣ ଘଟେ, ତେବେ ଜାଣିବା ନିହାତି କଷ୍ଟକର। ଏହି ଘଟଣାରେ ଚୌଦ୍ୱାର ଥାନା ପୁଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବା ବୋଲି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ମାଝୀ ଜଣାଇଛନ୍ତି। ଅନ୍ୟପଟେ ପବିତ୍ରଙ୍କ ଶରୀରକୁ ପରିବାର ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପ୍ରକ୍ରିୟା କରାଯିବ। ଏହି ଘଟଣାରେ ଜଣେ ଏଡିଜି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ସୂଚନା ମିଳିଛି। କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ।

ସୂଚନାଯୋଗ୍ୟ, ଗତ ଦଶହରା ସମୟରେ ବିହାରର ୨ ▶ପୃଷ୍ଠା-୭

**ମାମୁ ଘରେ ଖେଳ ହେଲା କାଳ**

# ପାଇଖାନା ଟାଙ୍କିରେ ପଡ଼ି ଚାଲିଗଲା ୩ ଶିଶୁଙ୍କ ଜୀବନ



**ବଡ଼ମ୍ବା, ୩।୧୧ (ସମିସ):** କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଆଜି ଅପରାହ୍ଣରେ ଗ୍ରାମର ହରିଜନ ସାହି ପଛ ପାଖେ ଥିବା ଏକ ପାଇଖାନା ସେପ୍ଟିକ୍ ଟାଙ୍କିରେ ପଡ଼ି ୩ ଶିଶୁ ଅକାଳରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ନାବାଳକ ଓ ଜଣେ ନାବାଳିକା।

**ମୃତକଙ୍କ ମଧ୍ୟରେ ୨ ନାବାଳକ ଓ ଜଣେ ନାବାଳିକା**

ସେମାନେ ହେଲେ, ବଡ଼ମ୍ବା ବ୍ଲକ ଅଧୀନ ପରଜାପଡ଼ା ପଞ୍ଚାୟତର ଇଚ୍ଛାପୁର ଗ୍ରାମର ଶୁଭମ ନାଏକ (୩), କୋଳେଶ୍ୱର ପଞ୍ଚାୟତ ଅଧୀନ ବଡ଼ବାରେଣା ଗ୍ରାମର ଶିବାନୀ ନାଏକ (୭) ଓ ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

# ସିଲିକନ୍ ଟେକ୍ ସିଇଓ ସୁରେଶ ଗିରଫ

**ଭୁବନେଶ୍ୱର,୩।୧୧(ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିଲିକନ୍ ଟେକ୍‌ର ସିଇଓ ସୁରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ତାଙ୍କ ପଟିଆ ବାସଭବନରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ପଞ୍ଚସପ୍ତର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ବୟାନ ଓ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଉତ୍ତରାଖଣ୍ଡରୁ ଗିରଫ ହୋଇଥିବା ଶଙ୍କରଙ୍କୁ ଦିନ ତମାମ୍ ଜେରା ପରେ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ସୁରେଶଙ୍କ ସିଧାସଳଖ ଲିଙ୍କ୍ ଜାଣିବାକୁ ପାଇଥିଲା। ସୁରେଶ ଏକମାତ୍ର ଲୋକ, ଯେ କି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ଥିଲେ। ଏହାପରେ ସୁରେଶ ଓ ଶଙ୍କରଙ୍କୁ ଅଲଗା ଅଲଗା ପଚରାଉଚରା କରାଯାଇଥିଲା। ବୟାନରେ ତାଳମେଳ ନ ରହିବାରୁ ଉଭୟଙ୍କୁ ଏକସଙ୍ଗରେ ଜେରା କରାଯାଇଥିଲା। ଜେରା ବେଳେ ଏସ୍‌ଆଇ ଚାକିରି ଜାଲିଆତି ସମ୍ପର୍କରେ ବହୁତଥ୍ୟ କ୍ରାଇମ୍‌ବ୍ରାଞ୍ଚ ପାଇଛି। ସୁରେଶଙ୍କ ଗୁପ୍ତ ସୂଚନା ଓ ଶଙ୍କରଙ୍କ ନେଟ୍‌ୱାର୍କ ବଳରେ ରାଜ୍ୟରେ ଏତେ ବଡ ସ୍କାମ୍ ସମ୍ଭବ ହୋଇପାରିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ଶେଷ ନିର୍ଯ୍ୟାସରେ ପହଞ୍ଚିଥିବା ▶ପୃଷ୍ଠା-୭

**ସିଲିକନ୍‌ର ଗୁପ୍ତ ସୂଚନା ଓ ଶଙ୍କର ନେଟ୍‌ୱର୍କ ମାଧ୍ୟମରେ ସ୍କାମ୍**

**ଶଙ୍କରଙ୍କୁ ନୂଆଦିଲ୍ଲୀର କମ୍ପାନୀ ଗେଷ୍ଟ ହାଉସ୍‌ରେ ଲୁଚାଇଥିଲେ ସୁରେଶ: କ୍ରାଇମ୍‌ବ୍ରାଞ୍ଚ**



## ବ୍ରହ୍ମପୁର ଜେଲ୍‌ରେ ଶଙ୍କର, ସୁରେଶ

**ବ୍ରହ୍ମପୁର,୩।୧୧(ସମିସ):** ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କୁ ନେପାଳ-ଉତ୍ତରାଖଣ୍ଡ ସୀମାନ୍ତରୁ କାବୁ କରିବା ପରେ କ୍ରାଇମବ୍ରାଞ୍ଚ କଟକରେ ଜେରା କରିଛି। ପରେ ଶଙ୍କରର ବୟାନ ଆଧାରରେ ସିଲିକନ ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ଗିରଫ କରାଯାଇଛି। ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୧୨୫କୁ ବୃଦ୍ଧି ପାଇଛି। ଉଭୟ ଶଙ୍କର ଓ ସୁରେଶକୁ ଆଜି କଟକରୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ଅଣାଯାଇ ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଧିକ ▶ପୃଷ୍ଠା-୭

**୭ଦିନ ରିମାଣ୍ଡ ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚର ଆବେଦନ**

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ପୁଲିସ କବ୍‌ଜାରେ ଉମା ଓ ସୁଟର୍ କୁରୁପତି

**ବ୍ରହ୍ମପୁର, ୩।୧୧(ସମିସ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ଫେରାର୍ ଅଭିଯୁକ୍ତ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ପୁଲିସ ପଞ୍ଝାରେ। ପୂର୍ବରୁ ଉଭୟଙ୍କ ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇ ପାରିନଥିବା ବେଳେ ହଠାତ୍ ସେମାନଙ୍କ ଆତ୍ମସମର୍ପଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନାନୁସାରେ, ଉମା ଓ କୁରୁପତି ବ୍ରହ୍ମପୁର ପୁଲିସ ମୁଖ୍ୟାଳୟ ସମ୍ମୁଖରେ କୌଣସି ଏକ ଗାଡ଼ିରୁ ଓହ୍ଲାଇଥିଲେ। ପରେ ଉଭୟ ମୁଖ୍ୟଫାଟକ ଅତିକ୍ରମ କରି ଚାଲିଚାଲି ଯାଇ ଆତ୍ମସମର୍ପଣ କରିଥିବା ନେଇ ଆଲୋଚନା ହେଉଛି। ଆଗକୁ ନୂଆପଡ଼ା ଉପ-ନିର୍ବାଚନ ଥିବା ବେଳେ ହଠାତ୍ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଶଙ୍କର ପୃଷ୍ଟି ଓ ବର୍ତ୍ତମାନ ପୁଣି ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉମା ଓ କୁରୁପତିଙ୍କ ଆତ୍ମସମର୍ପଣ ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। କାରଣ ଉଭୟ ଘଟଣାରେ ଫେରାର୍ ଅଭିଯୁକ୍ତମାନେ ଦୀର୍ଘଦିନ ଫେରାର୍ ରହିବା ପରେ ହଠାତ୍ ଆତ୍ମ ସମର୍ପଣ କରିଥିବାରୁ ଏଭଳି ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ଉମା ଓ କୁରୁପତିଙ୍କୁ କଡ଼ା ସୁରକ୍ଷାବଳୟରେ ଗୋପାଳପୁର ଥାନା ▶ପୃଷ୍ଠା-୭

# ପୂରା ଗାଁର ଋଣ ପରିଶୋଧ କଲେ ବ୍ୟବସାୟୀ



ଆମରେଲି, ୩।୧୧(ଏଜେନ୍ସି): ଗୁଜରାଟର ଆମରେଲି ଜିଲ୍ଲାରେ ରହୁଥିବା ଜଣେ ବ୍ୟବସାୟୀ ନିଜ ପୂରା ଗାଁକୁ ଋଣମୁକ୍ତ କରିଛନ୍ତି। ସାବରକୁଣ୍ଡଲା ତହସିଲ୍‌ର ଜିରା ଗାଁରେ ରହୁଥିବା ବାବୁଭାଇ ଜିରାୱାଲା ନାମକ ଏହି ବ୍ୟବସାୟୀ ନିଜର ଗାଁର ୨୯୦ ଜଣ କୃଷକଙ୍କ ଗତ ୩୦ ବର୍ଷର ସବୁ ଋଣ ପରିଶୋଧ କରିଛନ୍ତି। ଏହିକ୍ରମରେ ସେ ନିଜ ମାଙ୍କ ଶ୍ରାଦ୍ଧ ଦିବସରେ ୯୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କ ଏହି ଦାନ ଫଳାରେ ଗାଁର ସବୁ କୃଷକ ଏବେ ଋଣମୁକ୍ତ ହୋଇଛନ୍ତି। ୧୯୯୫ରୁ ଜିରା ସେବା ସହକାରୀ ମଣ୍ଡଳକୁ ନେଇ ଏକ ବଡ଼ ବିବାଦ ଗାଁରେ ଚାଲିଆସୁଥିଲା। ଏହି କମିଟିକୁ ସେବେକାର ପ୍ରଶାସକମାନେ କୃଷକଙ୍କ ନାମରେ ନକଲି ଋଣ ନେଇଥିଲେ। ଇତିମଧ୍ୟରେ ଏହି ଋଣ ବହୁଗୁଣା ବୃଦ୍ଧି ପାଇଥିଲା। କୃଷକଙ୍କ ଉପରେ ଋଣ ଭାର ୭ରୁ ୧୨ ଗୁଣା ବୃଦ୍ଧି ପାଇଥିଲା। ଏହି କାରଣରୁ ସରକାରଙ୍କଠାରୁ ବିଭିନ୍ନ ସହାୟତା, ଋଣ ଓ ଅନ୍ୟ ସୁବିଧା ସୁଯୋଗରୁ କୃଷକମାନେ ବଞ୍ଚିତ ହେଉଥିଲେ। ଗାଁର କୌଣସି କୃଷକଙ୍କୁ ବ୍ୟାଙ୍କ ମଧ୍ୟ ଋଣ ଦେଉ ନଥିଲା। ଫଳରେ କୃଷକମାନେ ସମସ୍ୟାରେ ପଡୁଥିଲେ। ଋଣ ପାଇଁ ଜମିର ଭାଗବଣ୍ଟା ମଧ୍ୟ ହୋଇପାରୁ ନଥିଲା। ଏଥିପାଇଁ ମୋ ମା ଚାହୁଁଥିଲେ ଯେ, ତାଙ୍କ ଗହଣା ବିକ୍ରି କରି କୃଷକଙ୍କ ଋଣ ପରିଶୋଧ କରିବାକୁ। ଶେଷରେ କୃଷକଙ୍କ ସବୁ ଋଣକୁ ପରିଶୋଧ କରିବାକୁ ଆମେ ସକ୍ଷମ ହୋଇଛୁ ବୋଲି ଜିରାୱାଲା କହିଛନ୍ତି। ଗାଁର କୃଷକଙ୍କ ଉପରେ ମୋଟ୍ ୮୯, ୮୯, ୨୦୯ ଲକ୍ଷ ଟଙ୍କା ଋଣ ଥିଲା ବୋଲି ସେ କହିଛନ୍ତି। କୃଷକମାନଙ୍କୁ ନୋ ଡିୟୁ ଅର୍ଥାତ ଋଣମୁକ୍ତ ହେବାର ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ସାରା ଗାଁ ଖୁସିରେ ଭାବପ୍ରବଣ ହୋଇଉଠିଥିଲା। କୃଷକଙ୍କ ଆଖିରେ ଆନନ୍ଦର ଲୁହ ଦେଖିବାକୁ ମିଳିଥିଲା।

# ନକଲି ବୈଜ୍ଞାନିକ ବିଦେଶରୁ ପାଉଥିଲେ କୋଟି କୋଟି ଟଙ୍କା



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଭାବା ଅଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ବୈଜ୍ଞାନିକ ଭାବେ ନିଜକୁ ଦର୍ଶାଉଥିବା ଅଖତାର ହୁସେନ ନାମକ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଦେଶ ବାହରୁ କୋଟି କୋଟି ଟଙ୍କା ପାଉଥିଲେ। ସେ ୧୯୯୫ରୁ ଅର୍ଥାତ ୩୦ ବର୍ଷଧରି ଏହି ଅର୍ଥ ପାଉଥିବାର ତଥ୍ୟ ସାମ୍ନାକୁ ଆସିଛି। ସେ ନିଜକୁ ବିଏଆରସିର ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନକୁ ଯାଉଥିଲେ। ତାଙ୍କଠାରୁ ୧୦ଟି ନକ୍ସା ଓ ପରମାଣୁ ଅସ୍ତ୍ର ସହିତ ଜଡିତ କିଛି ସମ୍ବେଦନଶୀଳ କାଗଜପତ୍ର ଜବତ କରିଛି। ସେ ଝାଡଖଣ୍ଡର ଜାମସେଦପୁର ମୂଳ ବାସିନ୍ଦା। ପୁଲିସ ଅଖତାରଙ୍କଠାରୁ ଏକାଧିକ ନକଲି ପାସପୋର୍ଟ, ଆଧାର କାର୍ଡ, ପାନକାର୍ଡ ଓ ବିଏଆରସିର ପରିଚୟପତ୍ର ଜବତ କରିଥିଲା। କିଛି ପରିଚୟ ପତ୍ରରେ ତାଙ୍କ ନା ଅଲୀ ରାଜା ଓ ଆଲେକଜାଣ୍ଡ ପାଲମର ବୋଲି ଉଲ୍ଲେଖ ରହିଛି। ଅଖତାର ଓ ତା'ର ଭାଇ ଆଦିଲ୍ ମିଳିତ ଭାବେ ୧୯୯୫ରୁ ବିଦେଶରୁ ଟଙ୍କା ପାଉଥିଲେ ବୋଲି ମୁମ୍ବଇ କ୍ରାଇମବ୍ରାଞ୍ଚ୍ କହିଛି। ଖାସ୍ କରି ୨୦୦୦ ପରଠାରୁ ସେ କୋଟି କୋଟି ଟଙ୍କା ହାସଲ କରୁଥିଲେ। ଅଖତାର ନାରେ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଛି ଓ ବହୁ ପରିମାଣରେ ଅର୍ଥ ନେଣଦେଣ ହେବା ନେଇ ପୁଲିସ ତଥ୍ୟ ହାସଲ କରିଛି। ଅଖତାର ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ସମ୍ପର୍କ ଅଛି ବୋଲି ସନ୍ଦେହ କରାଯାଉଛି। ୧୯୯୬ରେ ଅଖତାର ନିଜର ପୈତୃକ ସମ୍ପତି ବିକ୍ରି କରିଦେଇଥିଲା। କିନ୍ତୁ ଏହି ପୁରୁଣା ଠିକଣାକୁ ଆଧାର କରି ନକଲି କାଗଜପତ୍ର ହାସଲ କରିଥିଲା। ଏହି ନକଲି ଦସ୍ତାବିଜ ସହ ଦୁହେଁ ଏକାଧିକବାର ବିଦେଶ ଗସ୍ତ କରିଥିଲେ।

## ଆଫଗାନରେ ଭୂକମ୍ପ; ୨୦ ମୃତ

କାବୁଲ୍, ୩।୧୧(ଏଜେନ୍ସି): ଆଫଗାନିସ୍ତାନରେ ଗତ ରାତିରେ ୬.୩ ତୀବ୍ରତାର ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉତ୍ତର ଆଫଗାନିସ୍ତାନର ମଜାରେ-ଇ-ଶରିଫ୍‌ରେ ଏହି ଭୂକମ୍ପ ଆସିବାରୁ ୨୦ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୨୦ ଜଣ ଆହତ ହୋଇଛନ୍ତି ବୋଲି ତାଲିବାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମଜାରେ-ଇ- ସରିଫ୍‌ର ଖଲ୍‌ମ ସହରଠାରୁ ୨୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନସିଏସ୍) ତରଫରୁ ସୂଚନା ଦିଆଯାଇଛି। ରବିବାର ରାତି ୧ଟାରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ୟୁନାଇଟେଡ ଷ୍ଟେଟ୍‌ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) କହିଛି। ମାଜାରେ-ଇ- ସିରଫ୍‌ର ବ୍ଲୁ ମସଜିଦ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏହି ମସଜିଦ ଆଫଗାନିସ୍ତାନର ସବୁଠାରୁ ପବିତ୍ର ଧାର୍ମିକ ସ୍ଥଳି ବିବେଚିତ ହୋଇଥାଏ। ଏଠାରେ ମହାପୁରୁଷ ମହମ୍ମଦଙ୍କ ସମ୍ପର୍କୀୟ ଭାଇଙ୍କର ସମାଧି ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ସହରରେ ୫, ୨୩, ୦୦୦ ଲୋକ ରହୁଛନ୍ତି। ୧୫୦୦ ଶତାବ୍ଦୀରେ ଏହି ମସ୍‌ଜିତ ନିର୍ମାଣ କରାଯାଇଥିଲା। ଭୂକମ୍ପର ବିଭିନ୍ନ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ଅଗଷ୍ଟରେ ମଧ୍ୟ ଆଫଗାନିସ୍ତାନରେ ଏକାଧିକବାର ଭୂକମ୍ପ ଆସିଥିଲା ଓ ଏଥିରେ ୨, ୨୦୦ ଲୋକ ମୃତ୍ୟୁବରଣ କରିଥିଲେ। ଭୂକମ୍ପ ପୀଡିତଙ୍କୁ ଉଦ୍ଧାର କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ବିମାନବନ୍ଦର ନିକଟରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

କୋଏମ୍ବାଟୁର, ୩।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ବିମାନବନ୍ଦରରେ ରବିବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଛାତ୍ରୀଙ୍କୁ ୩ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଛନ୍ତି। ପୀଡିତା ରାତି ୧୧ଟାରେ ନିଜର ଜଣେ ବନ୍ଧୁଙ୍କ ସହ କାର୍‌ରେ ବସିଥିବା ବେଳେ ୩ ଅଭିଯୁକ୍ତ ସେଠାରେ ପହଞ୍ଚିଥିଲେ। ବନ୍ଧୁଙ୍କୁ ଆକ୍ରମଣ କରିବା ପରେ ଛାତ୍ରୀଙ୍କୁ ଜୋର ଜବରଦସ୍ତି କାର୍ ବାହରକୁ ଆଣି ସେଠାରୁ ଶୂନସାନ ସ୍ଥାନକୁ ନେଇଯାଇ ଏହି କାଣ୍ଡ ଘଟାଇଥିଲେ। ଦୁଷ୍କର୍ମ କରିବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ସେଠାରେ ଛାଡି ଦେଇ ଚାଲିଯାଇଥିଲେ। ଆହତ ହୋଇଥିବା ଛାତ୍ରୀଙ୍କ ବନ୍ଧୁ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ପୁଲିସ ରାତିସାରା ଛାତ୍ରୀଙ୍କୁ ଖୋଜିବା ପରେ ତାଙ୍କୁ ବିମାନ ବନ୍ଦରଠାରୁ ଏକ କିମି ଦୂରରେ ଏକ ଘରୋଇ କଲେଜ ପାଖରେ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲା। ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବନ୍ଧୁଙ୍କର କୋଏମ୍ବାଟୁର ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ୭ଟି ଟିମ୍ ଗଠନ କରିଛି। ଏହି ୩ ଜଣ ଘଟଣା ଘଟାଇବା ପୂର୍ବରୁ ଏକ ବାଇକ୍ ଚୋରି କରିଥିଲେ ବୋଲି ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଏବେ ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ବିରୋଧରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡି ପଡ଼ିବା ନେଇ ବିରୋଧୀ ଦଳ ଅଭିଯୋଗ ଆଣିଛନ୍ତି।

## ଦିଲ୍ଲୀ ପ୍ରଦୂଷଣ : ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦିଲ୍ଲୀ- ଏନ୍‌ସିଆରରେ ଦିନକୁ ଦିନ ବୃଦ୍ଧି ପାଉଥିବା ପ୍ରଦୂଷଣ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହୋଇଥିଲା। କୋର୍ଟ ଏ ନେଇ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଦୀପାବଳି ପରେ ପ୍ରଦୂଷଣ ବହୁ ଗୁଣରେ ବୃଦ୍ଧି ପାଇଛି। ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏମ୍‌ସି ମେହେଟା ମାମଲାର ଶୁଣାଣି କରୁଥିଲା। ବରିଷ୍ଠ ଓକିଲ ତଥା ନ୍ୟାୟମିତ୍ର ଅପରାଜିତା ସିଂ କୋର୍ଟଙ୍କୁ କହିଥିଲେ ଯେ, ଦୀପାବଳି ଦିନ ୩୭ରୁ କେବଳ ୯ଟି ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ଲାଗତର କାର୍ଯ୍ୟ କରୁଥିଲା। ଯଦି ଏହା କାମ କରୁନାହିଁ, ତେବେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) କେତେବେଳେ ଲାଗୁ କରାଯିବ ତାହା କିପରି ଜାଣିବା ବୋଲି ସେ ପ୍ରଶ୍ନ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ସବୁ ନିଆଯାଇଛି ସେ ନେଇ କୋର୍ଟ ସିଏକ୍ୟୁଏମ୍‌କୁ ପ୍ରଶ୍ନ ପଚାରିଛନ୍ତି। ପ୍ରଦୂଷଣ ଭୟଙ୍କର ସ୍ଥିତିରେ ପହଞ୍ଚିବା ପୂର୍ବରୁ ଆଗୁଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ଦିପାବଳୀ ପରେ ଦିଲ୍ଲୀର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ପାର କରିଥିଲା ଓ ବାୟୁରେ ଛୋଟ ଛୋଟ ଧୂଳିକଣା (ପିଏମ୍ ୨.୫) ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଥିଲା।

# ଲୁଚାଛପାରେ ଚାଲିଛି ପରମାଣୁ ପରୀକ୍ଷା !

■ ପାକିସ୍ତାନ, ଚୀନର ମୁଖା ଖୋଲିଲେ ଟ୍ରମ୍ପ

■ ବିଶ୍ୱକୁ ୧୫୦ଥର ଧ୍ୱଂସ କରିବା ପାଇଁ ପରମାଣୁ ଅସ୍ତ୍ର ଆମ ପାଖରେ ରହିଛି



ୱାସିଂଟନ୍, ୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ସମସ୍ତଙ୍କୁ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ପରମାଣୁ ଅସ୍ତ୍ର ପରୀକ୍ଷଣ ନେଇ ସେ ଏଥର ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଛନ୍ତି। ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛି ବୋଲି ସେ କହିଛନ୍ତି। ରବିବାର ସିବିଏସ୍ ନ୍ୟୁଜକୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ପୁଣିଥରେ ଆମେରିକାକୁ ପରମାଣୁ ପରୀକ୍ଷଣ ଆରମ୍ଭ କରିବାର ଅବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଆମେରିକା ପାଖରେ ପର୍ଯ୍ୟାପ୍ତ ପରିମାଣର ପରୁମାଣୁ ଅସ୍ତ୍ର ରହିଛି। ଏହି ଅସ୍ତ୍ରକୁ ବ୍ୟବହାର କରି ଆମେରିକା ବିଶ୍ୱକୁ ୧୫୦ଥର ଧ୍ୱଂସ କରିବାର କ୍ଷମତା ରଖୁଛି ବୋଲି ସେ ଦାବି କରିଛନ୍ତି। ଉତ୍ତର କୋରିଆକୁ ବାଦ୍ ଦେଲେ ଆଉ କୌଣସି ଦେଶ ପରମାଣୁ ପରୀକ୍ଷା କରୁନାହାନ୍ତି। ତେଣୁ ଆମେରିକା କାହିଁକି ପରୀକ୍ଷା କରିବ ବୋଲି ପ୍ରଶ୍ନ ହେବାରୁ ଟ୍ରମ୍ପ କହିଛନ୍ତି ଯେ, ପାକିସ୍ତାନ ଓ ଚୀନ୍ ଗୁପ୍ତ ଭାବେ ପରୀକ୍ଷା କରୁଛନ୍ତି। କିନ୍ତୁ ବିଶ୍ୱକୁ ଏ ନେଇ କୌଣସି ସୂଚନା ମିଳିନାହିଁ। ଟ୍ରମ୍ପ ପୂର୍ବରୁ ମଧ୍ୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ)କୁ ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିବା ପାଇଁ ଆଦେଶ ଦେଇସାରିଛନ୍ତି। ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ବଡ଼ ଭୂମିକା ନିର୍ବାହ କରିଛନ୍ତି ବୋଲି କହିଛନ୍ତି। ଦକ୍ଷିଣ ଏସିଆର ଏହି ଦୁଇ ଦେଶ ମଧ୍ୟରେ ପରମାଣୁ ଯୁଦ୍ଧ ହେବାର ଅବକାସ ସୃଷ୍ଟି ହୋଇଥିଲା। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ କରାଇଥାନ୍ତି, ତାହେଲେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥାନ୍ତେ ବୋଲି ସେ ଏହି ସାକ୍ଷାତକାରରେ କହିଛନ୍ତି। ମଧ୍ୟସ୍ଥତା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା ଓ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆଗକୁ ବଢ଼ି ନଥିଲା। ପୂର୍ବରୁ ମଧ୍ୟ ଟ୍ରମ୍ପ ଏ ନେଇ ଏକାଧିକ ବାର ଦାବି କରିଆସିଛନ୍ତି। ସେ ମୋଟ ଉପରେ ୭୦ଥର ଏପରି ଦାବି କରିଛନ୍ତି। ଗତ ସପ୍ତାହରେ ଟ୍ରମ୍ପ ଦକ୍ଷିଣ କୋରିଆରେ ଏପରି ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଉପରେ ୨୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଧମକ ଦେବା ପରେ ଦୁଇ ଦେଶ ଫୋନ୍ କରି ଅସ୍ତ୍ରବିରତି ନେଇ ସହମିତ ପ୍ରକାଶ କରିଥିଲେ। ସେହିପରି ସେ ଚୀନ୍ ଓ ତାଇୱାନ ନେଇ ନିଜର ମତ ରଖିଥିଲେ। ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ସେ କହିଥିଲେ। ସେ ମଧ୍ୟ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କୁ ପ୍ରଶଂସା କରିଥିଲେ। ଯଦି ଆମେରିକା ପରମାଣୁ ପରୀକ୍ଷା କରେ ତେବେ ୩ ଦଶନ୍ଧି ପରେ ଏପରି ହେବ। ଚୀନ୍ ଓ ରୁଷ୍ ଏପରି କରୁଥିବାର ଆମେରିକା ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବା ଯଥାର୍ଥ ହେବ ବୋଲି ସେ କହିଥିଲେ।

## ତେଲଙ୍ଗାନାରେ ବସ୍-ଡମ୍ଫର ଧକ୍କା; ୧୯ ମୃତ

ରଙ୍ଗାରେଡ୍ଡୀ, ୩।୧୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ସୋମବାର ସକାଳେ ହାଇଦରାବାଦ- ବିଜାପୁର ରାଜପଥରେ ଏକ ଭୟଙ୍କର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ତେଲଙ୍ଗାନା ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଟିଏସ୍ଆରଟିସି)ର ଏକ ବସ ଓ ଗୋଡି ତଥା କଂକ୍ରିଟ୍ ଭର୍ତ୍ତି ଏକ ଡମ୍ଫର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ମାସର ଏକ ଶିଶୁ ସହ ୧୦ ଜଣ ମହିଳା ଓ ଦୁଇ ଗାଡ଼ିର ଡ୍ରାଇଭର ସାମିଲ ଅଛନ୍ତି। ଆହତଙ୍କୁ ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ହାଇଦରାବାଦ୍‌ଠାରୁ ୬୦ କିମି ଦୂରରେ ଥିବା ଚେଭେଲା ଥାନା କ୍ଷେତ୍ରର ଖାନ୍‌ପୁର ଗେଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍ ବିକାରବାଦ ଜିଲ୍ଲାର ତନ୍ଦୁରରୁ ହାଇଦରାବାଦ ଯାଉଥିଲା। ଭୁଲ ଦିଗରୁ ଆସୁଥିବା ଏହି ଡମ୍ଫର ବସ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବସ୍ ପୁରାପୂରି କ୍ଷତିଗ୍ରସ୍ତ ହୋଇଥିଲା। ଡମ୍ଫରରେ ଥିବା ଗୋଡି ବସ୍‌ରେ ବସିଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଫଳରେ କେତେଜଣ ଯାତ୍ରୀ ଗୋଡି ଭିତରେ ଦବି ଯାଇଥିଲେ। ଏହି ଘଟଣାର ହୃଦୟ ବିଦାରକ ଦୃଶ୍ୟର ଭିଡିଓ ଏବେ ସାମ୍ନାକୁ ଆସିଛି। ଗୋଡି ତଳେ ଦବି ରହିଥିବା ଯାତ୍ରୀ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ଦେଖାଯାଇଛି। ସୂଚନା ପାଇଁ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବାହାର କରୁଛନ୍ତି। ମୃତଦେହଗୁଡିକୁ ବାହର କରିବାକୁ ଉଦ୍ଧାରକାରୀ ଦଳକୁ ବସ୍‌କୁ କାଟିବାକୁ ପଡୁଛି। ଡ୍ରାଇଭର ଓ ତାଙ୍କ ସିଟ୍‌ର ପଛଭାଗ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ବସିଥିବା ଯାତ୍ରୀମାନେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣାକୁ ତେଲଙ୍ଗାନା ସରକରା ଗମ୍ଭୀରତା ସହ ଗ୍ରହଣ କରି ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଭୀଷଣ ଭିଡ଼ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି।

## ଅଶ୍ଳୀଳ ଭିଡିଓ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଅଶ୍ଳୀଳ ତଥା ପର୍ଣ୍ଣ ଭିଡିଓକୁ ନିଷିଦ୍ଧ କରିବା ନେଇ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହିକ୍ରମରେ କୋର୍ଟ ନେପାଳରେ ହୋଇଥିବା ଜେନ- ଜେଡ ଆନ୍ଦୋଳନର ଉଦାହରଣ ଦେଇଛନ୍ତି। ନେପାଳରେ ସୋସିଆଲ ମିଡିଆକୁ ନିଷିଦ୍ଧ କରିବା ପରେ କ'ଣ ହେଲା, ତାହା ଦେଖନ୍ତୁ ବୋଲି କୋର୍ଟ କହିଛନ୍ତି। ତେବେ ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି ଯେ, ପର୍ଣ୍ଣୋଗ୍ରାଫି ନେଇ ହୋଇଥିବା ଆବେଦନର ଶୁଣାଣି ୪ ସପ୍ତାହ ପରେ କରାଯିବ। ଉଲ୍ଲେଖ ଯୋଗ୍ୟ ଯେ, ନଭେମ୍ବରେ ୨୩ରେ ହେବାକୁ ଥିବା ଏହି ଶୁଣାଣି ପୂର୍ବରୁ ଗଭାଇ ନିଜ ପଦରୁ ଅବସର ନେଇ ସାରିଥିବେ। ଏହି ଆବେଦନରେ କେନ୍ଦ୍ର ସରକାର ଅଶ୍ଳୀଳ କଣ୍ଟେଟ୍ ଉପରେ ନିଷେଧାଦେଶ ଜାରି କରିବା ନେଇ ପଲିସି ଆଣିବାକୁ ଦାବି କରାଯାଇଥିଲା। ଏଥିସହ ଛୋଟପିଲାଙ୍କ ନିକଟରେ ଏହି କଣ୍ଟେଟ୍ ନ ପହଞ୍ଚିବ ଯେଭଳି ସେ ନେଇ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ପବ୍ଲିକ୍ ପ୍ଲାଟଫର୍ମରେ ଏହି ଭିଡିଓ ହଟାଇବାକୁ ଦାବି କରାଯାଇଛି।

# ଡିଜିଟାଲ ଆରେଷ୍ଟ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

■ ୩ ହଜାର କୋଟିର ସାଇବର ଠକେଇ

■ କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦେଶବ୍ୟାପୀ ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ଜାହିର କରିଛନ୍ତି। ସରକାର ସାଇବର ଠକେଇ ସହ ଜଡିତ ତଥ୍ୟ ଦେଇଥିଲେ। ଦେଶବ୍ୟାପୀ ଏହି ଠକେଇରେ ପୀଡିତମାନଙ୍କଠାରୁ ପାଖାପାଖି ୩ ହଜାର କୋଟି ଟଙ୍କା ଲୁଟି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ମାମଲାକୁ କଠୋରତା ସହ ମୁକାବିଲା କରିବାକୁ ହେବ। ଦେଶର ୩ ହଜାର କୋଟି ଟଙ୍କାର ସାଇବର ଠକେଇ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବୋଲି କୋର୍ଟ କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ଦିଶା ନିର୍ଦ୍ଦେଶ ଜାରି କରାଯିବ।

ପୂର୍ବରୁ ଅକ୍ଟୋବର ୨୭ରେ ହୋଇଥିବା ଶୁଣାଣିରେ ସବୁ ରାଜ୍ୟରେ ହୋଇଥିବା ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଏଫ୍ଆଇଆରର ସମ୍ପର୍କରେ ସୂଚନା ମାଗିଥିଲେ। ଏଥିସହ ସିବିଆଇ ପାଖରେ ଏହି ମାମଲାଗୁଡିକର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଅଛି କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ସିବିଆଇ ଏ ନେଇ କୋର୍ଟଙ୍କୁ ଏକ ଲଫାପାରେ ବନ୍ଦ ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲେ। ଗୃହ ମନ୍ତ୍ରଣାଳୟ ଭିନ୍ନ ଭିନ୍ନ୍ ବିଭାଗ ଏ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ହରିୟାଣାର ଏକ ବୃଦ୍ଧ ଦମ୍ପତି ସେପ୍ଟେମ୍ବର ୩ରୁ ୧୬ ମଧ୍ୟରେ ୧.୦୫ କୋଟି ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ଏହି ଦମ୍ପତି ସେପ୍ଟେମ୍ବର ୨୧ରେ ମୁଖ୍ୟ ବିଚାରପତି ଭିଆର ଗଭାଇଙ୍କୁ ଚିଠି ଲେଖି ଜଣାଇଥିଲେ। ଏହାପରେ କୋର୍ଟ ନିଜର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

# ଟ୍ରମ୍ପଙ୍କ ଲୋକପ୍ରିୟତା ୧୮ ପ୍ରତିଶତ କମିଛି

ୱାଶିଂଟନ, ୩।୧୧(ଏଜେନ୍ସି): ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୋଟିଏ ବର୍ଷ ପୂରଣ କରିବ। କିନ୍ତୁ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ନଭେମ୍ବର ୪ରେ ସେ ସବୁଠାରୁ ବଡ଼ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହି ଦିନ ଆମେରିକାର ନ୍ୟୁୟର୍କ ସିଟିର ମେୟର ନିର୍ବାଚନ ଆୟୋଜନ ହେବ। ଏଥିସହ ଭିର୍ଜିନିଆ ଓ ନ୍ୟୁଜର୍ସି ରାଜ୍ୟରେ ଗର୍ଭନର ଓ ବିଧାନସଭା ନିର୍ବାଚନ ହେବ। ଗତ ଗୋଟିଏ ବର୍ଷ ହେବ ଟ୍ରମ୍ପଙ୍କ ନେଟ୍ ଆପ୍ରୁଭାଲ ରେଟିଂ ଅର୍ଥାତ ଲୋକପ୍ରିୟତା ନଭେମ୍ବର ଆରମ୍ଭରେ ୧୮ ପତିଶତ ତଳକୁ ଖସିଛି।

ଏହା ପୂର୍ବତନ ରାଷ୍ଟ୍ରପତି ଓବାମା ଓ ଜୋ ବାଇଡେନଙ୍କ ପ୍ରଥମ ବର୍ଷ ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି। ଓବାମା ପ୍ରଥମବର୍ଷ ଶେଷରେ ଏହା ୩ ପ୍ରତିଶତ ଓ ବାଇଡେନଙ୍କ ୭ ପ୍ରତିଶତ କମ୍ ହୋଇଥିଲା। ୱାସିଂଟନଠାରୁ ଆରମ୍ଭ କରି ଭିର୍ଜିନିଆ ଓ ନ୍ୟୁୟର୍କ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଏହି ନିର୍ବାଚନ ଉପରେ ରହିଛି। ଆମେରିକାର ଜନସାଧରଣ ଟ୍ରମ୍ପଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି କି ନା ତାହା ଏହି ନିର୍ବାଚନ ହିଁ ସ୍ପଷ୍ଟ କରିବ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏହାକୁ ନୀତିଗତ ଦୃଢ଼ତା ବିବେଚନା କରୁଥିବା ବେଳେ ବିରୋଧୀ ଡେମୋକ୍ରାଟ୍ସ ଏହାକୁ 'ମିନି ରେଫ୍ରେଣ୍ଡମ' ବା ଲଘୁ ଜନମତ ବୋଲି କହିଛି। ଉଲ୍ଲେଖଥାଉ କି, ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ତଥା ଯୁବନେତା ଜୋହରାନ ମମଦାନୀ (୩୩) ଏକ ବଡ଼ ଚେହେରା ଭାବେ ଉଦୟ ହୋଇଛନ୍ତି। ସେ ନ୍ୟୁୟର୍କ ଷ୍ଟେଟ ଆସେମ୍ବ୍ଲିର ସଦସ୍ୟ ଅଛନ୍ତି। ଜୋହରାନ ଆଫ୍ରିକାର ୟୁଗାଣ୍ଡାର ଲେଖକ ମହମୁଦ ମମ୍‌ଦାନୀ ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ମମଦାନୀ ଏବେ ୧୪ ପ୍ରତିଶତର ବଡ଼ ଅନ୍ତରରେ ଆଗରେ ରହିଛନ୍ତି। ନିର୍ବାଚନରେ ମମଦାନୀଙ୍କ ବିରୋଧରେ ୬୭ ବର୍ଷୀୟ ପୂର୍ବତନ ଗଭର୍ନର ଆଣ୍ଡ୍ରୁ କୁମୋ ଅବତୀର୍ଣ୍ଣ ହୋଇଛନ୍ତି। ଯଦି ମମ୍‌ଦାନୀ ମେୟର ଭାବେ ନିର୍ବାଚିତ ହେଉଛନ୍ତି ତେବେ, ନ୍ୟୁୟର୍କକୁ ସଂଘୀୟ ସହାୟତା ପାଣ୍ଠି ବନ୍ଦ କରିବାକୁ ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

# ଅନନ୍ତ ସିଂହଙ୍କ ପାଇଁ ଭୋଟ ମାଗିଲେ କେନ୍ଦ୍ରମନ୍ତ୍ରୀ



ପାଟନା, ୩।୧୧ (ଏଜେନ୍ସି): ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ ତାହା ରାଜନୀତିରେ ଦେଖାଯାଇଥାଏ। ଏହାର ନିଛକ ଦୃଶ୍ୟ ବିହାରରୁ ସାମ୍‌ନାକୁ ଆସିଛି। ଗ୍ୟାଙ୍ଗଷ୍ଟାର ରାଜନୀତିକୁ ଆସି ନିର୍ବାଚନ ଲଢୁଛନ୍ତି। ଆଉ ଧଳା ପୋଷାକ ତଳେ ରହି ଲୋକେ କଳା ସାମ୍ରାଜ୍ୟ ଚଳାଉଛନ୍ତି। ଏଭଳି ଦୁଇ ନେତା ହେଉଛନ୍ତି ଦୁଲାରଚାନ୍ଦ ଯାଦବ ଏବଂ ବାହୁବଳୀ ଅନନ୍ତ ସିଂହ ଓରଫ ଛୋଟେ ସରକାର। ଗ୍ୟାଙ୍ଗଷ୍ଟାରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦଙ୍କ ହତ୍ୟା ମାମଲାରେ ମୋକାମାର କ୍ଷମତାସୀନ ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ତଥା ଛୋଟେ ସରକାର ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନର ଦିନକ ପରେ ଅନନ୍ତଙ୍କ ପାଇଁ ପ୍ରଚାର କରିବାକୁ ମୋକାମାରେ ଅନେକ ହେଭିୱେଟ ପହଞ୍ଚି ଯାଇଛନ୍ତି। ଏହି ଆସନର ପ୍ରଚାରପ୍ରସାର ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ଲଲନ ସିଂହ ନିଜ ହାତକୁ ନେଇଛନ୍ତି। ସେ ସୋମବାର ଅନନ୍ତ ସିଂହଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଖାଲି ସେତିକି ନୁହେଁ, ଉପମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ମଧ୍ୟ ଆଜି ମୋକାମାରେ ରୋଡ୍ ଶୋ' କରିଛନ୍ତି।

ଲଲନ ସିଂହ କହିଛନ୍ତି ଯେ ଅନନ୍ତ ଜେଲ୍ ଯିବା ପରେ ଦାୟିତ୍ୱ ବଢ଼ି ଯାଇଛି। ଜଣେ ଜଣେ ବ୍ୟକ୍ତିଙ୍କୁ ଅନନ୍ତ ସିଂହ ହୋଇ ନିର୍ବାଚନ ଲଢ଼ିବାକୁ ହେବ। ସେହିପରି ଅନନ୍ତଙ୍କୁ ଜେଲ୍ ପଠାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଦାବି କରିଛନ୍ତି। ସେହିପରି ବିଜେପି ସାଂସଦ ବୃଜଭୂଷଣ ଶରଣ ସିଂହ ମଧ୍ୟ ଅନନ୍ତଙ୍କ ସପକ୍ଷରେ ବାହାରିଛନ୍ତି। ସେ ଏହି ବାହୁବଳୀଙ୍କୁ ନିର୍ଦ୍ଦୋଷ କହିଛନ୍ତି। ତାଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର କରାଯାଇଥିବା କୁହାଯାଉଛି। ତେବେ ନିଜ ସରକାର ଥିବାବେଳେ ଛୋଟେ ସରକାରଙ୍କ ବିରୋଧରେ ମିଥ୍ୟା ଏତଲା କେମିତି ଦାଏର କରାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି।

## ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇଲେ ଦୁଇ ଭାଇ

ବିହାରର ସବୁଠାରୁ ହଟ୍ ସିଟ୍ ମହୁଆ ଏବଂ ରାଘୋପୁରରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଦୁଇ ପୁଅ ମୈଦାନକୁ ଓହ୍ଲାଇଛନ୍ତି। ଏହି ଦୁଇ ଆସନ ଦୁଇ ଭାଇଙ୍କ ମଧ୍ୟରେ ଲଢେଇର କ୍ଷେତ୍ର ପାଲଟି ଯାଇଛି। ପ୍ରେମ ବିବାହକୁ ନେଇ ବଡ଼ ପୁଅ ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବାହାରି କରିଦେଇଥିବା ଲାଲୁଙ୍କ ନିମନ୍ତେ ସେ ହିଁ କଣ୍ଟା ପାଲଟି ଯାଇଛନ୍ତି। ଲାଲୁଙ୍କ ସାନ ପୁଅ ତେଜସ୍ୱୀ ହେଲିକପ୍ଟରରୁ ମହୁଆରେ ଓହ୍ଲାଇ ଭୋଟ ମାଗିବାରୁ ରାଜନୈତିକ ଚିତ୍ର ବଦଳି ଯାଇଛି। ମହୁଆରୁ ବଡ଼ ଭାଇ ତେଜପ୍ରତାପଙ୍କ ବିରୋଧରେ ତେଜସ୍ୱୀ ଭୋଟ ମାଗିଛନ୍ତି। ଏହାର ପ୍ରତି ବଦଳରେ ସାନ ଭାଇ ତେଜସ୍ୱୀଙ୍କ ନିର୍ବାଚନ କ୍ଷେତ୍ର ରାଘୋପୁରର ୨ଟି ସ୍ଥାନରେ ହେଲିକପ୍ଟର ଓହ୍ଲାଇ ଜବାବ ଦେବେ ବୋଲି ତେଜପ୍ରତାପ କହିଛନ୍ତି। ଦୁଇ ଭାଇଙ୍କ ବିବାଦ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି।

ସୂଚନା ଅନୁଯାୟୀ ଘରୁ ଏବଂ ଦଳରୁ ବାହାର କରାଯିବା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ଗଢିଛନ୍ତି। ସେ ବୈଶାଳୀର ମହୁଆ ସିଟ୍‌ରୁ ଲଢୁଛନ୍ତି। ସେହିପରି ତେଜସ୍ୱୀ ବିରୋଧୀଙ୍କ ମହାମେଣ୍ଟ ଇଣ୍ଡିଆର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ସେ ମହୁଆରେ କହିଥିଲେ ଯେ ଦଳଠାରୁ ବଡ଼ କେହି ନୁହେଁ। ଦଳ ହିଁ ତାଙ୍କର ବାପାମାଆ। ଦଳ ଅଛି ତ ସବୁ ଅଛି; ଦଳ ନ ଥିଲେ କିଛି ନାହିଁ। ଏହାର ଜବାବରେ ତେଜପ୍ରତାପ କହିଛନ୍ତି ଯେ ଜନତାଙ୍କଠାରୁ ବଡ଼ କେହି ନୁହେଁ ବୋଲି ମୋର ବାଲୁତ ଭାଇ ବୁଝିବା ଦରକାର। ଜନତା ହିଁ ମାଲିକ। ଗଣତନ୍ତ୍ରରେ କୌଣସି ପାର୍ଟି କିମ୍ବା ପରିବାର ନୁହେଁ, ଜନତା ହିଁ ସବୁଠୁ ବଡ଼।





ଉପନିର୍ବାଚନ ପାଇଁ ସୋମବାର ନୂଆପଡ଼ାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା

# ଶ୍ରୀମନ୍ଦିରରୁ ଡାଲ୍‌ଡା ଘିଅ ଜବତ

## ଉଲ୍ଲଂଘନକାରୀ ମହାସୁଆର ସେବକଙ୍କୁ କୈଫିୟତ ତଲବ

ପୁରୀ, ୩।୧୧(ସମିସ): ଶ୍ରୀମନ୍ଦିର ମଧ୍ୟରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ। ଅନ୍ୟ କୌଣସି ପ୍ରକାର ଘିଅ ବ୍ୟବହାର କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସ୍ଥିର କରିଥିଲା। ଏ ସଂକ୍ରାନ୍ତରେ ସୁଆର ମହାସୁଆର ସେବକଙ୍କୁ ନିର୍ଦ୍ଦେଶ ବି ଦିଆଯାଇଥିଲା। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୋମବାର ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ କରାଯାଇଛି। ଜଣେ ମହାସୁଆର ସେବକ ଏହି ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ କୈଫିୟତ ତଲବ କରିଛି। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରସାଦ ହେଉ କିମ୍ବା ଶୁଖିଲି ଭୋଗ; ସବୁଥିରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ। ପୂର୍ବରୁ ବିଭିନ୍ନ ପ୍ରକାର ନିମ୍ନମାନର ଘିଅ ବ୍ୟବହାର କରାଯାଉଥିବା ବାରମ୍ବାର ଅଭିଯୋଗ ଆସିବା ପରେ ପରିଚାଳନା କମିଟି ଏହି ନିଷ୍ପତ୍ତି ନେଇଥିଲା। ତେଣୁ ଏନେଇ ସହଯୋଗ କରିବାକୁ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଓମ୍‌ଫେଡକୁ ଅନୁରୋଧ କରିଥିଲେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଶ୍ରୀମନ୍ଦିରର ଆବଶ୍ୟକତାକୁ ନଜରରେ ରଖି ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଡିପୋ ଖୋଲାଯିବା ନେଇ ଓମଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧ୍ୟକୁ ଓମଫେଡ୍ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ତଦନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଜଣାଇ ଦିଆଯାଇଥିଲା। ବରିଷ୍ଠ ସୁପରଭାଇଜର ଏବଂ କମାଣ୍ଡର୍ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା। ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟ ଛାପ ଘିଅ ଶ୍ରୀମନ୍ଦିରକୁ ନେବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରି ଦିଆଯାଇଥିଲା। ଏହାସତ୍ତ୍ୱେ ସୋମବାର ପବିତ୍ର କାର୍ତ୍ତିକ ମାସ ପଞ୍ଚୁକରେ ଶ୍ରୀମନ୍ଦିର ଭିତରୁ ଡାଲ୍‌ଡା ଘିଅ ଜବତ ହୋଇଛି।

# ବାଘଛାଲ କାରବାରରେ ଆଇଏଏସ୍ ପୁଅ

ଭୁବନେଶ୍ୱର, ୩।୧୧(ସମିସ): କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଅପରାଧ ଶାଖା (ଏସସିୟୁ) ଆଜି ଭୁବନେଶ୍ୱରରେ ଏକ ବାଘଛାଲ ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଢୁମୁଢୁମା ପଞ୍ଚସଖାନଗରର ରୋହିତ ମହାପାତ୍ର(୨୬),

- ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ
- ମାଷ୍ଟରମାଇଣ୍ଡ ସମେତ ୩ ଗିରଫ
- ୩୦ ଲକ୍ଷରେ ହୋଇଥିଲା ଡିଲ୍
- କର୍ଣ୍ଣାଟକରୁ ଦିଲ୍ଲୀ ଯାଏଁ ଲମ୍ବିଛି ଚେର



ଭଞ୍ଜନଗରର ମନଜିତ୍ ସାବତ(୨୧) ଓ ଗଣ୍ଡମୁଣ୍ଡା ଅଞ୍ଚଳର ଶମ୍ଭୁ ବିଷୋୟୀ (୨୩)। ରୋହିତ ଏହାର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି। ତେବେ ରୋହିତ କେନ୍ଦ୍ରରେ କାର୍ଯ୍ୟରତ ଜଣେ ଆଇଏଏସ୍ ଅଧିକାରୀଙ୍କ ପୁଅ ବୋଲି ପୁଲିସକୁ କହିଛି। ଏ ସଂପର୍କରେ ପୁଲିସ ଯାଞ୍ଚ ଚଳାଇଛି।

ପୁଲିସ ସୂଚନାନୁସାରେ, ଦୁଇ ତିନିଜଣ ବେପାରୀ ରାଜଧାନୀରେ ବାଘଛାଲ ଡିଲ୍ କରୁଥିବା ନେଇ ଏସ୍‌ସିୟୁକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ଏସସିୟୁର ଟିମ୍ ଗ୍ରାହକ ବେଶ ଧାରଣ କରିଥିଲା। ଡିସିପି ଅନୁପ କାନୁନଗୋଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ବେପାରୀଙ୍କ କହିବା ଅନୁସାରେ ହୋଟେଲ ମେ' ଫେୟାର ନିକଟକୁ ଯାଇଥିଲା। ଅଭିଯୁକ୍ତମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସାଙ୍ଗରେ ୫ଲକ୍ଷ ଟଙ୍କା ନେଇଥିଲେ। ମନଜିତ୍ ଓ ଶମ୍ଭୁ ସେଠାକୁ ଡିଲ୍ ପାଇଁ ଆସିଥିଲେ ହେଁ ସାଙ୍ଗରେ ବାଘଛାଲ ଆଣିନଥିଲେ। କିନ୍ତୁ ଆଖି ଆଗରେ ୫ଲକ୍ଷ ଟଙ୍କା ଦେଖି ଦୁଇଜଣଯାକ ଲୋଭରେ ପଡ଼ି ପୁଲିସ ଜାଲରେ ଛନ୍ଦି ହୋଇଯାଇଥିଲେ। ଛଦ୍ମବେଶୀ ପୁଲିସ ଟିମ୍‌କୁ ଅପେକ୍ଷା କରିବାକୁ କହି ଦୁହେଁ ସେଠାରୁ ପଳାଇଥିଲେ ଏବଂ କିଛି ସମୟ ପରେ ଏକ କଳାପତରିଆ ବାଘଛାଲ ଧରି ଫେରିଥିଲେ। ଏହା ଦେଖି ପୁଲିସ ଟିମ୍ ଦୁହିଁଙ୍କୁ କାବୁ କରିବା ସହ କିଛି ଦୂରରେ ଥିବା ମାଷ୍ଟରମାଇଣ୍ଡ ରୋହିତକୁ ଧରିଥିଲା।

ଏହି ବାଘଛାଲ ଜବତ ହେବା ପରେ କର୍ଣ୍ଣାଟକ ଓ ଦିଲ୍ଲୀ ଲିଙ୍କ୍ ପଦାକୁ ଆସିଛି। ବାଘଟିର ବୟସ ୮/୯ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହା କର୍ଣ୍ଣାଟକରୁ ଆସିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ରାଉରକେଲାର ଜଣେ ବ୍ୟକ୍ତି ଏହାକୁ କର୍ଣ୍ଣାଟକରୁ ଓଡ଼ିଶା ଆଣିଥିଲା। ତା'ଠାରୁ ମନଜିତ୍ ଓ ଶମ୍ଭୁ ଆଣି ରୋହିତକୁ ଦେଇଥିଲେ।

ରୋହିତର ବାପା ଜଣେ ଆଇଏଏସ୍ ଅଧିକାରୀ ଓ ସେ କେନ୍ଦ୍ରରେ କାର୍ଯ୍ୟରତ ବୋଲି ସେ ପୁଲିସକୁ କହିଛି। ଏପରିକି, ତା' ପରିବାର ଦିଲ୍ଲୀରେ ରହୁଛନ୍ତି ବୋଲି ସେ କହିଛି। ରୋହିତ ଭୁବନେଶ୍ୱରରେ ରହୁଥିବା ବେଳେ ଅନେକ ସମୟ ଦିଲ୍ଲୀ ଯିବାଆସିବା କରେ। ଦିଲ୍ଲୀର ଜଣେ ବ୍ୟବସାୟୀ ବାଘଛାଲ ବରାଦ କରିବାରୁ ରୋହିତ ଛାଲ ଯୋଗାଡ଼ କରିଥିଲା। ମୋଟ ୩୦ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଦିଲ୍ଲୀରେ ପହଞ୍ଚାଇବା ପରେ ରୋହିତକୁ ୫ଲକ୍ଷ ଟଙ୍କା କମିସନ ମିଳିଥାନ୍ତା। କିନ୍ତୁ କୌଣସି କାରଣରୁ ଦିଲ୍ଲୀ ଡିଲ୍ ବିଳମ୍ବ ହେବାରୁ ରୋହିତ ବାଘଛାଲ ଧରି ଭୁବନେଶ୍ୱରରେ ଥିଲା। ଏହାରି ଭିତରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେନେଇ ଖୋଳତାଡ଼ ଜାରି ରଖିଛି ପୁଲିସ। ଆବଶ୍ୟକ ପଡ଼ିଲେ, ରୋହିତକୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଧାନ ଖାଇବାରୁ ହାତୀକୁ ଗୁଳି କରି ହତ୍ୟା



ଭଞ୍ଜନଗର, ୩।୧୧ (ସମିସ): ବାଇବାଲି ଜଙ୍ଗଲର ବାଣିଆପଲ୍ଲୀ ଗାଁ ପାଖ ଜଙ୍ଗଲରେ ୧୫ ବର୍ଷୀୟ ଦନ୍ତା ହାତୀକୁ ଗୁଳି କରି ମାରିବା ଘଟଣାରେ ବନବିଭାଗ ଉମାକାନ୍ତ ପ୍ରଧାନ ଓରଫ୍ ନଣ୍ଡା (୫୦)କୁ ଗିରଫ କରିଛି। ତା' ପାଖରୁ ପୁଲିସ ୩ଟି ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ଦେଶୀ ଗୁଳି ଓ ବିସ୍ଫୋରକ ଜବତ କରାଯାଇଛି। ଏନେଇ ମୁଜାଗଡ଼ ରେଞ୍ଜ

**ଅଭିଯୁକ୍ତ ଗିରଫ; ୩ ଦେଶୀ ବନ୍ଧୁକ ଓ ଗୁଳି ଜବତ**

ପକ୍ଷରୁ ନମ୍ବର ଓଆର-୪୩୨/୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି। ନଣ୍ଡାକୁ କୋର୍ଟଚାଲାଣ କରାଯିବ ବୋଲି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ଗୁରୁବାର ରାତିରେ ଉମାକାନ୍ତ ନିଜ ଧାନଜମି ଜଗିବାକୁ ଯାଇଥିଲା। ସାଙ୍ଗରେ ଏକ ଦେଶୀ ବନ୍ଧୁକ ନେଇଥିଲା। ଏହି ସମୟରେ ୨୪ଟିକିଆ ଏକ ହାତୀପଲ ମଧ୍ୟରୁ ୨ଟି ହାତୀ ତା' ଧାନଜମିରେ ପଶିଥିଲେ। ହାତୀକୁ ଦେଖି ସେ ପ୍ରଥମେ ୨ଟି ବାଣ ଫୁଟାଇ ଘଉଡ଼ାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଏହା ପରେ ବି ହାତୀଦ୍ୱୟ ଜମିରୁ ନଯିବାରୁ ତା' ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ହାତରେ ଧରିଥିବା ବନ୍ଧୁକରୁ ଗୁଳି ଫୁଟାଇଥିଲା। ଏଥିରେ ଗୋଟିଏ ହାତୀ ଘଟଣାସ୍ଥଳରେ ଟଳି ପଡ଼ିଥିଲା। ପରେ ସେ ଘଟଣାସ୍ଥଳରୁ ଖସି ଆସି ନିଜ ଜମି ପାଖରେ ଏକ ବୁଦାମୂଳେ ବନ୍ଧୁକ ରଖି ପାଲ ଘୋଡ଼ାଇ ଦେଇଥିଲା।

ଶନିବାର ବନ ବିଭାଗ ହାତୀର ବ୍ୟବଚ୍ଛେଦ କରିବା ବେଳେ ଆଗପଟର ଡାହାଣ ଗୋଡ଼ ସନ୍ଧିରେ ଗୁଳିମାଡ଼ ହୋଇଥିବା ଦେଖିବାକୁ ପାଇଥିଲେ। ସେହିପରି, ଗୁଳି ବାଜିବା ପରେ ହାତୀଟି ଘଟଣାସ୍ଥଳରୁ ପାଖାପାଖି ୪ଶହ ମିଟର ଯିବା ପରେ ଟଳି ପଡ଼ିଥିବା ଅନୁମାନ କରାଯାଇଥିଲା। ଏହାର ତଦନ୍ତ କରି ବନ ବିଭାଗ ରବିବାର ରାତିରେ ବାଣିଆପଲ୍ଲୀ ଗାଁରେ ଚଢ଼ଉ କରି ଅଭିଯୁକ୍ତ ଉମାକାନ୍ତକୁ ଗିରଫ କରିଥିଲେ। ଏହି ଚଢ଼ଉରେ ଫରେଷ୍ଟର୍ ଟୁନା ମଳିକ, ବବୁଲ କୁମାର ସେଠୀ, ଅନୁପ କୁମାର ବିଷୋୟୀ ଓ ରାଜେନ୍ଦ୍ର ଦଳେଇଙ୍କ ସମେତ ବହୁ ଗଜସାଥୀ ସାମିଲ ଥିଲେ।

# ବୁଡ଼ ପକାଇବା ବେଳେ ଅଘଟଣ | ଘୋଡ଼ାହାଡ଼ ନଦୀରେ ଭାସିଗଲେ ଦୁଇ ମହିଳା

ଦିଗପହଣ୍ଡି, ୩।୧୧(ସମିସ): ଦିଗପହଣ୍ଡି ବ୍ଲକ୍ ଖମାରୀ ପଞ୍ଚାୟତ ସେବକଟିକରପଡ଼ା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରେ ଆଜି ଏକ ଅଘଟଣ ୨ ମହିଳାଙ୍କ ଜୀବନ ନେଇଛି। ମୃତ ମହିଳାଦ୍ୱୟ ହେଲେ, ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ(୭୦) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼(୪୨)। ଆଜି ଭୋର୍ ପ୍ରାୟ ୪ଟାରେ ପଞ୍ଚୁକ ପାଇଁ ବୁଡ଼ ପକାଇବା ବେଳେ ନଦୀରେ ଭାସି ଦୁହେଁ ପ୍ରାଣ ହରାଇଛନ୍ତି।

ଲଳିତା ବୁଡ଼ ପକାଉଥିବା ବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା ଏବଂ ନଦୀର ପ୍ରଖର ସ୍ରୋତରେ ସେ କିଛି ଦୂରକୁ ଭାସି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି




ପାଖରେ ଗାଧୋଉଥିବା ସବିତା ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ମଧ୍ୟ ନଦୀ ସୁଅରେ ଭାସି ଯାଇଥିଲେ। ପାଖରେ ଗାଧୋଉଥିବା ଅନ୍ୟ ମହିଳାମାନେ ଏ ସଂପର୍କରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଦିଗପହଣ୍ଡି ଦମକଳବାହିନୀ ଘଟଣାସ୍ଥଳଠାରୁ ପ୍ରାୟ ୧କିମି ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି କିଛି ଗ୍ରାମବାସୀଙ୍କ ସହାୟତାରେ ନଦୀରୁ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ତ୍ରିବିକ୍ରମ ବେଶରେ ମହାପ୍ରଭୁ

ପୁରୀ,୩।୧୧(ସମିସ): କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ସୋମବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମ୍ବୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ୍ୟ ଖଞ୍ଜା ଯାଇଥିଲା।

# କୋମାରେ ଏମ୍‌କେସିଜି ରକ୍ତଭଣ୍ଡାର

- ଜରୁରି ସମୟରେ ମିଳିଲାନି ରକ୍ତ
- ଆନ୍ଧ୍ର ପଲାସାରୁ ଆଣି ଚିକିତ୍ସା କରାଇଲେ

ବ୍ରହ୍ମପୁର,୩।୧୧(ସମିସ): କୋମାରେ ଏମ୍‌କେସିଜି ରକ୍ତଭଣ୍ଡାର। ଜରୁରୀ ସମୟରେ ରୋଗୀଙ୍କୁ ମଳୁନି ରକ୍ତ। ଆଜି ଜଣେ ରୋଗୀଙ୍କ ସଂପର୍କୀୟ ଏଭଳି ସଂଗିନ୍ ଅଭିଯୋଗ ଆଣିଛନ୍ତି। ଅସ୍ତ୍ରୋପଚାର ପାଇଁ ୩ ୟୁନିଟ୍ ରକ୍ତ ଆବଶ୍ୟକ ଥିବା ବେଳେ ରକ୍ତଭଣ୍ଡାରରେ ମାତ୍ର ଗୋଟିଏ ୟୁନିଟ୍ ରକ୍ତ ମହଜୁଦ ଥିଲା। ପରିବାରଲୋକ ସୁଦୂର ଆନ୍ଧ୍ରର ପଲାସାରୁ ଆଉ ୨ ୟୁନିଟ୍ ରକ୍ତ ଯୋଗାଡ଼ କରିବା ପରେ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ଖାଲି ଏହି ଗୋଟିଏ ଘଟଣା ନୁହେଁ, ଅନେକ ସମୟରେ ବହୁ ରୋଗୀ ନିରାଶ ହେଉଥିବା ଦେଖିବାକୁ ମିଳୁଛି। ଏଠାରେ କାର୍ଯ୍ୟରତ କର୍ମଚାରୀ ଓ ଡାକ୍ତର କାର୍ଯ୍ୟ ସମୟରେ ଅନୁପସ୍ଥିତ ରହୁଥିବାରୁ ପରିଚାଳନାରେ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଲୋଚାପଡ଼ାସ୍ଥିତ ସୀମାନଗର ପଞ୍ଚମ ଲାଇନ୍‌ର ରୋଜାଲିନ ପଟ୍ଟନାୟକ (୧୮)ଙ୍କ ବାମହାତର କଚି ନିକଟରେ ଏକ ମାଂସ ପିଣ୍ଡୁଳା ବଢୁଥିଲା। ପରିବାରଲୋକ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ପରୀକ୍ଷା ନିରୀକ୍ଷାରୁ ତାହା ଏକ ବୋନ୍-ଟ୍ୟୁମର୍ ବୋଲି ଜଣାପଡ଼ିଥିଲା। ପରେ ପରିବାରଲୋକ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର କରିଥିଲେ। କିନ୍ତୁ କିଛି ଦିନ ପରେ ପୁଣି ସେହି ସ୍ଥାନଟି ଫୁଲିଥିଲା। ରବିବାର ମଧ୍ୟାହ୍ନରେ ତାଙ୍କ ସ୍ଥିତି ସଙ୍କଟାପନ୍ନ ହେବାରୁ ପରିବାରଲୋକ ତାଙ୍କୁ ପୁଣିଥରେ ଏମ୍‌କେସିଜିରେ ଭର୍ତ୍ତି କରାଇଥିଲେ। ସ୍ଥିତି ଗମ୍ଭୀର ଥିବାରୁ ଡାକ୍ତରମାନେ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ୩ ୟୁନିଟ୍ ରକ୍ତର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। କିନ୍ତୁ ଏମ୍‌କେସିଜି ରକ୍ତଭଣ୍ଡାରରେ ରୋଜାଲିନଙ୍କ ରକ୍ତ ଗ୍ରୁପ୍ 'ଏ' ନେଗେଟିଭ୍ ମାତ୍ର ଗୋଟିଏ ୟୁନିଟ୍ ରକ୍ତ ଉପଲବ୍ଧ ଥିଲା। ପରିବାରବର୍ଗ ବହୁ ଚେଷ୍ଟା ପରେ ମଧ ରକ୍ତ ଯୋଗାଡ଼ କରିପାରିନଥିଲେ। ପରେ ବହୁ ଅନୁସନ୍ଧାନ କରିବାପରେ ଆନ୍ଧ୍ରପ୍ରଦେଶ ପଲାସାସ୍ଥିତ ରକ୍ତଭଣ୍ଡାରରେ 'ଏ' ନେଗେଟିଭ୍ ଥିବା ଜାଣିବା ପରେ ସେଠାରୁ ରକ୍ତ ଆଣିଥିଲେ ବୋଲି ରୋଜାଲିନ୍‌ଙ୍କ ବାପା ରବିଶଙ୍କର ପଟ୍ଟନାୟକ ସୂଚନା ଦେଇଛନ୍ତି। ରକ୍ତ ପହଞ୍ଚିବା ପରେ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା।

ଏମ୍‌କେସିଜି ମେଡିକାଲ ପରିସରରେ ଥିବା ଏହି ରକ୍ତଭଣ୍ଡାର ଉପରେ ପ୍ରତିଦିନ ହଜାରହଜାର ରୋଗୀ ରକ୍ତ ନିମନ୍ତେ ନିର୍ଭର କରୁଥିବା ବେଳେ ଅନେକ ସମୟରେ ବହୁ ରୋଗୀ ନିରାଶ ହେଉଥିବା ଦେଖିବାକୁ ମିଳୁଛି। ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ନିମନ୍ତେ ଆବଶ୍ୟକ ରକ୍ତର ବିକଳ୍ପ ବ୍ୟବସ୍ଥା କରାଯାଉନଥିବା ଅଭିଯୋଗ ହୋଇଛି। ରକ୍ତଭଣ୍ଡାର ପକ୍ଷରୁ ବିଭିନ୍ନ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯାଉଛି। ଏହି ସମୟରେ ଯେଉଁ ବ୍ୟକ୍ତିଙ୍କ ରକ୍ତ ନେଗେଟିଭ ଗ୍ରୁପ୍ ରହିଛି, ସେମାନଙ୍କ ତାଲିକା ପ୍ରସ୍ତୁତି କରିବା ସହ ଆବଶ୍ୟକସ୍ଥଳେ ସେମାନଙ୍କୁ ଯୋଗାଯୋଗ କରି ରୋଗୀଙ୍କୁ ରକ୍ତ ଯୋଗାଇବାକୁ କୁହାଯାଇଥିବା ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି। କିନ୍ତୁ ଏହି କାର୍ଯ୍ୟ ଧିମେଇ ଯାଇଛି। ରକ୍ତଭଣ୍ଡାର କର୍ତ୍ତୃପକ୍ଷ ରୋଗୀଙ୍କ ସମ୍ପର୍କୀୟଙ୍କ ସହଯୋଗ କରିବା ପରିବର୍ତ୍ତେ ଅଣଦେଖା କରୁଥିବା ଅଭିଯୋଗ ହୋଇଛି।

# ମନିସୁଖ ସିକ୍ୟୁରିଟି ସଂସ୍ଥା | ଓଡ଼ିଶାରୁ ଠକିଛି ୫ଶହ କୋଟି

ଭୁବନେଶ୍ୱର,୩।୧୧(ସମିସ): ୨ ମାସରେ ମୂଳଧନ ଦୁଇଗୁଣା କରିଦେବାର ଲୋଭ ଦେଖାଇ 'ମନିସୁଖ ସିକ୍ୟୁରିଟି' ନାମକ ଏକ ସଂସ୍ଥା ଓଡ଼ିଶାରୁ ୫ଶହ କୋଟି ଠକିନେଇଛି। ଏନେଇ ଥାନାରେ ଅଭିଯୋଗ କଲେ ମଧ ପୁଲିସ ଶୁଣୁନି। ଅଭିଯୁକ୍ତମାନଙ୍କୁ ଧରିବା ତ ଦୂରର କଥା, ତଦନ୍ତ ବି କରୁନାହିଁ। ଏପରି ଅଭିଯୋଗ ଆଣି ଭଦ୍ରକ ଜିଲ୍ଲା ଚାରିଗାଁର ପ୍ରହ୍ଲାଦ ସେଠୀ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆର୍‌ସି)ର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୨୪ ଜୁଲାଇ ୧୩ ତାରିଖରେ ସେ ଏ ସଂପର୍କରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତ କରିବା ପରିବର୍ତ୍ତେ ହାତ ବାନ୍ଧି ଚୁପ୍ ବସିଛି। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ବାହାରେ ବସି ଜଣଙ୍କ ପରେ ଜଣଙ୍କୁ ଠକି ଚାଲିଛନ୍ତି। ଏହି ଘଟଣାରେ ଆୟୋଗ ଅସନ୍ତୋଷ ପ୍ରକାଶ କରିବା ସହ ଭଦ୍ରକ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି। ରିପୋର୍ଟ ନଦେଲେ ଆୟୋଗ ନିଜଆଡ଼ୁ ମାମଲାର ଅନ୍ତିମ ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି।

- ପୁଲିସ ଶୁଣିଲାନି, ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହେଲେ ଯୁବକ
- ଭଦ୍ରକ ଏସ୍‌ପିଙ୍କୁ ଜବାବ ତଲବ; ୧୫ ସୁଦ୍ଧା ରିପୋର୍ଟ ଦେବେ
- ଦେଶରୁ ୧୦ ହଜାର କୋଟିର ଠକିଛି ସଂସ୍ଥା

'ମନିସୁଖ ସୁକ୍ୟୁରିଟି ଫାଇନାନ୍ସ ଲିମିଟେଡ୍'ର ଦିଲ୍ଲୀରେ ଅଫିସ୍ ରହିଛି। ସଂସ୍ଥା ଏଠାରେ ଲୋକଙ୍କୁ ଠକିବା ପାଇଁ ଯୋଜନା କରି ଲୋଭନୀୟ ଅଫର୍ ରଖିଥିଲା। ମନିସୁଖ ସିକ୍ୟୁରିଟ୍ ଆପ୍‌ରେ ଟଙ୍କା ଲଗାଇଲେ ତାହା ୨ ମାସରେ ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଲୋଭରେ ପଡ଼ି ଓଡ଼ିଶାର ଏକାଧିକ ଲୋକ ଏଥିରେ ନିବେଶ କରିଥିଲେ। ହେଲେ, ଲାଭ ଦୂର କଥା, ମୂଳ ବି ମିଳିଲାନି। ଶେଷରେ ଆପ୍‌ଟି ମଧ୍ୟ ବନ୍ଦ ହୋଇଯାଇଥିଲା। ଖାଲି ଓଡ଼ିଶା ନୁହେଁ, ଏହି ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛି।

ଭଦ୍ରକର ପ୍ରହ୍ଲାଦ ନାମକ ଜଣେ ଯୁବକ ମଧ୍ୟ ଏହି ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ସଂସ୍ଥା ତାଙ୍କଠାରୁ ୩୩ଲକ୍ଷ ୭୮ ହଜାର ଟଙ୍କା ଠକି ନେଇଛି। ପ୍ରହ୍ଲାଦଙ୍କ କହିବା କଥା, ତାଙ୍କ ହ୍ୱାଟ୍ସଆପ୍‌କୁ ପ୍ରଥମେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ମନିସୁଖ ସିକ୍ୟୁରିଟି ସଂସ୍ଥା ଆପ୍‌ରେ ଟଙ୍କା ଲଗାଇଲେ, ଦୁଇଗୁଣା ଅର୍ଥ ମିଳିବ ବୋଲି ସେଥିରେ କୁହାଯାଇଥିଲା। ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିବା ପରେ ଠକ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରିଥିଲେ। ଏହାପରେ ସେଠାରେ ତାଙ୍କୁ ମନିସୁଖ ସିକ୍ୟୁରିଟି ଆପ୍‌କୁ ଡାଉନ୍‌ଲୋଡ୍ କରି ଟଙ୍କା ବିନିଯୋଗ କରିବାକୁ କୁହାଯାଇଥିଲା। ଆଗପଛ ବିଚାର ନ କରି ସେ ୩୩ଲକ୍ଷ ୭୮ ହଜାର ଟଙ୍କା ବିନିଯୋଗ କରିଥିଲେ। ବଦଳରେ ସଂସ୍ଥା ତାଙ୍କୁ ୧କୋଟି ୧୪ଲକ୍ଷ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୁଇ ମାସ ପରେ ସେ ଆପ୍‌ରୁ ଆଉ ଟଙ୍କା ଉଠାଇ ପାରିନଥିଲେ। ପ୍ରହ୍ଲାଦ ଠକାମିର ଶିକାର ହୋଇଥିବା ଜାଣିବା ପରେ ୨୦୨୪ରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ବହୁ ଦିନ ବିତିଯାଇଥିଲେ ମଧ ପୁଲିସର ତଦନ୍ତ କିଛି ଆଗକୁ ବଢ଼ି ନଥିବାରୁ ସେ ରାଜ୍ୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ପାଟଣା ରେଞ୍ଜରେ ବୁଲୁଛି ବାଘ

କେନ୍ଦୁଝର/ତୁରୁମୁଙ୍ଗା,୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ବିଟ୍ ଅନ୍ତର୍ଗତ କେନ୍ଦୁଝର-ମୟୂରଭଞ୍ଜ ସୀମାର ଗୋପୀନାଥପୁରଠାରେ ଏକ ବାଘର ପାଦଚିହ୍ନ ଠାବ ହୋଇଛି।

- ପାଦଚିହ୍ନ ଠାବ ପରେ ଆତଙ୍କ
- ବନ ବିଭାଗ ଲଗାଇଲା ୩୫ ଟ୍ରାପ୍ କ୍ୟାମେରା



ଦୁଇ ଦିନ ତଳେ ୧୨ ସେଣ୍ଟିମିଟର୍ ବିଶିଷ୍ଟ ଏକ ବାଘ ପାଦଚିହ୍ନ ଠାବ ହେବା ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏପରିକି, କିଛି ସ୍ଥାନୀୟ ଲୋକ ବାଘକୁ ଦେଖିଥିବା ମଧ୍ୟ କହିଛନ୍ତି। ଫଳରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଏପରି ସ୍ଥିତିରେ ବାଘକୁ ଧରିବା ପାଇଁ ବନ ବିଭାଗ ତନାଘନା ଆରମ୍ଭ କରିଦେଇଛି। ଅଟେଇ ସଂରକ୍ଷିତ ଜଙ୍ଗଲରେ ୩୫ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି ଧନରାଜ ସୂଚନା ଦେଇଛନ୍ତି। ତେବେ ୨ଦିନ ମଧ୍ୟରେ ଏଯାଏଁ ଏଠାରେ ବାଘ ଦେଖାଯାଇ ନଥିବା ମଧ ସେ କହିଛନ୍ତି।

ଏହି ଅଞ୍ଚଳ ଏକ ବ୍ୟାଘ୍ର କରିଡର୍ ହୋଇଥିବାରୁ ସମୟ ସମୟରେ ଶିମିଳିପାଳରୁ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଇଥାନ୍ତି। ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଘ ପାଇଁ ଅଧିକ ତୃଣଭୋଜି ବନ୍ୟପ୍ରାଣୀ ରହିଥିବାରୁ ବାଘ ଏଠାକୁ ଆସିଥା'ନ୍ତି। ୨୦-୨୨ ମାସର ଏକ ବାଘ ଶିମିଳିପାଳରୁ ବାହାରି ବ୍ୟାଘ୍ର କରିଡର୍ ମଧ୍ୟରେ ଚଳପ୍ରଚଳ କରୁଥିବା ବନଖଣ୍ଡ ଅଧିକାରୀ କହିଛନ୍ତି।

# ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା



ତିଗିରିଆ,୩।୧୧(ସମିସ): ପବିତ୍ର ବଡଓଷାରେ ବଡ଼ସିଂହାର ବେଶରେ ଦର୍ଶନ ଦେଉଛନ୍ତି ବାବା ଧବଳେଶ୍ୱର। କଟକ ଜିଲ୍ଲାର ଅନ୍ୟତମ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ପାଳନ ହେଉଛି ବଡଓଷା ପର୍ବ। ରାତ୍ର ୪ଟାରୁ ପହଡ ଖୋଲାଯାଇ ୧୦୮ ଗରା କଳସ ଜଳରେ ସ୍ନାନ କରାଯାଇ ମଙ୍ଗଳଆଳତୀ କରାଯିବା ପରେ ବାବା ଧବଳେଶ୍ୱର ଶ୍ରଦ୍ଧାଳୁମାନଙ୍କୁ ବଡ ସିଂହାର ବେଶରେ ଦର୍ଶନ ଦେଉଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀଠରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା, ବ୍ୟାରିକେଡିଂରେ କୁଲର ବ୍ୟବସ୍ଥା, ଖରାରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାନୀୟଜଳ ଓ ଓଆରଏସ ବର୍ଣ୍ଟନ କରାଯାଉଥିବା ବେଳେ ଭକ୍ତମାନଙ୍କ ଉପରେ ପାଣି ସିଞ୍ଚନ କରାଯାଉଛି। ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ୪୪ଟି ଅଟୋ ସହିତ ମନ୍ଦିର ମଧ୍ୟରେ ହ୍ୱିଲ ଚେୟାରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଭକ୍ତଙ୍କ ସୁରକ୍ଷା ପାଇଁ ଦୁଇ ଜଣ ଅତିରିକ୍ତ ଏସପିଙ୍କ ସମେତ ଦୁଇ ଜଣ ମାଜିଷ୍ଟ୍ରେଟ, ୧୦୦ ପୁଲିସ ଅଧିକାରୀ, ୧୫ ପ୍ଲାଟୁନ ପୁଲିସ ଫୋର୍ସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ମୁତୟନ କରାଯାଇଥିବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ସିଦ୍ଧେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ତିଗିରିଆ,୩।୧୧(ସମିସ): ତିଗିରିଆ ବ୍ଲକ ଅଧୀନ ସୋମପଡା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ୨୭ ତମ ରୁଦ୍ରାଭିଷେକ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତେକ ବର୍ଷ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଗ୍ରାମର ସିଦ୍ଧେଶ୍ୱର ଶ୍ରଦ୍ଧାଳୁ ସଂଘର ସଦସ୍ୟ ଓ ସୋମପଡା ଗ୍ରାମର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଯଜ୍ଞର ଗତକାଲି ୨୦ରୁ ଊର୍ଦ୍ଧ୍ୱ ମାନସିକଧାରୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ପାରମ୍ପରିକ ରୀତିନୀତି ଅନୁଯାୟୀ ସୂର୍ଯ୍ୟ ପୂଜା, ରୁଦ୍ରାଭିଷେକ ଆଦି ନୀତି ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ପଣ୍ଡିତ ପବିତ୍ର ମୋହନ ଦାଶ, ପୁସ୍ତକ ଆଚାର୍ଯ୍ୟ ଭାବେ ପଣ୍ଡିତ ପ୍ରଦ୍ୟୁମ୍ନ ମୋହନ ଦାଶ, ମୁଖ୍ୟ ସୁପକାର ପଣ୍ଡିତ ଦିବାକର ଦାଶ, ମନ୍ଦିର ମୁଖ୍ୟ ପରିଚାଳକ ରମେଶ ମହାରଣା, କର୍ତ୍ତା ଭାବେ ପ୍ରହ୍ଲାଦ ସାହୁ, ମନ୍ଦିର ପୂଜକ ଦିବାକର ରଣା, ମନୋଜ ରଣା, କୈଳାସ ରଣା, ସିଦ୍ଧେଶ୍ୱର ଶ୍ରଦ୍ଧାଳୁ ସଂଘର ସଦସ୍ୟଙ୍କ ମଧ୍ୟରେ ଗଣେଶ୍ୱର ସେଠୀ, ସନାତନ ରାଉଳ, ବାବୁଲି ପ୍ରଧାନ, ପଞ୍ଚାନନ ସେନାପତି, ସ୍ୱାଗତ ପ୍ରଧାନ, ଘାଡୁ ସାହୁ, ନିରାକାର ସାହୁ, ନିରଞ୍ଜନ ପ୍ରଧାନ, ଉପେନ୍ଦ୍ର ରାୟ, ବିଦ୍ୟାଧର ବେହେରା, ସନ୍ତୋଷ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ସିଟୁ ପ୍ରଧାନ, ପ୍ରଦୋଷ ପ୍ରଧାନ, ଶ୍ରୀକ୍ଷେତ୍ର ପ୍ରଧାନ, ବାଦଲ ପ୍ରଧାନ, ସୁନୀଲ ଗଣ୍ଡିଆ, ଅଙ୍କୁର ବେହେରା, ସୁରେଶ ବେହେରା, ଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ ସିଦ୍ଧେଶ୍ୱର ଶ୍ରଦ୍ଧାଳୁ ସଂଘର ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ଜଷ୍ଟିସ ଆର.କେ. ଦାସ ସ୍ମୃତି ପରିଷଦ ବୈଠକ

କଟକ,୩।୧୧(ସମିସ): ଜଷ୍ଟିସ ଆର. କେ. ଦାସ ସ୍ମୃତି ପରିଷଦର ସାଧାରଣ ବୈଠକ ଆଜି ସନ୍ଧ୍ୟାରେ ଚାନ୍ଦିନୀଚୌକ ସ୍ଥିତ ରାଜକିଶୋର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ରାଜ୍ୟର ଜଣେ ପ୍ରବୀଣ ସାମ୍ବାଦିକଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମାରକୀ ପୁରସ୍କାର (୨୫ ହଜାର ଟଙ୍କା) ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ବ୍ୟତୀତ ସମାଜସେବା, ଆଇନସେବା, ବିଜ୍ଞାନ, ସଂଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ସେହିପରି ୨ ଜଣ ଦକ୍ଷ ଯୁବ ଆଇନଜୀବୀଙ୍କୁ ଗିରିଜା ଶଙ୍କର ବହିଦାର ଓ ରାଜେନ୍ଦ୍ର ମହାନ୍ତି ସ୍ମାରକୀ ବୃତ୍ତି ପ୍ରଦାନ କରାଯିବ। ଆସନ୍ତା ମାସ ୧୬ ତାରିଖରେ ସାରଳା ଭବନ ଠାରେ ହେବାକୁ ଥିବା ଜଷ୍ଟିସ ଦାସଙ୍କ ୩୦ତମ ସ୍ମୃତି ସଭାରେ ଏହି ସବୁ ପୁରସ୍କାର ଓ ସମ୍ମାନ ଦିଆଯିବ। ଏହି ବୈଠକରେ ପୂର୍ବତନ ସାଧାରଣ ସଂପାଦକ ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସଂପାଦକ ଡ. ସତ୍ୟ ରାୟ ବିବରଣୀ ପାଠ କରିଥିଲେ। ରମାକାନ୍ତ ମହାପାତ୍ର, ସଂପାଦକ ପ୍ରକାଶ ଚନ୍ଦ୍ର ବାରିକ, ସଂଗଠନ ସଂପାଦକ ଶଶିଭୂଷଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଲୋକପାଳ ଜଷ୍ଟିସ ପ୍ରଦୀପ କୁମାର ମହାନ୍ତି, ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସ, ସଞ୍ଜୟ ମହାପାତ୍ର, ରଞ୍ଜନ ମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପ୍ରଦାନ

କଟକ,୩।୧୧(ସମିସ): ଭାରତ ସରକାରଙ୍କ ପେନସନ ଓ ପେନସନ ଭୋଗି ସାମାଜିକ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଆଜି ସମଗ୍ର ଦେଶରେ ଜାତୀୟ ଜୀବନ ପ୍ରମାଣ ପତ୍ର ଡିଜିଟାଲ ମାଧ୍ୟମରେ ପ୍ରଦାନ କରାଯାଉଛି। ଗତ ୨୦୨୨ ମସିହା ଠାରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର କରାଯାଉଛି। ଆଜି ଚତୁର୍ଥ ପର୍ଯ୍ୟାୟରେ କଟକ ସହରରେ ଦୁଇଟି ସ୍ଥାନରେ ଏହି ଜୀବନ ପ୍ରମାଣ ପତ୍ର ପ୍ରଦାନ କାର୍ଯ୍ୟ କରାଯାଇଛି। ଭାରତ ସରକାରଙ୍କ ପେନସନ ଓ ପେନସନ ଭୋଗି ସାମାଜିକ କଲ୍ୟାଣ ମନ୍ତ୍ରାଳୟର ଅଣ୍ଡର ସେକ୍ରେଟାରୀ ସିଦ୍ଧେଶ୍ୱର ଚକ୍ରବର୍ତ୍ତୀ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ମୁଖ୍ୟ ଶାଖା ଏବଂ ବକ୍ସି ବଜାର ସ୍ଥିତ ମୁଖ୍ୟ ଡାକ କାର୍ଯ୍ୟାଳୟ ଠାରେ ପେନସନ ଭୋଗିଙ୍କ ଡିଜିଟାଲ ଜୀବନ ପ୍ରମାଣ ପତ୍ର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ଦାସ, ରାଜେନ୍ଦ୍ର ନାରାୟଣ ପତ୍ରୀ, ଏସବିଆଇ ସଂଘର ସମ୍ପାଦକ ଉପେନ୍ଦ୍ର ଦାସ, ପେନସନ ଭୋଗି ସଂଘର ସମ୍ପାଦକ ଅଭିମନ୍ୟୁ ନାୟକ, ସଭାପତି ଜୟକୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବକ୍ସି ବଜାର ମୁଖ୍ୟ ଡାକ ଘରେ ପେନସନ ଭୋଗୀମାନେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅଧୀନ ସଚିବ ସିଦ୍ଧେଶ୍ୱର ଚକ୍ରବର୍ତ୍ତୀଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବିଭାଗ ଭୁବନେଶ୍ୱର ଶାଖାର ମୂରଲୀଧର ସାହୁ, ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅପରାଜିତ ପଟ୍ଟନାୟକ, ଅସିତ ନାୟକ, ମଳୟ ମହାପାତ୍ର, ସର୍ବେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଭାରତ ସରକାରଙ୍କ ଏହି ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପ୍ରଦାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ନିଶ୍ଚିନ୍ତକୋଇଲିରେ ବାଘ ଆତଙ୍କ

# ବାଘକୁ ଧରିବା ପାଇଁ ବନବିଭାଗର ତତ୍ପରତା





ନିଶ୍ଚିନ୍ତକୋଇଲି,୩।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବନ୍ଧକାଟିଆ ପଞ୍ଚାୟତରେ ଗତ ରବିବାର ରାତିରୁ ସିସିଟିଭିରେ ବାଘ ଦେଖି ଲୋକମାନେ ଆତଙ୍କିତ ହୋଇଛନ୍ତି। ମୋବାଇଲରୁ ମୋବାଇଲ ଘୂରି ବୁଲୁଥିବା ଏହି ସିସିଟିଭି ବାଘ ଭିଡିଓଟି ପ୍ରକୃତରେ କଲରାପତରିଆ ବାଘ କିମ୍ବା ସେହି ପ୍ରଜାତିର ଅନ୍ୟ ପଶୁ ତାହା ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ଖବର ପାଇ ବନବିଭାଗର କଟକ ବନାଞ୍ଚଳ ଫରେଷ୍ଟ ରେଞ୍ଜ ଅଫିସର ଶର୍ମିଳି ନାଏକ ଓ ଫରେଷ୍ଟର ରାକେଶ ସ୍ୱାଇଁଙ୍କ ସମେତ ଏକ ଦଶ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ସତର୍କ କରିବା ସହିତ ବାଘଜାତୀୟ ଏହି ପଶୁଟିର ଗତିବିଧିକୁ ଲକ୍ଷ୍ୟ ରଖିଛି। ସୋମବାର ସଂଧ୍ୟାରେ ବନବିଭାଗ ପକ୍ଷରୁ ଉକ୍ତ ପଶୁକୁ ଧରିବା ପାଇଁ ଯନ୍ତା ମଧ୍ୟ ବସାଯାଇଛି। ବନ୍ଧକାଟିଆ ଗ୍ରାମରେ ଏହି ପଶୁ ବୁଲୁଥିଲା ବେଳେ ତା'ର ପାଦଚିହ୍ନକୁ ପ୍ଲାଷ୍ଟର ପ୍ୟାରିସ ଦ୍ୱାରା ସଂଗ୍ରହ କରି ପରୀକ୍ଷା ନିରୀକ୍ଷା ପାଇଁ ପଠାଇଥିବା ଜଣାଯାଇଛି। ଯେଉଁ ଅଞ୍ଚଳରେ ଏହି ପଶୁଟି ବିଚରଣ କରୁଛି ତାହା ଜାଣିବା ପାଇଁ ନାଇଟ୍ ଭିଜନ କ୍ୟାମେରା ମଧ୍ୟ ଲଗାଇଛି। ଏ ଅଞ୍ଚଳରେ ଜଙ୍ଗଲ ନ ଥିବାରୁ ହଠାତ୍ କଲରାପତରିଆ ବାଘ ଏଠାକୁ ଆସି ଜନବସତି ଗ୍ରାମରେ ବୁଲାବୁଲି କରିବାକୁ ନେଇ ବହୁ ଲୋକଙ୍କ ମନରେ ମଧ୍ୟ ପ୍ରଶ୍ନ ଉଠିଛି। ଯଦିଓ ବାଘ ଏ ଅଞ୍ଚଳରେ ବୁଲୁଥିବାର ସିସିଟିଭିରୁ ଜଣାଯାଉଛି ତା' ହେଲେ ଏ ଅଞ୍ଚଳରେ କୌଣସି ଲୋକ କିମ୍ବା ପଶୁ ପକ୍ଷୀଙ୍କର କୌଣସି କ୍ଷତି କରି ନ ଥିବା ଜଣାଯାଇଛି। ଅପରପକ୍ଷରେ ଉକ୍ତ ପଶୁ ବାହାରେ ବୁଲୁଥିବା କେହି ହେଲେ ଜଣେ ଦେଖି ନ ଥିବା ବେଳେ ସମସ୍ତ ପରୀକ୍ଷା ନିରୀକ୍ଷାରୁ ଏହା କଲରାପତରିଆ ବାଘ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଭାଇରାଲ ହେଉଛି ସିସିଟିଭି ଫୁଟେଜ

ଗତ ଦଶ ମାସ ପୂର୍ବରୁ ଏହି ପଞ୍ଚାୟତ ଅଞ୍ଚଳରୁ ଏକ ବିରାଟ ଫିସିଂକ୍ୟାଟ୍ ବନ ବିଭାଗ ଧରିଥିଲା। ସେତେବେଳେ ଉକ୍ତ ଫିସିଂ କ୍ୟାଟ୍‌ଟି ଯେତିକି ଆକାରର ଥିଲା ସିସିଟିଭିରୁ ଜଣାଯାଇଛି ଉକ୍ତ ପଶୁଟି ତାହାଠାରୁ ଅଧିକ ବଡ ଅଟେ। ଏହି ପଶୁଟି ସେତେବେଳେ ଧରାଯାଇଥିବା ଫିସିଂକ୍ୟାଟ୍‌ର ସାଥିଟିଏ ବୋଲି ଅନୁମାନ କରାଯାଉଥିଲା ବେଳେ ଦଶମାସ ପରେ ଏହାର ଆକାର ବଢିଯାଇଥିବା ଆଲୋଚନା ହେଉଛି। ବର୍ତ୍ତମାନ ଏହି ଗ୍ରାମରେ ବନବିଭାଗର କର୍ମଚାରୀମାନେ ଯନ୍ତା ବସାଇ ଉକ୍ତ ପଶୁଟିକୁ ଧରିବା ପାଇଁ ଜଗି ରହିଛନ୍ତି। ପଶୁଟି ଧରା ପଡିବା ପରେ ପ୍ରକୃତ ସତ୍ୟାସତ୍ୟ ଘଟଣା ଜଣାପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଠାରେ ସୂଚନାଯୋଗ୍ୟ ବନ୍ଧକାଟିଆ ଗ୍ରାମର ଶାରଦା ଶତପଥିଙ୍କ ସିସି କ୍ୟାମେରାରେ ଉକ୍ତ ପଶୁର ଭିଡିଓ କଏଦ୍ ହୋଇଥିଲା। ତାଙ୍କ ପରିବାର ପକ୍ଷରୁ ଏହି ଭିଡିଓକୁ ମୋବାଇଲକୁ ଛଡାଯିବା ପରେ ଏହା ସାମାଜିକ ଗଣମାଧ୍ୟମରେ ଯୋରଦାର ପ୍ରଚାର ପ୍ରସାର ହୋଇଛି। ଏହି ଘଟଣା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ସତର୍କ ରହିଥିବା ବେଳେ ବନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି।

## କାର୍ତ୍ତିକ ମାସ ଶେଷ ସୋମବାର

# ଲୋଭୀ ଠାକୁରାଣୀଙ୍କ ପୀଠରେ ପାଞ୍ଚ ଶହରୁ ଅଧିକ ଶିଶୁଙ୍କ ମୁଣ୍ଡନ



ତିଗିରିଆ,୩।୧୧(ସମିସ): ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ଗ୍ରାମର ଆରାଧ୍ୟ ଠାକୁରାଣୀ ମା ଲୋଭୀ ଠାକୁରାଣୀଙ୍କ ପୀଠରେ ଆଜି ପବିତ୍ର କାର୍ତ୍ତିକ ମାସର ଶେଷ ସୋମବାରରେ ପ୍ରାୟ ପାଞ୍ଚ ଶହରୁ ଅଧିକ ଶିଶୁ ମୁଣ୍ଡନ ହୋଇଥିବା ବେଳେ ମା'ଙ୍କ ପୀଠରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ପରମ୍ପରା ଅନୁଯାୟୀ ମା'ଙ୍କ ପୀଠରେ ଦମ୍ପତି ସନ୍ତାନ ପାଇଁ ମାନସିକ କରିଥାନ୍ତି। ମାନସିକଧାରୀ ନିଜର ମାନସିକ ପୂରଣ ପରେ ମା'ଙ୍କ ପୀଠରେ ନିଜର ନବଜାତ ଶିଶୁର ଏକ ବର୍ଷ ପୂରଣ ପରେ ପ୍ରଥମ ଚୁଟିକୁ ମା'ଙ୍କୁ ଅର୍ପଣ କରି ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରି ଶିଶୁର ଅଧିକ ଆୟୁଷ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥାନ୍ତି। ଏଥି ସହିତ ମା ଲୋଭୀ ଠାକୁରାଣୀ ବର୍ଷକରେ ଥରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ବର୍ଷକରେ ଥରେ ଭକ୍ତଙ୍କୁ ମନ୍ଦିରରେ ଦର୍ଶନ ଦେଉଥିବାରୁ ଉକ୍ତ ଦିନ ମନ୍ଦିର ପରିସରରେ ମା'ଙ୍କ ଦିବ୍ୟ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ହଜାର ହଜାର ଭକ୍ତମାନଙ୍କର ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥାଏ। ଫଳରେ ମନ୍ଦିର ପରିସରରେ ଲୋକାରଣ୍ୟ ହେବା ସହ ସ୍ଥାନୀୟ ମନ୍ଦିର ପୂଜକ, ଯାତ୍ରା କମିଟିର ସଦସ୍ୟ, ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନକୁ ଭିଡ଼ ନିୟନ୍ତ୍ରଣରେ ଅନେକ କଷ୍ଟ ସ୍ୱୀକାର କରିବା ପାଇଁ ପଡିଥାଏ। ତେଣୁ ଏହି ଭିଡ଼ ନିୟନ୍ତ୍ରଣ ପାଇଁ ଚଳିତବର୍ଷ ଯାତ୍ରା ମହାସଂଘ ତରଫରୁ ପଞ୍ଚକ ୫ଦିନ ଧରି ମନ୍ଦିର ପରିସରରେ ଭକ୍ତମାନେ ନିଜର ଶିଶୁର ମୁଣ୍ଡନ କରିପାରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା ଯାହାକୁ ସାଧାରଣରେ ସ୍ୱାଗତ କରାଯାଇଥିଲା ବୋଲି ଯାତ୍ରା ମହାସଂଘର ସଭାପତି ବିଭୂତି ଭୂଷଣ ବେହେରା, ଉପସଭାପତି ଚକ୍ରଧର ରାଉତ, ସମ୍ପାଦକ ଅଭିମନ୍ୟୁ ଜେନା, ସହ ସମ୍ପାଦକ ଶରତ ରାଉତ, କୋଷାଧ୍ୟକ୍ଷ ମିଟୁ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି।

# ବାଲିଯାତ୍ରାରେ ବର୍ଣ୍ଟନ ପାଇଁ ୨୨୫ଟି ପୁସ୍ତକ ପ୍ରଦାନ



ନିଶ୍ଚିନ୍ତକୋଇଲି,୩।୧୧(ସମିସ): କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ପ୍ରଥମ କରି ଓଡିଆ ଅସ୍ମିତା ତଥା ଓଡିଆ ଭାଷା ସାହିତ୍ୟର ସମୃଦ୍ଧି ଓ ପ୍ରସାର ପ୍ରଚାର ପାଇଁ ଓଡିଆ ଭାଷାର ବିଶିଷ୍ଟ ଲେଖକଙ୍କ ଠାରୁ ପୁସ୍ତକ ସଂଗ୍ରହ କରାଯାଉଛି। ସଂଗୃହୀତ ପୁସ୍ତକ ଗୁଡିକୁ ଐତିହାସିକ ବାଲିଯାତ୍ରାରେ ମାଗଣାରେ ଲୋକମାନଙ୍କୁ ବର୍ଣ୍ଟନ କରାଯିବ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ରାମକୃଷ୍ଣପୁର ଗ୍ରାମର ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କାଙ୍କ ଦ୍ୱାରା ରଚିତ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ଦ୍ୱାରା ସଂଯୋଜିତ ଭାରତର ବିଭିନ୍ନ କୋଣ ଅନୁକୋଣରେ ଜନ୍ମିତ ୫୦ ଜଣ ମହାପୁରୁଷଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ମାଟିର ମହକ' ପ୍ରଦାନ କରାଯାଇଛି। ଶ୍ରୀ ଲେଙ୍କା ସୋମବାର ଦିନ ପୁସ୍ତକ ସଂଗ୍ରହ କେନ୍ଦ୍ର ସ୍ଥାନୀୟ ଅହମ୍ମଦ ବକ୍ସ ସ୍କୁଲକୁ ଯାଇ ଏହି ପୁସ୍ତକଗୁଡିକୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ମଲିକ, ଅବସରପ୍ରାପ୍ତ ଏବିଇଓ ନାରାୟଣ ରାଉତ, ସିଆରସିସି ନରେନ୍ଦ୍ରନାଥ ସାହୁ, କିଶୋର ମଲ୍ଲ, ଶିକ୍ଷକ ହରିଶ୍ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଅଦ୍ୟାବଧି ୧୦ ଜଣ ଲେଖକଙ୍କଠାରୁ ଏହି କେନ୍ଦ୍ରରେ ୨୮୯ ଖଣ୍ଡ ବହି ସଂଗ୍ରହ କରାଯାଇଥିବା ଜଣାଯାଇଛି।

# ଛୁଆଳିଆରେ କାର୍ତ୍ତିକେଶ୍ୱର ପୂଜା



ନିଶ୍ଚିନ୍ତକୋଇଲି,୩।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମରେ ଚଳିତ ବର୍ଷ ସମାରୋହରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। କଦମ୍ବ ବିହାରୀ ପୂଜା କମିଟି ପକ୍ଷରୁ ୪୮ତମ ବାର୍ଷିକ ପୂଜାର୍ଚ୍ଚନାରେ ସୁସଜ୍ଜିତ ଆଲୋକସଜ୍ଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କମିଟିର ଉପଦେଷ୍ଟା ଶିଳ୍ପୀ କାଳନ୍ଦୀ ଚରଣ ସାହୁଙ୍କ ଦ୍ୱାରା ପୂଜା ମଣ୍ଡପରେ ତାଡକାସୁର ବଧଙ୍କ ମୃଣ୍ମୟ ମୂର୍ତ୍ତିର ଚିତାକର୍ଷକ ମେଢ ନିର୍ମାଣ କରାଯାଇଛି। ପୂଜକ ବନବିହାରୀ ମିଶ୍ରଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା ଚାଲିଥିଲା ବେଳେ ଏଥିରେ କର୍ତ୍ତା ଭାବେ ପ୍ରବୋଧ ମହାନ୍ତି କାର୍ଯ୍ୟ ତୁଲାଉଛନ୍ତି। କମିଟିର ସଭାପତି ରାଜେଶ ରୋଶନ ରାଉତ, ସଂପାଦକ ପ୍ରକାଶ ସାହୁ, ସଭ୍ୟ ମନୋଜ ସାହୁ, ରୁଦ୍ରପ୍ରତାପ ରାଉତ, ବିଷ୍ଣୁ ପ୍ରସାଦ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ପୂଜାକାର୍ଯ୍ୟ ପରିଚାଳିତ କରିଥିଲେ। ସେହିପରି ଏହି ଗ୍ରାମର ଆଖଣ୍ଡଳମଣୀ ପୂଜା କମିଟି ପକ୍ଷରୁ ମଧ୍ୟ ଯଥାରୀତି କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଉଛି। ପୂଜା କମିଟିର ଉପଦେଷ୍ଟା ମନୋଜ ଘଡାଇଙ୍କ ସଂଯୋଜନାରେ ଏଥିରେ କର୍ତ୍ତା ଭାବେ ଉମାଶଙ୍କର ସ୍ୱାଇଁ କାର୍ଯ୍ୟ ତୁଲାଉଛନ୍ତି। ଭବାନୀଶଙ୍କର ରାଉତ, ସତ୍ୟଜିତ୍ ରାଉତ, ପ୍ରଦୀପ୍ତ ସ୍ୱାଇଁ, ବିକାଶ ରାଉତ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୭୫ ଅଭିଯୋଗରୁ ୫ ଅଭିଯୋଗର ତତ୍କାଳ ସମାଧାନ



ନରସିଂହପୁର,୩।୧୧(ସମିସ): ନରସିଂହପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ପ୍ରକୋଷ୍ଠରେ କଟକ ଜିଲ୍ଲାପାଳଙ୍କ ଅନୁପସ୍ଥିତକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଥିଲା। ଜନ ଶୁଣାଣିରେ ସମୁଦାୟ ୭୫ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୭ଟି ସାମୁହିକ ରହିଥିବା ବେଳେ ଅନ୍ୟଗୁଡିକ ବ୍ୟକ୍ତିଗତ ରହିଥିଲା। ଅଭିଯୋଗ ପ୍ରକୋଷ୍ଠରେ ଜିଲା ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ନାୟକ, ଏସଡିପିଓ ବିଶ୍ୱଜିତ ମହାନ୍ତି, ବ୍ଲକ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀ, ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ଅତିରିକ୍ତ ବିଡିଓ ଉଷାରାଣୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୫ଜଣଙ୍କୁ ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଏହାର ତୁରନ୍ତ ତଦନ୍ତ ପାଇଁ ବିଡିଓ ଶ୍ରୀ ଶତପଥୀଙ୍କୁ ତଦାରଖ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ପିଏମ୍‌ସିପିଇଡିରେ ଦୁର୍ନୀତି, ତଦନ୍ତ ଦାବି

ତିଗିରିଆ,୩।୧୧(ସମିସ): ତିଗିରିଆସ୍ଥିତ ରାଜ୍ୟର ଅନ୍ୟତମ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ ସୁପ୍ରତିଷ୍ଠିତ। କିନ୍ତୁ ଏଠାରେ ଚାଲିଥିବା ଦୁର୍ନୀତିର ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ ୭ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ରାଜ୍ୟ ଯୁବ କ୍ରୀଡା ବ୍ୟାପାର ବିଭାଗ ନିର୍ଦ୍ଦେଶକ, ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ନିଜିଗଡ଼ ପଞ୍ଚାୟତ ଅଧୀନ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ଗ୍ରାମାଞ୍ଚଳ ସଭାପତି ରାମନାରାୟଣ ମହାନ୍ତି, ଆଇନଜୀବୀ ତଥା ବରିଷ୍ଠ ବିଜେପି ନେତା ବିକ୍ରମ କେଶରୀ ଦାଶ, ଆଇନଜୀବୀ ହରେକୃଷ୍ଣ ମହାନ୍ତି, ଶିକ୍ଷାବିତ ପ୍ରଣବ ପଟ୍ଟନାୟକ, ଗଣେଶ୍ୱର ରାଉତ, ସୁରେନ୍ଦ୍ର ସ୍ୱାଇଁ, ନୂଆପାଟଣା ମଣ୍ଡଳ ଉପ ସଭାନେତ୍ରୀ ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ମହାବିଦ୍ୟାଳୟରେ ଦୀର୍ଘ ଦିନ ଚାଲିଥିବା ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନଙ୍କ ଏକଛତ୍ରବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ।

ସୂଚନାଯୋଗ୍ୟ ଯେ ଗତ କିଛିଦିନ ଧରି ମହାବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀ ନିଜର ହକ୍ ପାଇଁ ମହାବିଦ୍ୟାଳୟ ସମ୍ମୁଖରେ ତାଲା ବନ୍ଦ ଆନ୍ଦୋଳନ ଚଳାଇଥିଲେ ଯାହା ଯୋଗୁ କର୍ମଚାରୀ, ଅଧ୍ୟକ୍ଷ ଓ ପରିଚାଳନା କମିଟି ମୁହାଁ ମୁହିଁ ଅବସ୍ଥାରେ ଥିଲେ। ଉକ୍ତ ଘଟଣା ଗତକାଲି ସମାଧାନ ହେବା ସହ ଆଜି ମହାବିଦ୍ୟାଳୟର କାର୍ଯ୍ୟ ନିୟମିତ ଢଙ୍ଗରେ ହୋଇଥିଲା।


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥

ଦ୍ୱାଦଶାହ ଉପଲକ୍ଷେ
ଭାବପୂର୍ଣ୍ଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କୁଶଳେଶ୍ୱର ସାହୁ
ପଦରପଡା, ତରଭା,ସୋନପୁର
ଆବିର୍ଭାବ: ୦୨.୦୪.୧୯୪୮ (ଚୈତ୍ର ଶୁକ୍ଳପକ୍ଷ ଶ୍ରୀରାମ ନବମୀ)
ତିରୋଧାନ: ୨୪.୧୦.୨୦୨୫ (କାର୍ତ୍ତିକ ଶୁକ୍ଳପକ୍ଷ ତୃତୀୟା)

ତୁମେ ଆମ ପାଇଁ ସବୁକିଛି ଥିଲ। ତୁମର ନିରନ୍ତର ତ୍ୟାଗ, ସ୍ନେହର ଛାୟା ଓ ଜ୍ଞାନର ମାର୍ଗଦର୍ଶନ ଆମ ଜୀବନକୁ ଆକାର ଦେଇଛି। ଆମେ କୃତଜ୍ଞ ଯେ ତୁମେ ଆମକୁ ସତ୍ୟ, ନ୍ୟାୟ ଓ ସହନଶୀଳତାର ପାଠ ଶିଖାଇଛ, ଆମର କଷ୍ଟରେ ସାଥୀ ହୋଇଛ ଏବଂ ସ୍ୱପ୍ନଗୁଡିକୁ ପୂରଣ କରିବାର ଶକ୍ତି ଦେଇଛ। ତୁମର ଅନୁପ୍ରେରଣା ଆମକୁ ସଦା ଚାଲିବାକୁ ଶିଖାଇଛି। ତୁମର ପ୍ରତି ଆମର ଅସୀମ କୃତଜ୍ଞତା - ତୁମେ ଆମର ଜୀବନର ଆଧାର ଥିଲ, ଥିବ ଓ ରହିବ। ଆଜି ଦ୍ୱାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ମେଟାକାନୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପତ୍ନୀ - ଭଗବତୀ ସାହୁ, ପୁତ୍ର - କିର୍ତ୍ତିଚନ୍ଦ୍ର, ସୂର୍ଯ୍ୟନାରାୟଣ, ପୁତ୍ର ବଧୂ - ସରିତା, ବିଜୟଲକ୍ଷ୍ମୀ.
ଝିଅ - ଅନୁରାଧା, ମାମୀ, ଜ୍ୱାଇଁ - ମନୋରଞ୍ଜନ, ପ୍ରଶାନ୍ତ.
ନାତି ନାତୁଣୀ - ଶ୍ରେୟା, ଲିକୁନ, ସୁଦୀପ, ଶିବାଂଶ, ସାହୁ ପରିବାର ଓ ବନ୍ଧୁବର୍ଗ
ମା ମେଟାକାଳୀ ଷ୍ଟୋନ କ୍ରସର


# ବାଲିଯାତ୍ରାରେ ପଲିଥିନ ନିଷିଦ୍ଧ ହେବ ତ?

କଟକ,୩।୧୧(ସମିସ): ୫ ବର୍ଷ ପୂର୍ବରୁ କଟକ ସହରରେ ପ୍ଲାଷ୍ଟିକ ବା ଏକକ ବ୍ୟବହାର ପଲିଥିନକୁ ନିଷିଦ୍ଧ କରାଯାଇଛି। ହେଲେ ପଲିଥିନ ନିଷିଦ୍ଧ ଘୋଷଣା କେବଳ କାଗଜ କଲମରେ ସୀମିତ ରହିଯାଇଛି। ଏବେ ଐତିହାସିକ କଟକ ବାଲିଯାତ୍ରାରେ ପଲିଥିନକୁ ନିଷିଦ୍ଧ କରିବା ପାଇଁ ହାଇକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ବଜାରରେ ଯେଉଁଠି ପଲିଥିନ ହାଉଯାଉ ହେଉଛି ସେଠି ବାଲିଯାତ୍ରାରେ କେତେଦୂର ଏହାକୁ ନିଷିଦ୍ଧ କରାଯାଇପାରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବଶ୍ୟ ପ୍ରତି ବର୍ଷ ବାଲିଯାତ୍ରାରେ ପ୍ରଶାସନ ତରଫରୁ ପଲିଥିନ ନିଷେଧ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଥାଏ କିନ୍ତୁ ଓରମାସର ପଲିଶ୍ରୀ ମେଳା ବ୍ୟତୀତ ଆଉ କେଉଁଠି ଏହା ଅନୁପାଳନ ହୋଇ ନ ଥାଏ। ପଲିଥିନର ବିକଳ୍ପ ଭାବେ ଅନ୍ୟ ପରିବେଶ ଅନୁକୂଳ ସାମଗ୍ରୀକୁ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ କେତେଦୂର ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଯାଉଛି ତାହା ଦେଖିବାକୁ ବାକି ରହିଛି। ଗୋଟିଏ ପଟରେ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ଗତ ୨୦୧୭ରେ ମହାନଦୀ ପଠାରେ ହେଉଥିବା ବାଲିଯାତ୍ରା ଜନିତ ପ୍ଲାଷ୍ଟିକ ପ୍ରଦୂଷଣ ନେଇ ଉଦବେଗ ପ୍ରକାଶ କରିଥିଲେ। ଏପରିକି ମହାନଦୀ ଶଯ୍ୟାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଏନଜିଟି କଟକଣା ଜାରି କରିଥିଲେ। ହେଲେ ବାଲିଯାତ୍ରା ବେଳେ ବିପୁଳ ପରିମାଣର ପଲିଥିନ ବ୍ୟବହାରକୁ ରୋକିବାରେ ସକ୍ଷମ ହୋଇନି ପ୍ରଶାସନ। ଦୁଇ ବର୍ଷ ପୂର୍ବରୁ ଚଢଉ ପାଇଁ କିଛି ଦିନ ଯାଏ ଯଦିଓ ପଲିଥିନ କାରବାର ସାମାନ୍ୟ ହ୍ରାସ ପାଇଥିଲା ଏବେ କିନ୍ତୁ ଯାହାକୁ ଯେତେ ନିଷିଦ୍ଧ ପଲିଥିନ କ୍ୟାରି ବ୍ୟାଗର ବହୁଳ ବ୍ୟବହାର ସହରରେ ହେଉଥିବାର ପରିଲକ୍ଷିତ ହୋଇଛି। ପଲିଥିନ ଉତ୍ପାଦନ କରୁଥିବା ୟୁନିଟ ଗୁଡିକ କ୍ୟାରି ବ୍ୟାଗ ଆକୃତିରେ କୌଣସି ଉତ୍ପାଦ ବଜାରକୁ ଛାଡିପାରିବେ ନାହିଁ ବୋଲି ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଥିଲେ ବି ଏହାକୁ ଉଲ୍ଲଙ୍ଘନ କରାଯାଉଛି। ସୂଚନାନୁସାରେ ଜଗତପୁର ଓ ଖପୁରିଆ ଠାରେ କେତେକ ପଲିଥିନ ପ୍ରସ୍ତୁତ କାରଖାନାରୁ ବେଧଡକ ଉତ୍ପାଦନ ହେଉଛି। ଅନ୍ୟପଟରେ ବହୁ ପରିମାଣରେ ପଲିଥିନ କ୍ୟାରି ବ୍ୟାଗ ପଶ୍ଚିମବଙ୍ଗରୁ ଆମଦାନୀ କରାଯାଉଥିବା ଜଣାପଡିଛି। କେତେବେଳେ ବି କଟକ ମହାନଗର ନିଗମ ପକ୍ଷରୁ ନିଷିଦ୍ଧ ପଲିଥିନ ପ୍ରସ୍ତୁତ କରୁଥିବା ପ୍ରତିଷ୍ଠାନ ଉପରେ ଚଢଉ କରାଯାଇ ନାହିଁ। ଯେଉଁ ପଲିଥିନ ବା ପ୍ଲାଷ୍ଟିକ ମାଟିରେ ସଢ଼ା ହରାଉଥିବ ବା ସଂପୂର୍ଣ୍ଣ ରୂପେ ମିଶିଯାଉଥିବ ତାହା ବି ଇଣ୍ଡିଆନ ଷ୍ଟାଣ୍ଡାର୍ଡ ମାନ୍ୟତାପ୍ରାପ୍ତ ହୋଇଥିବା ଦରକାର। ସେହିପରି ପଲିଥିନ ପ୍ରସ୍ତୁତ କର୍ତ୍ତା ସଂସ୍ଥା ଗୁଡିକ ସହ ବିକ୍ରେତାମାନେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ପ୍ରମାଣପତ୍ର ପାଇଥିବା ଆବଶ୍ୟକ। ହେଲେ ଏହାକୁ କଟକରେ ଆଦୌ ପାଳନ କରାଯାଉ ନାହିଁ। କଟକ ମହାନଗର ନିଗମର ସୂଚନାନୁସାରେ ସହରରୁ ଦୈନନ୍ଦିନ ୩୫୦ ମେଟ୍ରିକ ଟନ ଆବର୍ଜନା ବା ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ଖୋଦ ମହାନଗର ନିଗମ ମଧ୍ୟ ଏହି ଆବର୍ଜନା ମଧ୍ୟରେ ୪୦ ପ୍ରତିଶତ ପଲିଥିନ ରହିଥିବା ନେଇ ସ୍ୱୀକାର କରିଛି। ମହାନଗର ନିଗମ କର୍ତ୍ତୃପକ୍ଷ କେବଳ ଅଭିଯୋଗ ପାଇଲେ ଚଢଉ କରୁଥିବା ଜଣାପଡିଛି। ଗତ୨୦୨୨ ମସିହା ଜୁଲାଇ ୧ ତାରିଖରୁ ନିଷିଦ୍ଧ ପଲିଥିନ ବିରୋଧରେ ଏନଫୋର୍ସମେଣ୍ଟ ଆରମ୍ଭ କରାଯାଇଥିଲା। ହେଲେ ବର୍ଷାଧିକ ସମୟ ଧରି ଏହା ବନ୍ଦ ହୋଇଯାଇଛି। ଯଦି ବିନା ଅନୁମତିରେ ବେଆଇନ ପଲିଥିନ ପ୍ରସ୍ତୁତ ହେଉଥାଏ ତା ହେଲେ ସଂସ୍ଥା ଗୁଡିକ ଯାଞ୍ଚ କରାଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କହିଛନ୍ତି।

### ମହାନଦୀ ଶଯ୍ୟାକୁ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ନିର୍ଦ୍ଦେଶ ନାଲିଫିତା ତଳେ


ସପ୍ତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଜାତା ପାତ୍ର ଦେ
ସ୍ଥାନ- ଦେଉଳି ପଣ୍ଟୁଘଣ୍ଟା, ଜଳେଶ୍ୱର
ଆବିର୍ଭାବ - ୦୬.୦୩.୧୯୭୦
ତିରୋଧାନ - ୨୧.୧୧.୨୦୧୮

ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।

ହେ ଦିବଂଗତ, ତୁମର ଅବର୍ତ୍ତମାନରେ ସଦା ତୁମକୁ ଝୁରୁଛି, ତୁମର ସ୍ୱାମୀ - ବିଦ୍ୟାପତି ଦେ, ଅଲିଅଳି କନ୍ୟା ମାମା, ଲିମା, ଗୁଡି, ଜ୍ୱାଇଁ ଦିପୁ ଓ ପରିବାର ବର୍ଗ।



# ନିଦାନ କେନ୍ଦ୍ରରେ ରୋଗୀ ଶୋଷଣ

**କଟକ, ୩।୧୧(ସମିସ)**

ନିଦାନ କେନ୍ଦ୍ର ଗୁଡିକ ଉପରେ ସ୍ୱାସ୍ଥ୍ୟ ବିଭାଗର କର୍ତ୍ତୃତ୍ୱ ରହୁନାହିଁ। ଫଳସ୍ୱରୂପ ଏଠାରେ ରୋଗୀଙ୍କୁ ଶୋଷଣ କରାଯାଉଛି। କେହି ମୁହଁ ଖୋଲିଲେ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ଅଭିଯୋଗ ଧରି ଥାନାରେ ପହଞ୍ଚିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଓଲଟା ଅଭିଯୋଗକାରୀଙ୍କ ସପକ୍ଷରେ ଯୁକ୍ତି ବାଢୁଛି ପୁଲିସ। ଆଜି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି।

କ୍ୟାଣ୍ଟେନମେଣ୍ଟ ରୋଡରେ ଥିବା ଏକ ନାମିଦାମୀ ନିଦାନ କେନ୍ଦ୍ର ବିରୋଧରେ ଅଭିଯୋଗ କରି ଆଜି ମଙ୍ଗଳବାଗ ଥାନାରେ ଏତଲା ଦେଇଛନ୍ତି ଓଡ଼ିଶା ବୋର୍ଡ଼ ଅଫ ୱାକଫର ପ୍ରାକ୍ତନ ଅଧ୍ୟକ୍ଷ ସୟଦ ଏକ୍ରାମ ହୁସେନ। ଶ୍ରୀ ହୁସେନଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଧର୍ମ ପତ୍ନୀ ଗତ ମାସ ୨୮ ତାରିଖ ରେ ଅସୁସ୍ଥ ହୋଇ ମହାନ୍ତି ପଡ଼ା ସ୍ଥିତ ବ୍ଲୁ ଲାଇନ୍ ହସ୍ପିଟାଲ ଠାରେ ଚିକିତ୍ସିତ ହେଉଛନ୍ତି। ବାନ୍ତି ନ କମିବାରୁ ସେଠାକାର ଡାକ୍ତର ଏଣ୍ଡୋସ୍କୋପି କରିବା ପାଇଁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଉକ୍ତ ହସ୍ପିଟାଲ ପକ୍ଷରୁ ସମ୍ପୃକ୍ତ ନିଦାନ କେନ୍ଦ୍ର ସହିତ ଯୋଗାଯୋଗ କରାଯିବାରୁ ସେ ଆଜି ସକାଳ ସାଢେ ନଅଟା ସମୟ ନିର୍ଦ୍ଧାରଣ କରିଥିଲେ। ସମ୍ପୂର୍ଣ୍ଣ ଖାଲି ପେଟରେ ଆସିବା ପାଇଁ କୁହାଯାଇଥିଲା। ତଦନୁସାରେ ଶ୍ରୀ ହୁସେନ ହସ୍ପିଟାଲ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଆମ୍ବୁଲାନ୍ସ ଯୋଗେ ସକାଳ ସମୟରେ ପତ୍ନୀଙ୍କୁ ଧରି ନିଦାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ୧୪୦୦ ଟଙ୍କା ଗ୍ରହଣ କରି ଏକ ରସିଦ ପ୍ରଦାନ କରିଯାଇଥିଲା ଏବଂ ଅପେକ୍ଷା କରିବାକୁ କୁହାଯାଇଥିଲା। ସାଢେ ଦଶଟା ପର୍ଯ୍ୟନ୍ତ ଏଣ୍ଡୋସ୍କୋପି ନ ହେବାରୁ ସେଠାରେ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପଚାରିବାରୁ ଆଉ ଅଳ୍ପ ସମୟ ମଧ୍ୟରେ ଡାକ୍ତର ଆସି ପହଞ୍ଚିଲେ କରାଯିବ ବୋଲି ଉତ୍ତର ମିଳିଥିଲା। ଦିନ ସାଢେ ଏଗାରଟା ସୁଦ୍ଧା ଡାକ୍ତର ନ ଆସିବାରୁ ଯେତେବେଳେ ହୁସେନ ପୁନଶ୍ଚ ପଚାରିଲେ ଉତ୍ତର ମିଳିଲା ଯେ, ଅପେକ୍ଷା କର ଡାକ୍ତର ବଡ ମେଡିକାଲରୁ ସାଢେ ଗୋଟାଏରୁ ସାଢେ ଦୁଇଟା ମଧ୍ୟରେ ଆସିବେ। ଏବେ ସେ ଏସ୍‌ସିବିରେ ଏକ ମିଟିଂରେ ଅଛନ୍ତି। ଇତି ମଧ୍ୟରେ ରୋଗୀଙ୍କ ଦେହ ଥରିବାକୁ ଲାଗିଲା। ଶ୍ରୀ ହୁସେନ ଫେରିଯିବାକୁ କହିଥିଲେ ଏବଂ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ରସିଦ୍ କଟିଯାଇଛି, ଏଣୁ ଟଙ୍କା ଫେରସ୍ତ ସମ୍ଭବ ନୁହେଁ ବୋଲି ଉକ୍ତ ସଂସ୍ଥାର କର୍ମଚାରୀ। ସେଠାରେ ତାଙ୍କୁ ଦୁର୍ବ୍ୟବହାର ହୋଇଛି ବୋଲି ଶ୍ରୀ ହୁସେନ ଅଭିଯୋଗରେ ଜଣାଇଛନ୍ତି। ଶ୍ରୀ ହୁସେନ ଉକ୍ତ ସଂସ୍ଥାର ବିରୁଦ୍ଧରେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ହେଲେ ମଙ୍ଗଳାବାଗ ଥାନା ପକ୍ଷରୁ ଉକ୍ତ ସଂସ୍ଥା ସହିତ ଯୋଗାଯୋଗ କରାଯିବାରୁ ଉକ୍ତ ସଂସ୍ଥା ଦାୟିତ୍ୱ ରେ ଥିବା ଅଧିକାରୀ ଆସିପାରିବେ ନାହିଁ ବୋଲି କହିଥିଲେ। ଏତଲାର କପି ମାଗିବାରୁ ମଙ୍ଗଳାବାଗ ଥାନାର ଏତଲା ରଖିଥିବା ଅଧିକାରୀ ବିଧିବଦ୍ଧ ତଦନ୍ତ କରା ନ ହେବା ପର୍ଯ୍ୟନ୍ତ ଏତଲା କପି ଦିଆହୋଇପାରିବ ନାହିଁ ବୋଲି କହିଥିବା ଶ୍ରୀ ହୁସେନ ଜଣାଇଛନ୍ତି। ଅଭିଯୁକ୍ତଙ୍କୁ ପୁଲିସ ଘଣ୍ଟ ଘୋଡାଉଛି ବୋଲି ମଧ୍ୟ ଅଭିଯୋଗ ଉଠିଛି। ଅନ୍ୟପକ୍ଷରେ ବଡ ମେଡିକାଲର କେଉଁ ଡାକ୍ତର ସମ୍ପୃକ୍ତ ନିଦାନ କେନ୍ଦ୍ରକୁ ଯାଉଛନ୍ତି ଏବଂ ଏଭଳି ଘଟଣାରେ ତାଙ୍କର କଣ ସମ୍ପୃକ୍ତି ରହିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ପୁଲିସ**

**ସନ୍ଦେହରେ ଏସ୍‌ସିବି ଡାକ୍ତରଙ୍କ ସମ୍ପୃକ୍ତି**

## ଆବର୍ଜନା କବ୍‌ଜାରେ ଛତ୍ରବଜାର ମୁଖ୍ୟ ରାସ୍ତା

**କଟକ, ୩।୧୧(ସମିସ):** ମୁଖ୍ୟ ରାସ୍ତା ଉପରେ ଦିନ ତମାମ ପଡ଼ିରହୁଛି ଆବର୍ଜନା। ମୁଖ୍ୟରାସ୍ତା ପାର୍ଶ୍ୱକୁ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଡମ୍ପୟାର୍ଡ ଭାବେ ଚିହ୍ନଟ କରାଯିବା ସହ ଏହାକୁ ବ୍ୟବହାର କରାଯାଇଆସୁଛି। ଫଳରେ ପୁତିଗନ୍ଧମୟ

**ପୁତିଗନ୍ଧମୟ ପରିବେଶ ସହ ଟ୍ରାଫିକ୍ ସମସ୍ୟା**



ପରିବେଶ ସୃଷ୍ଟି ସହ ଟ୍ରାଫିକ ସମସ୍ୟା ଚିନ୍ତାର କାରଣ ହୋଇଛି। ଦୋଳମୁଣ୍ଡାଇ-ଛତ୍ରବଜାର ମୁଖ୍ୟ ରାସ୍ତାରେ ଏଭଳି ଦେଖିବାକୁ ମିଳିଛି। ଏହି ମୁଖ୍ୟ ରାସ୍ତାର ଛତ୍ରବଜାର ଫଳ ଗୋଦାମ ନିକଟବର୍ତ୍ତି ସ୍ଥାନରେ ଚିହ୍ନଟ ଡମ୍ପ ୟାର୍ଡରେ ଯାବତୀୟ ଅଳିଆ ଆବର୍ଜନାକୁ ଫିଙ୍ଗାଯାଉଛି। ରାସ୍ତା ପାର୍ଶ୍ୱରେ ପଡୁଥିବା ଅଳିଆ ଅପରାହ୍ନ ବେଳକୁ ରାସ୍ତା ମଝି ପର୍ଯ୍ୟନ୍ତ ଚାଲି ଆସୁଛି ଓ ଏହାକୁ ମଧ୍ୟ ଏଠାରୁ ପ୍ରତିଦିନ ଉଠାଯାଉ ନାହିଁ। ଏଥି ପାଇଁ ଯାନବାହନ ଚଳାଚଳରେ ସମସ୍ୟା ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହି ଆବର୍ଜନା ଗଦା ନିକଟରେ ଏକ ଘରୋଇ ବିଦ୍ୟାଳୟ ରହିଥିବା ବେଳେ ପାଖରେ ସିଏମସି ଦ୍ୱାରା ସ୍ଥିରୀକୃତ ସ୍ଥାନରେ ଏକ ଓମଫେଡ ପାର୍ଲର ସମେତ ବାସସ୍ଥାନ ଗୁଡିକ ରହିଛି। ଏହାକୁ ଏଠାରୁ ସ୍ଥାନାନ୍ତର ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

## ନାବାଳିକାକୁ ଅସଦାଚରଣ; ଭଣ୍ଡ ବାବା ଅଟକ

**କଟକ, ୩।୧୧(ସମିସ):** ମଧୁପାଟଣା ଥାନା ଅନ୍ତର୍ଗତ କାଜିଡ଼ିଅ ଅଞ୍ଚଳରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଭିକ୍ଷା ମାଗିବାକୁ ଆସି ଜଣେ ଭଣ୍ଡବାବା ସ୍ଥାନୀୟ ଅଞ୍ଚଳରେ ନାବାଳିକାକୁ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଭଣ୍ଡ ବାବାକୁ କାବୁ କରି ପୁଲିସ ଜିମା ଦେଇଥିଲେ।

ପୁଲିସ ସୂଚନା ମୁତାବକ, କାଜିଡିଅ ଅଞ୍ଚଳରେ ଆଜି ଦିନ ୧୦ଟାରେ ଜଣେ ବାବା ଭିକ୍ଷା ବୃତ୍ତି ପାଇଁ ଜଣେ ବ୍ୟକ୍ତିଙ୍କ ଘରକୁ ଆସିଥିଲେ। ବାବା ଜଣକ ବାହାରେ ଛିଡ଼ା ହୋଇ ଭିକ୍ଷା ମାଗିବାରୁ ଘର ମାଲିକଙ୍କ ୭ ବର୍ଷର ନାବାଳିକା ବାବାଙ୍କୁ ନେଇ ଭିକ୍ଷା ଦେଇଥିଲା। ଏହାର ସୁଯୋଗ ନେଇ ଭଣ୍ଡ ବାବା ଜଣକ ଉକ୍ତ ନାବାଳିକାକୁ ଅସଦାଚରଣ କରିଥିଲେ। ପରେ ନାବାଳିକା ଭୟଭିତ ହୋଇ ପରିବାର ଲୋକଙ୍କୁ ଡ଼ାକିବା ଫଳରେ ବାବା ଜଣକ ସେଠାରୁ ଫେରାର୍ ହେବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ଭଣ୍ଡ ବାବାକୁ କାବୁ କରି ନିର୍ଦ୍ଧୁମ ମାଡ଼ ଦେବାପରେ ମଧୁପାଟଣା ଥାନାକୁ ଯୋଗାଯୋଗ କରିଥିଲେ। ପୁଲିସ ଭଣ୍ଡ ବାବାକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ୧୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**କଟକ, ୩।୧୧(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଜଣେ ପେସାଦାର ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଜଗତପୁର ଥାନା ଅନ୍ତର୍ଗତ ଖର୍ଦ୍ଧା ସାହିର ବିଶାଲ କୁମାର ଜେନା(୨୫)। ତା' ପାଖରୁ ୧୦୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ଅଭିଯୁକ୍ତ ବିଶାଲ ନିଜେ ବ୍ରାଉନସୁଗର ସେବନ କରିବା ସହିତ ବେପାର କରିଆସୁଥିଲା। ପୂର୍ବରୁ ମଧ୍ୟ ସେ ବହୁଥର ଧରାପଡ଼ି ଜେଲ ଯାଇଛି। ତେବେ ଗତ କିଛି ମାସ ହେବ ସେ କଟକ ବାହାରେ ରହୁଥିଲ। କିନ୍ତୁ ନିକଟରେ ସୂଚନା ମିଳିଥିଲା ଯେ, ବିଶାଲ ଜଗତପୁର ଫେରିଆସି ପୁଣିଥରେ ନିଶାଦ୍ରବ୍ୟ କାରବାର ଆରମ୍ଭ କରିଛି। ଏହି ସୂଚନା ପାଇବା ପରଠୁ ଅବକାରୀ ଗୁଇନ୍ଦା ବିଭାଗ ଟିମ ତାକୁ ନିଶାଦ୍ରବ୍ୟ ସହିତ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। କିନ୍ତୁ ପ୍ରତିଥର ସେ ଚକମା ଦେଇ ଖସିଯିବାରେ ସକ୍ଷମ ହେଉଥିଲା। ଅନ୍ୟପଟେ ନିଶାଦ୍ରବ୍ୟ ଦେଣନେଣ ସ୍ଥାନ ବଦଳାଉଥିବାରୁ ତାକୁ ଧରିବା କାଠିକର ପାଠ ହୋଇଥିଲା। ତେବେ ଆଜି ସକାଳେ ବିଶାଲ ଚୌଦ୍ୱାର ଗାନ୍ଧୀ ଛକ ପାଖରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିବା ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ନେତୃତ୍ୱରେ ଏକ ଟିମ ତୁରନ୍ତ ସେଠାରେ ପହଞ୍ଚି ବିଶାଲକୁ ମାଡି ବସିଥିଲେ। ତଲାସି ନେବାରୁ ତା' ପାଖରୁ ୧୦୩ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଏହି ନିଶାଦ୍ରବ୍ୟ ସେ ଭଦ୍ରକରୁ ଆଣି କଟକର ବିଭିନ୍ନ ସ୍ଥାନରେ ବେପାର କରୁଥିବା ଜେରା ବେଳେ ସ୍ୱୀକାର କରିଛି। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

## ମଦ ଭର୍ତ୍ତି ସ୍କର୍ପିଓ ଜବତ; ୨ ଗିରଫ

**କଟକ, ୩।୧୧(ସମିସ):** ବେଆଇନ ଭାବେ ନିଶା ଚାଲାଣ କରୁଥିବା ଦୁଇ ଜଣ ଯୁବକଙ୍କୁ ଜିଲ୍ଲା ଅବକାରୀ ବିଭାଗ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଟିଗିରିଆ ଥାନା ବିନ୍ଧାଣୀମା ଗାଁର ସୁନିଲ କୁମାର ସାହୁ(୩୫) ଓ ଗୋପୀନାଥପୁର ଶାସନର ଦିପ୍ତୀରଞ୍ଜନ ରାଣା(୨୬)। ଏମାନଙ୍କ ପାଖରୁ ପ୍ରାୟ ୬ଶହ ଲିଟରର ଦେଶୀ ମଦ ଜବତ ହୋଇଛି। ସୋମବାର ପୂର୍ବାହ୍ନରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା କି, ଏକ ସ୍କର୍ପିଓ ଗାଡିରେ ବିପୁଳ ପରିମାଣର ନିଶାଦ୍ରବ୍ୟ କଟକ ସହର ଭିତରକୁ ଆସୁଛି। ସୂଚନା ପାଇବାମାତ୍ରେ ଜିଲ୍ଲା ଅବକାରୀ ବିଭାଗର ଏକ ଟିମ ପାଟ୍ରୋଲିଂକୁ ଜୋରଦାର କରିଥିଲା। ଏହାରି ଭିତରେ ଜୁଡିସିଆଲ ଏକାଡେମୀ ଛକ ନିକଟରେ ଏକ ସ୍କର୍ପିଓ ଗାଡିକୁ ଠାବ କରାଯାଇଥିଲା। ଗାଡିର ତଲାସି ନେବାରୁ ଭିତରୁ ବିପୁଳ ପରିମାଣର ଦେଶୀ ମଦ ମିଳିଥିଲା। ପ୍ରାୟ ୬୦୦ ଲିଟର ମଦକୁ ପ୍ଲାଷ୍ଟିମ ଜାରରେ ପ୍ୟାକିଂ କରି ରଖାଯାଇଥିଲା। ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ। ଏମାନେ ଟିଗିରିଆ ଭିରୁଡା ଅଞ୍ଚଳରୁ ମଦ ଆଣି ସହରକୁ ଯୋଗାଣ କରୁଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ନିଶାଦ୍ରବ୍ୟ, ଗାଡି ସହ ଅଭିଯୁକ୍ତଙ୍କ ଦୁଇଟି ମୋବାଇଲ ଜବତ ହୋଇଛି। ଅପରାହ୍ନରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି। ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଡିଏସଇ ଅରୁପା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନାରେ ଏହି ଚଢଉ ହୋଇଥିଲା।

**ରେଭେନ୍ସାରେ ପରିବେଶ ଅସ୍ୱାସ୍ଥ୍ୟକର**

## କୁଳପତିଙ୍କୁ ଦାବିପତ୍ର ଦେଲେ ଛାତ୍ରଛାତ୍ରୀ

**କଟକ, ୩।୧୧(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଦିନକୁ ଦିନ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରେ ଲାଗିଛି। ଏ ହଷ୍ଟେଲରୁ ସେ ହଷ୍ଟେଲକୁ ବ୍ୟାପୁଛି ଝାଡ଼ାବାନ୍ତି। ଯାହାକୁ ନେଇ ଛାତ୍ରଛାତ୍ରୀ ଏବଂ ହଷ୍ଟେଲ ଅନ୍ତେବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳୁଛି। ଆଜି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କୁଳପତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଯୋଗ୍ୟ, କିଛି ଦିନ ଭିତରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ହଷ୍ଟେଲରୁ ପାଖାପାଖି ୩୦ରୁ ଅଧିକ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପ୍ରଥମେ ଇଷ୍ଟ ହଷ୍ଟେଲରେ ଝାଡାବାନ୍ତି ବ୍ୟାପିବା ପରେ ଏହାର ଠିକ୍ ଦୁଇଦିନ ପରେ ଭାର୍ଗବୀ ହଷ୍ଟେଲର କିଛି ଅନ୍ତେବାସୀ ଝାଡାବାନ୍ତି ହୋଇଥିଲେ। ବିଶ୍ୱବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ କରାଯାଉଛି। ଦୂଷିତ ଜଳ ସାଙ୍ଗକୁ ପିଇବା ପାଣିରେ ମାତ୍ରାଧିକ ବ୍ଲିଚିଂ ପଡ଼ିଥିବାରୁ ପାଣି ପିଡା ଲାଗୁଛି ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**କଟକ, ୩।୧୧(ସମିସ):** ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜି. ଆନନ୍ଦ ରାଓ ଦୋରା(୯୦)ଙ୍କ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ପରଲୋକ ହୋଇଛି। ଶେଷ ଶଯ୍ୟା ନିକଟରେ ପତ୍ନୀ ରାଣୀ ଦୋରା, ଝିଅ ଡାକ୍ତର ଅମ୍ରିତା ଦୋରା, ପୁଅ ଆଇନଜୀବୀ ଜି.ଅଜୟ ଦୋରା, ପୁତୁରା ରାଜେଶ ଦୋରା, ତାପସ ଦୋରା, ଭଣଜା



ନାଗେଶ୍ୱର ରାଓ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ, ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏସନ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ, ବିଜୟ କୁମାର ଦାଶ, ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା, ଶକ୍ତିଧର ଦାସ, ଅଶୋକ ମହାନ୍ତି, ସି.ଏ.ରାଓ, ରୁଦ୍ରପ୍ରସାଦ କର, କାଳୀପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ ରଥ, ସୁବିର ପାଳିତ, ଏସ.ଏସ.ରାଓ, ଆଇନଜୀବୀ ଅମୀୟ ମହାନ୍ତି, ଦେବୀପ୍ରସାଦ ଦାଶ, ବୀରେନ ଶଙ୍କର ତ୍ରିପାଠୀ, ଅମି ମିଶ୍ର, ବିଜୟ ରଗଡ଼, ବିଶ୍ୱବିହାରୀ ମହାନ୍ତି, ବିଭୂତି ଭୂଷଣ ଚୌଧୁରୀ, ଦୀନେଶ ପଣ୍ଡା, କବିର ଜେନାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଖାନନଗର ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଅଜୟ ମୁଖାଗ୍ନି ଦେଇଥିଲେ। ୧୯୩୫, ଜୁଲାଇ ୧ରେ ଗଞ୍ଜାମ ଜିଲ୍ଲା ଆସ୍କାର ପାଣ୍ଡିଆପଥର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୬୮ରେ ସେ ଆଇନଜୀବୀ ଭାବେ ହାଇକୋର୍ଟରେ କାର୍ଯ୍ୟ ଆରମ୍ଭ କରିଥିଲେ।



## ମସଲା ସମ୍ରାଟ ଶରତ ସାହୁଙ୍କୁ ଚିର ବିଦାୟ












# ସମ୍ପାଦକୀୟ



ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ କେବଳ ରୁଟି ହିଁ ଭଗବାନ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିଶ୍ୱ ବିଜୟିନୀ

ଅନୁଭବ ଓ ଅଭିଜ୍ଞତା ଦୃଷ୍ଟିରୁ ହରମନପ୍ରୀତଙ୍କ ଦଳ ଅଧିକ ପରିପକ୍ୱ ଓ ଶାଣିତ, ବିଶେଷକରି ସ୍ୱଦେଶ ମାଟିର ସହାନୁଭୂତି ଓ ସମର୍ଥନ ବିଶ୍ୱକପ ହାସଲରେ ସହାୟକ ହୋଇଛି। ପୂର୍ବରୁ ଏହିଦଳ ଦୁଇଥର ଫାଇନାଲ ଖେଳି ରନର୍ସଅପ ମଧ୍ୟ ହୋଇଛି। ତେଣୁ ଭାଷ୍ୟକାରମାନେ ଏହି ବିଜୟକୁ ୧୯୮୩ରେ କପିଳଦେବଙ୍କ ନେତୃତ୍ୱରେ ଭାରତର ବିଶ୍ୱକପ ହାସଲ ସହ କରୁଥିବା ତୁଳନା ଆଦୌ ସମୀଚୀନ ନୁହେଁ। ଫାଇନାଲରେ ଅବତୀର୍ଣ୍ଣ ହୋଇଥିବା ଦୁଇଦଳ ଦକ୍ଷିଣ ଆଫ୍ରିକା ଓ ଭାରତ ସେମିଫାଇନାଲରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ପରାଜିତ କରିବାରେ ଯେଉଁ ଚମକ ଦେଖାଇଥିଲେ ତାହା ସେମାନଙ୍କ ଯୋଗ୍ୟତା ଓ ପରାକାଷ୍ଠାର ନିଦର୍ଶନ ବୋଲି କୁହାଯାଇପାରେ। କାରଣ ପରାଜିତ ଦୁଇଦଳ ହିଁ ଥିଲେ ଅସଲରେ ବିଶ୍ୱକପ ଦାବିଦାର। ଅଷ୍ଟ୍ରେଲିଆର ୩୩୯ ଲକ୍ଷ୍ୟର ଅନୁଧାବନ କରି ମ୍ୟାଚ ଜିତିବା ଭାରତ ପାଇଁ ଏତେ ସହଜ ନଥିଲା। ଅଧିନାୟକ ହରମନପ୍ରୀତଙ୍କ ଉପଯୋଗୀ ୮୯ରନ ସାଙ୍ଗକୁ ଜେମିମାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୧୨୭ରନ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହାଥିଲା ଏକଦିବସୀୟ ମହିଳା କ୍ରିକେଟ ଇତିହାସରେ ରେକର୍ଡ ଅନୁଧାବନ। ସେହିଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରଥମେ ବ୍ୟାଟିଂ କରି ୩୧୯ ରନ କରିଥିଲା। ଇଂଲଣ୍ଡ ତାହାର ପିଛା କରି ମାତ୍ର ୧୯୪ରନ କରିବାକୁ ସମର୍ଥ ହୋଇଥିଲା।

ଫାଇନାଲରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ଉଇଲଭାର୍ଟ ପଶ୍ଚାତଧାବନ କରିବାକୁ ଉଚିତ ମଣି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ମ୍ୟାଚର ଗତି ଓ ପ୍ରକୃତି ଯାହା ସେଥିରେ ୩୦୦ରୁ ଊର୍ଦ୍ଧ୍ୱ ରନ ଲକ୍ଷ୍ୟ ଧାର୍ଯ୍ୟ ନକଲେ ଜିତିବା ଯେକୌଣସି ଦଳ ପକ୍ଷରେ ଏତେ ସହଜ ହେବ ନାହିଁ। ତେବେ ଓପନିଂ ବ୍ୟାଟର ଶେଫାଳି ଦଳ ପକ୍ଷରୁ ସର୍ବାଧିକ ୮୭ରନ ଓ ଦୀପ୍ତିଙ୍କ ଉପଯୋଗୀ ୫୮ରନ ଭାରତକୁ ୨୯୮ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହି ଲକ୍ଷ୍ୟର ପିଛା କରୁ କରୁ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଅଧିନାୟକ ଲୌରା ଉଇଲଭାର୍ଟଙ୍କ ଚମକପ୍ରଦ ଶତକ ସତ୍ତ୍ୱେ ଦଳକୁ ସଫଳତା ମିଳିନଥିଲା। ଦଳ ପ୍ରଥମ ଥର ଫାଇନାଲକୁ ଉନ୍ନୀତ ହୋଇଥିବାରୁ ରନର୍ସଅପରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଭାରତର ଏହି ବିଜୟ ପଛରେ ଶେଫାଳିଙ୍କ ୮୭ ରନ ଓ ଦୁଇଟି ଉଇକେଟ ହାସଲ ଦୃଷ୍ଟିରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ସମ୍ମାନିତ କରାଯାଇଥିଲା। ଏହାସତ୍ତ୍ୱେ ଦୀପ୍ତିଙ୍କ ୫୮ ରନ ସାଙ୍ଗକୁ ୫ ଉଇକେଟ ହାସଲ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସର୍ବାଧିକ ୨୨ଉଇକେଟ ହାସଲ ସହ ୨୧୫ରନ ସଂଗ୍ରହ ସକାଶେ ସେ ଚଳିତ ବିଶ୍ୱକପର ଶ୍ରେଷ୍ଠ ଖେଳାଳିର ମର୍ଯ୍ୟାଦା ହାସଲ କରିଛନ୍ତି। ଯାହାହେଉ ଭାରତୀୟ ଦଳ ୫୨ରନରେ ଦକ୍ଷିଣ ଆଫ୍ରିକାକୁ ପରାଜିତ କରି ବିଶ୍ୱକପ ଚମ୍ପିୟାନ ହେବା କମ ଗୌରବର କଥା ନୁହେଁ।

ବିସିସିଆଇର ଘୋଷଣା ଅନୁଯାୟୀ ଭାରତୀୟ ମହିଳା କ୍ରିକେଟ ଦଳ ୧୨୫ କୋଟିଟଙ୍କା ପାଇବ। ଏହି ପୁରସ୍କାର ରାଶି ଯେତେ ବଡ଼କଥା ନୁହେଁ ବଡ଼କଥା ହେଲା ଆମ ଦେଶର ମହିଳା ଯେ ବିଶ୍ୱବିଜୟିନୀ ହୋଇପାରିବେ ତାହା ଏହି ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ ପ୍ରମାଣିତ ହୋଇଛି। ଆଗାମୀ ଦିନରେ ମହିଳା କ୍ରିକେଟ ପ୍ରତି ଆମଦେଶରେ ଆଗ୍ରହ ଓ ଆକର୍ଷଣ ବଢ଼ିବ। ଉନ୍ନତମାନର ମହିଳା କ୍ରିକେଟ ପାଇଁ କ୍ଷେତ୍ର ପ୍ରସ୍ତୁତିର ସୁଯୋଗ ଆହୁରି ବ୍ୟାପକ ହେବ ବୋଲି ଆଶା କରିବା।

## ଆଣ୍ଡ୍ରୁ୍ୟଙ୍କ ପରେ କିଏ?

ଜେଫ୍ରି ଏପିଷ୍ଟିନ୍‌ଙ୍କ ଯୌନ କେଳେଙ୍କାରୀ ସମଗ୍ର ବିଶ୍ୱର ହଟଚମଟ ସୃଷ୍ଟି କରିଥିଲା। ବିତ୍ତୀୟ ସହାୟତା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଷ୍ଠା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏପିଷ୍ଟିନ୍ ଉଭୟ ରାଜନୈତିକ ଓ କର୍ପୋରେଟ୍ ଜଗତରେ ବିଶ୍ୱରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଲୋକସଂପର୍କ ବଢ଼ାଇଥିଲେ। ବୈଭବ ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ଏପିଷ୍ଟିନ୍ ଯୌନ ଲାଳସାକୁ ଚରିତାର୍ଥ କରିବା ପାଇଁ ବ୍ୟଭିଚାରର ସମସ୍ତ ସୀମା ଅତିକ୍ରମ କରିଥିଲେ। ନିଜର ପ୍ରଭାବ ଓ ପ୍ରତିଷ୍ଠାର ଆଢୁଆଳରେ ତଥାକଥିତ ବନ୍ଧୁମାନଙ୍କ ସନ୍ତୁଷ୍ଟି ପାଇଁ ବିପୁଳ ବ୍ୟୟରେ ନାବାଳିକାଙ୍କୁ ସଂଗ୍ରହ କରି ଗୋପନ ଅଭିସାରର ପଥ ପରିଷ୍କାର କରିଥିଲେ। କିଛି ନିକଟତମ ସହଯୋଗୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ହୋଇଥିବାରୁ ଏହି ଘଟଣାକ୍ରମର ଭିଡିଓ ସୁଟିଙ୍ଗ ମଧ୍ୟ କରାଇଥିଲେ।

ତେବେ ଏପ୍ରକାର ଯୌନ ଶୋଷଣ ସବୁଦିନ ଲୁଚି ରହିପାରିବ ନାହିଁ। ନିର୍ଯାତନା ଓ ଶୋଷଣର ସମ୍ମୁଖୀନ ହୋଇଥିବା ଯୁବତୀ ଦିନେ ନା ଦିନେ ମୁହଁ ଖୋଲିବେ। ତାହା ହିଁ ଶେଷରେ ଘଟିଲା। ଏଫବିଆଇ ପକ୍ଷରୁ ତଦନ୍ତ ହେଲା। ପ୍ରବଳ ଚାପ ସତ୍ତ୍ୱେ ସେ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ୧୯ ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିଲା। ଶେଷରେ ସେ ଆତ୍ମହତ୍ୟା କଲେ ବୋଲି କୁହାଯାଇଥିଲେ ମଧ୍ୟ ତାହା ସନ୍ଦେହରୁ ଊର୍ଦ୍ଧ୍ୱରେ ଆସିପାରୁନାହିଁ। ଆମେରିକା ଦୁଇ ପରସ୍ପର ବିରୋଧୀ ଦଳର ନେତା ଏହି ଯୌନ ଶୋଷଣରେ ସଂପୃକ୍ତ ଥିବାରୁ ଏପିଷ୍ଟିନ୍‌ଙ୍କ କଳାକାରନାମାର ସବିଶେଷ ତଥ୍ୟ ପଦାକୁ ଆସିପାରିନାହିଁ। ଏ ସଂକ୍ରାନ୍ତରେ ଭିଡିଓ ରେକର୍ଡିଂ କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଛି। ତେଣୁ ନେତାଙ୍କ ମୁଣ୍ଡରୁ ବିବାଦ ହଟିନି। ବ୍ରିଟେନର ଯୁବରାଜ ଆଣ୍ଡ୍ରୁ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହି ଯୌନ କେଳେଙ୍କାରୀ ପୁଣି ଥରେ ପଦାକୁ ଆସିଛି। ଆମେରିକୀୟ ଯୁବତୀ ଭର୍ଜିନିଆ ଜେଫ୍ରି ମୁହଁ ଖୋଲିବାରୁ ଯୁବରାଜ ଆଣ୍ଡ୍ରୁ୍ୟ ବ୍ରିଟେନ ରାଜପରିବାର ପଦମର୍ଯ୍ୟାଦା ସମ୍ମାନରୁ ବଞ୍ଚିତ ହୋଇଛନ୍ତି। କିଛିଦିନ ତଳେ କିଙ୍ଗ ଚାର୍ଲସ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଏହି ପ୍ରସଙ୍ଗକୁ କେନ୍ଦ୍ର କରି କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ତୁରନ୍ତ ଆଣ୍ଡ୍ରୁ୍ୟଙ୍କ ଉପାଧି ପ୍ରତ୍ୟାହାର କରାଯିବା ସହ ୱିଣ୍ଡସର କାସଲ ବାସଗୃହରୁ ବିଦାୟ ନେବାକୁ କୁହାଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧି ଓ ସମ୍ମାନ ପ୍ରତ୍ୟାହାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଫ୍ରିଙ୍କ ଭଳି ବହୁ ନାବାଳିକା ଏପିଷ୍ଟିନ୍‌ଙ୍କ ଯୌନ କେଳେଙ୍କାରୀର ଶିକାର ହୋଇଛନ୍ତି। ଆଗକୁ ଆଉ ଯେ କିଏ ମୁହଁ ଖୋଲିବ ତାହାର ସମ୍ଭାବନା ଊଣା। ତେବେ ଭିଡିଓ ରେକର୍ଡିଂକୁ ଯେ ନଷ୍ଟ କରାଯାଉଛି ଏକଥା ନୁହେଁ। ଏହା ବେଶୀବର୍ଷ ତଳର ଘଟଣା ନୁହେଁ। ଟ୍ରମ୍ପଙ୍କୁ ନେଇ ବାରମ୍ବାର କଥା ଉଠୁଥିଲେ ମଧ୍ୟ କ୍ଷମତାର ଚାପ ଓ ସାଲିସ ଉଭୟ ଏକ୍ଷେତ୍ରରେ କାମ କରୁଛି। ଗାଜା ବ୍ୟାପାରରେ ଟ୍ରମ୍ପଙ୍କ ଭୂମିକାକୁ ଲକ୍ଷ୍ୟ କଲେ ମୋସାଡର ଭୂମିକା ଆପେ ଆପେ ସନ୍ଦେହ ପରିସରକୁ ଆସି ଯାଉଛି।

# ସୃଜନାତ୍ମକ ବିନାଶ ବନାମ ସୃଜନାତ୍ମକ ସଂରକ୍ଷଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପୁଞ୍ଜିବାଦୀ ଅର୍ଥନୀତି ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଗତି ପଛରେ ସୃଜନଶୀଳ ବା ସୃଜନାତ୍ମକ ବିନାଶ (କ୍ରିଏଟିଭ୍ ଡେଷ୍ଟ୍ରକସନ୍)ର ନିର୍ଣ୍ଣାୟକ ଭୂମିକା ଅବିସମ୍ବାଦିତ ବୋଲି ପ୍ରତିପାଦିତ କରି ୨୦୨୫ର ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ପ୍ରସିଦ୍ଧ ତିନି ଅର୍ଥନୀତିଜ୍ଞ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଓ ପିଟର୍ ହାଓଇଟ୍। ଏହି 'ସୃଜନାତ୍ମକ ବିନାଶ'ର ତତ୍ତ୍ୱଟି ପ୍ରଥମେ ଆମକୁ ଜଣାଇଥିଲେ 'ଜୋସେଫ୍ ସୁମ୍ପିଟର୍'। ଏ ବର୍ଷର ଏହି ଚର୍ଚ୍ଚିତ ନୋବେଲ୍ ବିଜେତାମାନେ ଏହି ନିଷ୍କର୍ଷଟିର ସତ୍ୟତା ତଥା ପ୍ରାମାଣିକତା ଗବେଷଣାଲବ୍ଧ ତଥ୍ୟନିଷ୍ଠ ଯୁକ୍ତି ଆଧାରରେ ଦୃଢ଼ତାର ସହ ସାବ୍ୟସ୍ତ କଲେ। ତେଣୁ ଏବେ ଆମ ବୁଦ୍ଧିଜୀବୀଙ୍କ ତୁଣ୍ଡରେ 'ସୃଜନାତ୍ମକ ବିନାଶ' ରୂପକ ଆପାତତଃ ବିପରୀତାଭାସ ତତ୍ତ୍ୱଟି ଏକ ଘୋଷାପଦ ପାଲଟି ସାରିଲାଣି। ଅନେକ ବି ମାତ୍ରାତିରିକ୍ତ ଉତ୍ସାହ ଦେଖାଇ କହିବାକୁ ଆରମ୍ଭ କଲେଣି ଯେ ପ୍ରତ୍ୟେକ ପ୍ରକାରର ସମୃଦ୍ଧି ବା ବିକାଶ, ତାହା ପ୍ରାକୃତିକ ହେଉ କି ମାନବଜୀବନକୈନ୍ଦ୍ରିକ ହେଉ, ର ଏହା ହେଉଛି ଏକମାତ୍ର ଉତ୍ପ୍ରେରକ।

ଏଥିରେ ବିସ୍ମିତ ହେବାର କାରଣ ଅବଶ୍ୟ ଥାଇ ନପାରେ। କାରଣ ଆମେ ପ୍ରତ୍ୟେକ ଜାଣିଛେ ଯେ ଘଞ୍ଚ ଅରଣ୍ୟଟିଏ ଅଗ୍ନିଦଗ୍ଧ ହେଲା ପରେ ନୂତନ ସବୁଜିମାର ସୃଷ୍ଟି ହୁଏ; ପୁରାତନ ସଂସ୍କୃତି ଓ ପରମ୍ପରା, ପୁରାତନ ଜ୍ଞାନରାଜିରୁ ବେଶ୍ କିଛିକୁ ନେପଥ୍ୟକୁ ହଟାଇ ଦେଇ ନୂତନ ସଂସ୍କୃତି, ପରମ୍ପରା ବା ଜ୍ଞାନରାଜିର ଅଭ୍ୟୁଦୟ ହୁଏ ଏବଂ ପୁରାତନ ପ୍ରବିଧି ବା ପ୍ରାବିଧିକ କୌଶଳର ସ୍ଥାନରେ ନୂତନ ପ୍ରବିଧି, ପ୍ରାବିଧିକ କୌଶଳର ଆବିଷ୍କାର ବା ଉଦ୍‌ଭାବନ ହୁଏ। କିନ୍ତୁ ଦୁର୍ଭାଗ୍ୟଜନକ କଥାଟି ହେଉଛି ଯେ ବର୍ତ୍ତମାନର ଏହି ଲଗାମହୀନ କାଳଖଣ୍ଡରେ ସଂକୀର୍ଣ୍ଣ, ବିଦ୍ୱେଷପୂର୍ଣ୍ଣ ମତାଦର୍ଶର ପ୍ରବକ୍ତା ଓ ଅନ୍ଧଭକ୍ତମାନେ ଆମ ଧର୍ମ, ସଂସ୍କୃତି ତଥା ଜ୍ଞାନପରମ୍ପରାରେ ଥିବା ସକଳ ପ୍ରକାରର ମୁକ୍ତ, ଉଦାର ଚିନ୍ତନ ଓ ସାର୍ବଜନୀନ ବିଚାରଧାରା ସର୍ବାଦୌ ପରିତ୍ୟଜ୍ୟ ବୋଲି ଆମମାନଙ୍କୁ କହୁଛନ୍ତି। ଦେଶପ୍ରେମ, ଜାତିପ୍ରେମ ବା ସଂପ୍ରଦାୟପ୍ରେମର ଦ୍ୱାହି ଦେଇ ଚିରନ୍ତନୀ ମାନବୀୟ ଆଦର୍ଶ ବା ମୂଲ୍ୟବୋଧ ସବୁର ସ୍ଥାନରେ ଘୃଣା, ଅସୂୟା, ଅସହିଷ୍ଣୁତା, ଧର୍ମୀୟ ବିଭେଦର ବୀଜ ରୋପଣ କରିବାରେ ବିକୃତ ଉତ୍ସାହ ଦେଖାଇ ଚାଲିଛନ୍ତି। ଦୟା, କ୍ଷମା, ସମଭାବାପନ୍ନ, ବିଶ୍ୱପ୍ରେମ ଓ ସର୍ବଧର୍ମସମନ୍ୱୟୀ ଭାବଭାବନାଗୁଡ଼ିକୁ ଖର୍ବ, ମଳିନ, ନିଷ୍ପ୍ରଭ କିମ୍ବା ମୂଳପୋଛ କରିଦେବା ପାଇଁ ହୀନ ମସୁଧା ଚାଲିଛି ସର୍ବତ୍ର।

ଏମିତି ଭ୍ରଷ୍ଟ, ଭ୍ରାନ୍ତ ବିଚାରଧାରାର ତଥାକଥିତ ରାଷ୍ଟ୍ରପ୍ରେମୀ ବା ଧର୍ମପ୍ରେମୀମାନଙ୍କ ସହିତ ଆମ ବୁଦ୍ଧିଜୀବୀ, ଆମ ଜନବିଦ୍ୱାନମାନେ, ଏପରିକି ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟା ବିଶାରଦମାନେ, ସ୍ୱର ମିଳାଇଥିବାର ଭୁରିଭୁରି ଦୃଷ୍ଟାନ୍ତ ଆମ ପାଖରେ। ଏପରି ଏକ ବିଷାକ୍ତ, ବିମର୍ଷକର ବାତାବରଣରେ ବିଚରା ସାଧାରଣ ଜନତା ଅତି ସହଜରେ ପ୍ରତାରିତ ହେବା ଆଦୌ ବିଚିତ୍ର ନୁହେଁ। ମାନବୀୟ ମୂଲ୍ୟବୋଧ, ଗଣତାନ୍ତ୍ରିକ ଆଦର୍ଶ ଓ ଧର୍ମନିରପେକ୍ଷ ବିଚାରଧାରା ସବୁକୁ ପୁରୁଣା, ଘଷରା, ଯୁଗଅନୁପଯୋଗୀ ବୋଲି କହି ଉଗ୍ର, ହିଂସ୍ର, ସାଂପ୍ରଦାୟିକ ମତାଦର୍ଶ ସବୁର ପରିପ୍ରସାର ପାଇଁ ନିରନ୍ତର ପ୍ରୟାସ କରୁଥିବା ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ସୃଜନାତ୍ମକ ବିନାଶ ତତ୍ତ୍ୱଟିର ଅପପ୍ରୟୋଗ କରିବାର ସହସ୍ର ସମ୍ଭାବନା ଥିବା ପରି ସ୍ପଷ୍ଟ ବୋଧ ହୁଏ। ତେଣୁ ଏ ସନ୍ଦର୍ଭରେ ଏକ ବିକଳ୍ପ ଚିନ୍ତନର ଆବଶ୍ୟକତା ଅଛି, କାରଣ ପ୍ରତ୍ୟେକ କ୍ଷେତ୍ରରେ ସଂଘଟିତ ହେଉଥିବା ବିକାଶ, ପରିବର୍ଦ୍ଧନ ବା ନବପ୍ରବର୍ତ୍ତନ ପଛରେ ସୃଜନାତ୍ମକ ଧ୍ୱଂସ କି ବିନାଶ ଏକ ଅବଧାରିତ ପ୍ରକ୍ରିୟା ନୁହେଁ।

ଏ ଜୀବନ ଓ ଜଗତରେ ଏମିତି ଅନେକ କ୍ଷେତ୍ର ଅଛି, ଯେଉଁଠି ସୃଜନାତ୍ମକ ବିନାଶ ନୁହେଁ, ବରଂ ସୃଜନାତ୍ମକ ସଂରକ୍ଷଣ ମାଧ୍ୟମରେ ନୂତନକୁ ଆବାହନ ଓ ସ୍ୱାଗତ କରାଯାଇଥାଏ, ଯେଉଁଠି ବିକାଶ, ବିବର୍ତ୍ତନ କି ନବନବ ଉନ୍ମେଷମାନ ଅନବରତ ଘଟିଚାଲିଥାଏ ଧ୍ୱଂସ ବା ବିନାଶର ବିନା ସଂରଚନାରେ। ନୂତନର ଆବାହନ, ନୂତନର ଧରାବତରଣ ପାଇଁ ଯାହାକିଛି ପ୍ରାଚୀନ, ଯାହାକିଛି ପୂର୍ବସୃଷ୍ଟ ବା ପୂର୍ବପ୍ରତିଷ୍ଠିତ ସେ ସବୁକୁ ସଂପୂର୍ଣ୍ଣ ବିନାଶ କରିବା ବା ନେପଥ୍ୟକୁ ଠେଲିଦେବା ସର୍ବଦା ଏକ ଅବଧାରିତ ସତ୍ୟ ନୁହେଁ। ଆଗକୁ ପାଦ ପକାଇ ଚାଲିବା ପାଇଁ ସର୍ବଦା ପଛର ସବୁ ପଦଚିହ୍ନକୁ ଲିଭାଇଦେବା ଆବଶ୍ୟକ ହୋଇନଥାଏ। ପ୍ରେମ, ମମତା, ଅନୁରାଗ ପରି ଆଦିମତମ ତଥା ସହଜାତ ମାନବୀୟ ପ୍ରବୃତ୍ତି ସବୁର କ୍ରମପ୍ରସ୍ଫୁଟନ ପାଇଁ ଲୋଡ଼ା ହେଉଛି ସୃଜନାତ୍ମକ ସଂରକ୍ଷଣ। ଅର୍ଥାତ୍ ଏହି ମାନବୀୟ ଭାବାବେଗ କ୍ରମଶଃ ଗଭୀରରୁ ଗଭୀରତର ହୋଇଥା'ନ୍ତି ପୂର୍ବର ସକଳ ସ୍ମୃତି, ସକଳ ଆବେଗକୁ ଅତୁଟ ରଖି। ପ୍ରଥମ ପ୍ରେମାନୁଭୂତିର ମଧୁଆବେଶକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରି ପ୍ରେମ ତା'ର ସାର୍ଥକତା ସାଉଁଟି ନଥାଏ, ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ମା'ର ବାତ୍ସଲ୍ୟ ପ୍ରେମ ସର୍ବଦା ହିଁ ରହିଥାଏ ଜାଜ୍ୱଲ୍ୟମାନ। ବୟସ୍କ ସନ୍ତାନ ପ୍ରତି ମା'ର ପ୍ରେମ ହେଉଛି ସ୍ମୃତି ଓ ଅଭିଜ୍ଞତାର ଆଧାରରେ ବିବର୍ଦ୍ଧିତ, ପରିପକ୍ୱ ହୋଇଥିବା ସେହି ବାତ୍ସଲ୍ୟ ପ୍ରେମ ମାତ୍ର। ବାତ୍ସଲ୍ୟ ପ୍ରେମ ଅନୁରୂପ ବି ଘନ ଆବେଗଦୀପ୍ତ ରୋମାଣ୍ଟିକ୍ ପ୍ରେମ, ଯା'ର ପ୍ରବାହ ଅବିଚ୍ଛିନ୍ନ ରହିଥାଏ ଅତୀତରୁ ବର୍ତ୍ତମାନ ଏବଂ ଯା'ର ଦୀପ୍ତି ସଂଚରିତ ହୋଇଚାଲିଥାଏ ପାହାନ୍ତା ପ୍ରହରର କୋମଳ ସୂର୍ଯ୍ୟାଲୋକର ଅବିଚ୍ଛିନ୍ନ କ୍ରମସଂଚରଣ ପରି। ପ୍ରେମ, ମମତା ଓ ଅନୁରାଗର ଅଙ୍ଗନ ହେଉଛି ହୃଦୟ ଏବଂ ହୃଦୟ ଜାଣେ ନାହିଁ 'ସୃଜନାତ୍ମକ ବିନାଶ'ର ଭାଷା। ହୃଦୟ କେବଳ ଜାଣେ 'ସୃଜନାତ୍ମକ ସଂରକ୍ଷଣ'ର ଭାଷା। ଏହା କେବଳ ବିଶ୍ୱାସ କରେ 'ସୃଜନାତ୍ମକ ବିକାଶ', 'ବିବର୍ତ୍ତନ' ଓ 'ସୃଜନାତ୍ମକ ପରିବର୍ଦ୍ଧନ'ରେ। ଫିନିକ୍ସ ପକ୍ଷୀ ପରି ପୁନର୍ଜନ୍ମ ନେବାକୁ, ପୁନଃ ସତେଜ ବା ଜୀବନ୍ତ ହେବାକୁ ମାନବୀୟ ପ୍ରେମ, ମମତା ଓ ଅନୁରାଗ କେବେହେଲେ ଲୋଡ଼ି ନ ଥା'ନ୍ତି ଆପଣା ଆପଣାର ଭସ୍ମ ପାଉଁଶ। ଏକ ଗୂଢ଼, ଗଭୀର ଦୃଷ୍ଟିରୁ ବିଚାର କଲେ ଆମେ ନିଶ୍ଚୟ ଉପଲବ୍ଧି କରିପାରିବା ଯେ ଆମ ଜୀବନର ମହାର୍ଘ ଭାବକ୍ଷେତ୍ର ପାଇଁ ସୃଜନଶୀଳ ବା ସୃଜନାତ୍ମକ ବିକାଶର ତତ୍ତ୍ୱଟି ପୂରାପୂରି ନିରାଧାର।

ଖାଲି ପ୍ରେମ ବା ମମତାର କ୍ଷେତ୍ର ନୁହେଁ, ମୈତ୍ରୀ, କରୁଣା, ସମ୍ବେଦନା ଓ ନୈତିକତା ପରି ଶ୍ରେଷ୍ଠତମ ମାନବୀୟ ମୂଲ୍ୟବୋଧ ସବୁର ବିକାଶ ବା ଯୁଗୋପଯୋଗୀ ରୂପାନ୍ତରଣ ପାଇଁ ଆବଶ୍ୟକ ହୋଇନଥାଏ କୌଣସି ପ୍ରକାର ବିନାଶର ପ୍ରକ୍ରିୟା। ଏ ସମସ୍ତ ମୂଲ୍ୟବୋଧର ଉତ୍ସ ହେଉଛି ମାନବର ଅନ୍ତର୍ମନ ବା ଚେତନା। ମାନବୀୟ ଚେତନାର କ୍ରମବିକାଶ ସହ ତାଳ ଦେଇ ବିବର୍ଦ୍ଧିତ ବା ବିକଶିତ ହୋଇଥାଏ ମୂଲ୍ୟବୋଧଭିତ୍ତିକ ମାନବଜୀବନ। ପ୍ରସ୍ତର ଯୁଗର ଅନ୍ଧାରି ବଳୟରୁ ଧୀରେ ଧୀରେ ସଚେତନତାର ଆଲୋକକୁ ଆସୁଥିବା ମଣିଷ ପ୍ରଥମେ କେବଳ ଆପଣାର ସୁରକ୍ଷା, ନିରାପତ୍ତା ନିଶ୍ଚିତ କରିବା ପାଇଁ କେତୋଟି ନୀତି, ନିୟମ ମାନିବାକୁ ଚାହିଁଥିବ ଏବଂ ପରେ ସେ ସବୁର ଉପଯୋଗିତା ତା' ପାଖରେ ସ୍ପଷ୍ଟ ହୋଇଯିବା ପରେ ସେ ବୁଝିଯାଇଥିବ ଯେ ସେ ନୀତି, ନିୟମ ବା ଲକ୍ଷ୍ମଣରେଖାମାନଙ୍କର ଉଲ୍ଲଙ୍ଘନ ତା'ର ଅସ୍ତିତ୍ୱ ପାଇଁ ବିପଜ୍ଜନକ। ମଣିଷ ତା'ର ସଭ୍ୟତାର ବ୍ରାହ୍ମ ମୁହୂର୍ତ୍ତରୁ ଏ ପର୍ଯ୍ୟନ୍ତ ମୈତ୍ରୀ, ପ୍ରୀତି, କରୁଣା ଓ ନୈତିକତା ଆଦି ମହନୀୟ ମାନବୀୟ ଭାବ, ନୀତି ବା ଆଦର୍ଶର ପରିପୁଷ୍ଟି କରିଆସିଛି ବିନା ସୃଜନାତ୍ମକ ବିନାଶ ତତ୍ତ୍ୱର ସଚେତନ ପ୍ରୟୋଗରେ। ପୁରାତନ ଆତ୍ମିକ ଭାବସଂପଦ, ପୁରାତନ ମୂଲ୍ୟବୋଧର ଧ୍ୱଂସସାଧନ ନୁହେଁ, ସଚେତନ ଅଙ୍ଗୀକାର ସଚେତନ ସଂରକ୍ଷଣ ମାଧ୍ୟମରେ ସେ ସବୁର ଦୃଢ଼ୀକରଣ ଓ ପରିବର୍ଦ୍ଧନ ହୋଇଥାଏ। ନ୍ୟାୟପ୍ରଦାନର ଦାୟରେ ଦୟା, କ୍ଷମା ବା କରୁଣାର ବିନାଶ କାମ୍ୟ ନୁହେଁ, ସାହସ ପ୍ରଦର୍ଶନ ପାଇଁ ନମ୍ରତା ବା ସଂବେଦନାର ବିନାଶ କାମ୍ୟ ନୁହେଁ କି ନିରପେକ୍ଷ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରେମଭାବର ବିନାଶ କାମ୍ୟ ନୁହେଁ।

ଉତ୍ତରୋତ୍ତର ଭୌତିକ ତଥା ଅର୍ଥନୈତିକ ପ୍ରଗତିର ଧାରାରେ ସୃଜନାତ୍ମକ ଧ୍ୱଂସ ବା ବିନାଶ (କ୍ରିଏଟିଭ ଡେଷ୍ଟ୍ରକସନ୍)ର ପ୍ରାସଙ୍ଗିକତା ଅବଶ୍ୟ ଅନସ୍ୱୀକାର୍ଯ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗ, ଅତ୍ୟାଧୁନିକ ପ୍ରବିଧିମାନଙ୍କ ନିର୍ମାଣ, ବିନିର୍ମାଣ କ୍ରମରେ ଲିପ୍ତ ବିଶାରଦ, ବିଶେଷଜ୍ଞମାନେ ସୃଜନାତ୍ମକ ବିନାଶର ମନ୍ତ୍ରଟି ଉଚ୍ଚାରଣ କରି ପୁରୁଣାର ଯଜ୍ଞାନଳରେ ଆହୂତି ପ୍ରଦାନ କରୁଥା'ନ୍ତୁ। ନୂଆର ଧରାବତରଣ କରାଇ ଚାଲିଥା'ନ୍ତୁ, ନବପ୍ରବର୍ତ୍ତନ ମାଧ୍ୟମରେ। କିନ୍ତୁ ସକଳ ପ୍ରକାରର ବିକାଶ, ପରିବର୍ତ୍ତନ ବା ପରିବର୍ଦ୍ଧନ ପାଇଁ ପୂରାତନର ସମ୍ମୂଳ ଉତ୍‌ପାଟନ, ସମୂଳ ବିସର୍ଜନ ଯେ ଅପରିହାର୍ଯ୍ୟ-ଏହା ଆଦୌ ଏକ ନିର୍ବିବାଦୀୟ ସତ୍ୟ ନୁହେଁ। ଆମେ ଯଦି ଏପରି ଭାବିବସିବା ଆମେ ମତାନ୍ଧ ହୋଇଯିବା, ଏକପ୍ରକାର ରୂଢ଼ିବାଦୀ ଧାରଣାର ଅନ୍ଧଭକ୍ତ ହୋଇଯିବା ଏବଂ ଜୀବନ ଓ ଜଗତ ପାଇଁ ଅତି ଶ୍ରେୟସ୍କର ଅନେକ ମହାର୍ଘ ଭାବସଂପଦ, ଅନେକ ମହାର୍ଘ ଗୁଣରାଜିର ବିନାଶପର୍ବର ପୁରୋଧା ହୋଇଯିବା, ଯେମିତି ହୋଇଚାଲିଛେ ଏବେ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

ଡ. ଅଭିମନ୍ୟୁ ବରାଳ

ଆମ ଜନ୍ମଭୂମି ଭାରତବର୍ଷ ପ୍ରାଚୀନ ସଂସ୍କୃତିସମ୍ପନ୍ନ ସଭ୍ୟ ଦେଶ। ଏ ଦେଶର ବେଦ, ବେଦାନ୍ତ, ଉପନିଷଦ, ପୁରାଣ, ଜ୍ୟୋତିଷ, ସାହିତ୍ୟ, ବ୍ୟାକରଣ, ନ୍ୟାୟ, ମୀମାଂସା, ଅର୍ଥନୀତି ଓ ରାଜନୀତି ଆଦି ଥିଲା ଉନ୍ନତତର। ନାଳନ୍ଦା, ତକ୍ଷଶିଳା, ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରୁଥିଲେ। ଇଂରେଜମାନେ ଭାରତବର୍ଷକୁ ଅଧିକାର କରିବା ପରେ ଦେଖିଲେ ଯେ ଏ ଦେଶର ଶିକ୍ଷାଦାନ ପଦ୍ଧତି ଅତ୍ୟନ୍ତ ଉନ୍ନତ। ବେଦ, ବେଦାନ୍ତ ଓ ସଂସ୍କୃତ ଭାଷା ଏ ଜାତିକୁ ଉନ୍ନତ କରି ରଖିଛି। ତେଣୁ ଏ ଶିକ୍ଷା ବ୍ୟବସ୍ଥାକୁ ଯଦି ବିଭ୍ରାଟ କରିଦିଆଯାଏ ତେବେ ଭାରତୀୟମାନେ ଆମର ପଦାଙ୍କ ଅନୁସରଣ କରିବେ। ବେଶପୋଷାକ, ଚାଲିଚଳଣି ସବୁ ପରିବର୍ତ୍ତନ ହୋଇଯିବ। ଏମାନେ ସଂସ୍କୃତ ନ ପଢ଼ି ଇଂରାଜୀ ପଢ଼ିବେ। ବେଦ ବେଦାନ୍ତ ନ ପଢ଼ି ଇଂରାଜୀ ଉପନ୍ୟାସ (ନଭେଲ) ଓ ଗଳ୍ପାଦିକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ।

ତେଣୁ ଇଂରେଜମାନେ ଯେଉଁ ଶିକ୍ଷାର ପ୍ରବର୍ତ୍ତନ କଲେ ସେଥିରେ ନଥିଲା ନୈତିକତାର ଲେଶମାତ୍ର ସୂଚନା। ତାହା ଥିଲା କେବଳ ଚାକିରି କୈନ୍ଦ୍ରିକ ବିଦ୍ୟା। ନାଳନ୍ଦା, ତକ୍ଷଶିଳା ପ୍ରଭୃତି ବିଶ୍ୱବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାହା ନୈତିକତା ତଥା ବୌଦ୍ଧିକ ବିକାଶର ଶିକ୍ଷା। ଚୀନ ପରିବ୍ରାଜକ ହୁଏନ୍ ସାଂ ସ୍ୱୀୟ ବିବରଣୀରେ ଆମ ଶିକ୍ଷା ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି। ତେଣୁ ସ୍ୱାର୍ଥପର ଇଂରେଜମାନେ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରାୟ ଅଚଳ କରିଦେଲେ। ସେଥିରେ ଥିବା ବିଶାଳ ପାଠାଗାରକୁ ଅନଳ ଲଗାଇ ଭସ୍ମୀଭୂତ କରିଦେଲେ। ଶୁଣାଯାଏ ଉକ୍ତ ପାଠାଗାର ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଜଳିଲା। ଫଳରେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ତାଳପତ୍ର ପୋଥି ଜଳିପୋଡ଼ି ପାଉଁଶ ହୋଇଗଲା। ଭାରତର ଶିକ୍ଷାଗତ ମେରୁଦଣ୍ଡକୁ ଭାଙ୍ଗିଦେବାରେ ଏହା ଥିଲା ଇଂରେଜମାନଙ୍କର ପ୍ରଥମ ଅଭିନବ କୌଶଳ। ଫଳରେ ଭାରତୀୟମାନେ ପାଶ୍ଚାତ୍ୟାଭିମୁଖୀ ତଥା ପରମୁଖାପେକ୍ଷୀ ହୋଇଗଲେ। ସେମାଙ୍କର ସ୍ୱାଧୀନ ଚିନ୍ତା ଓ ଚେତନା ବିଲୁପ୍ତ ହୋଇଗଲା। ତେଣୁ ଇଂରେଜମାନେ ଦୀର୍ଘଦିନ ଧରି ଏ ଦେଶକୁ ଶାସନ କରିବାର ସୁଯୋଗ ପାଇଗଲେ। ବ୍ୟାସକବି ଫକୀରମୋହନ ଯଥାର୍ଥରେ କହିଛନ୍ତି,

'ହିଷ୍ଟ୍ରି, ଫିଲୋସୋଫି, ବଟାନୀ ବିଦେଶୁ ହୋଇଛି ଏ ଆମଦାନୀ / ପିଲାଏ ଖାଆନ୍ତି ଏ ସବୁ ଫଳ ପାପ ଟଙ୍କା ଗଣିଦିଏ କେବଳ / ଏ ସବୁ ଫଳର ଗୁଣ ଓଲଟା ହୁଏ ଦେହ ସରୁ ବୁଦ୍ଧିଟା ମୋଟା / ମାତ୍ରକ ହଜମ ଯେପରି ଜାଣି ଜଗତ ଜିଣେ ସେ ଆପଣା ଜ୍ଞାନେ।' (ମୁଁ ହାଟ ବାହୁଡ଼ା)

ପ୍ରାଚୀନ ଭାରତରେ ଋଷିମୁନିମାନେ ଗୁରୁକୁଳ ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିଲେ। ସେମାନେ ଶିଷ୍ୟମାନଙ୍କୁ ପୁତ୍ରବତ୍ ଜ୍ଞାନ ପ୍ରଦାନ କରୁଥିଲେ। ଶିକ୍ଷାଦାନର ପଦ୍ଧତି ଭିନ୍ନ ଥିଲା। ଶିକ୍ଷା ଶେଷରେ ଏକ ଆଦର୍ଶ ମଣିଷ ଭାବରେ ଛାତ୍ରଟି ସମାଜର ମୁଖ୍ୟ ସ୍ରୋତରେ ମିଶି ନିଜ ଜୀବନଯାତ୍ରା ପଥରେ ଅଗ୍ରସର ହେଉଥିଲା। ସେଠାରେ ବେଦ ବେଦାନ୍ତଠାରୁ ଆରମ୍ଭ କରି କୃଷି ଏବଂ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଦିଆଯାଉଥିଲା। ଏଥିପାଇଁ ଶିଷ୍ୟକୁ କୌଣସି ମୂଲ୍ୟ ଦେବାକୁ ପଡୁ ନ ଥିଲା। ଶିକ୍ଷା ସମାପ୍ତି ପରେ ଗୁରୁ ନିଜ ଇଚ୍ଛାରେ ଗୋଟିଏ ଦକ୍ଷିଣା ମାଗୁଥିଲେ। ଠିକ୍ ସେହିପରି ଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବକୁଳ ଛୁରିଅନା କୁଞ୍ଜର ବନ ବିଦ୍ୟାଳୟ। ବକୁଳ, ତମାଳ ତରୁ ବ୍ରତତୀର ସ୍ନିଗ୍ଧ ଛାୟାରେ ବସି ଛାତ୍ରମାନେ ଗୁରୁଙ୍କ ମୁଖରୁ ଶିକ୍ଷା ଗ୍ରହଣ କରୁଥିଲେ। ବନ ବିଦ୍ୟାଳୟର ଗୁରୁମାନେ ମଧ୍ୟ ଋଷି ପ୍ରତିମ ଥିଲେ। ପରବର୍ତ୍ତୀ କାଳରେ ଜନପଦମାନଙ୍କରେ ମାଟିବଂଶର ଅବଧାନମାନେ ଶିକ୍ଷାଦାନ କଲେ। ଧନୀ ଜମିଦାରଙ୍କ ବ୍ୟତୀତ ଖୁବ କମ୍ ପିଲା ଅଧ୍ୟୟନର ସୁଯୋଗ ପାଇଲେ। ପରେ ଗ୍ରାମ୍ୟ ଚାଟଶାଳୀରେ ସମସ୍ତ ବର୍ଗର ଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଛାନ୍ଦ, ପ୍ରବନ୍ଧ, ପଣିକିଆ ପ୍ରଭୃତି ସେଠାରେ ଅବଧାନେ ଶିକ୍ଷାଦାନ କଲେ। କିନ୍ତୁ ତାହା ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ।

ସ୍ୱାଧୀନତା ପରେ ସରକାରୀ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ଆଧୁନିକ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛନ୍ଦରେ ଅଧ୍ୟୟନ କରିପାରିଲେ। ଗାଁରେ ଥିବା ସରକାରୀ ଜମିରେ ବିଦ୍ୟାଳୟ ଖୋଲାଗଲା। ଅନେକ ସ୍ଥଳରେ ଧନିକ ଶ୍ରେଣୀର ଲୋକମାନେ ଜମି ଦେଇ ଘରଦ୍ୱାର ମଧ୍ୟ ତୋଳାଇ ଦେଲେ। ଗ୍ରାମବାସୀମାନେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱ ନେଲେ। କ୍ରମଶଃ ଝିଅମାନେ ବିଦ୍ୟାଳୟକୁ ଆସିଲେ। ଏହାପୂର୍ବରୁ ତତ୍କାଳୀନ ସମାଜରେ ଝିଅମାନେ ବାହାରକୁ ଯାଇ ପାଠ ପଢ଼ିବା ଏକ ଦୁରୂହ କାର୍ଯ୍ୟ ଥିଲା। ବ୍ୟାସକବି ଫକୀରମୋହନଙ୍କ ରେବତୀ ଗଳ୍ପ ଏହାର ଏକ ପ୍ରତିଫଳନ। ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହେଲା। ଅଭିଭାବକମାନେ ମଧ୍ୟ ବିଦ୍ୟାଳୟ ସହିତ ସମ୍ପର୍କ ରକ୍ଷା କରୁଥିଲେ। କୌଣସି ଛାତ୍ର ବିଦ୍ୟାଳୟକୁ ନ ଆସିଲେ ଶିକ୍ଷକ ତା' ଘରକୁ ଯାଇ ଭଲମନ୍ଦ ବୁଝିବା ସହିତ ତାକୁ ଡାକି ଆଣୁଥିଲେ। 'ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ', 'ଶିକ୍ଷା ହେଉଛି ମଣିଷର ମୌଳିକ ଅଧିକାର।' ସମ୍ବିଧାନର ଧାରା ୨୧ (ଏ)ରେ ଏହା ନିଶ୍ଚିତ କରାଯାଇଛି। ଗାଁ ଗହଳିରେ ଶିକ୍ଷକମାନେ ସମ୍ମାନିତ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପାଇଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବେଶ୍ ମନୋରମ ହୋଇପାରିଲା।

ଶିକ୍ଷାଳୟ ଜ୍ଞାନର ମନ୍ଦିର। ଏହା ଅତ୍ୟନ୍ତ ପବିତ୍ର ସ୍ଥାନ। ସେହିପରି ଅଧ୍ୟୟନ ଏକ ମହାଯଜ୍ଞ। ଏଥିରେ ଛାତ୍ର ଜଜମାନ, ଶିକ୍ଷକ ପୁରୋହିତ। ଶିକ୍ଷାୟତନ ଏକ ଯଜ୍ଞଶାଳା। ସତ୍ୟବାଦୀ ବନ ବିଦ୍ୟାଳୟ ଏବଂ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ମୌଳିକ ଶିକ୍ଷା ଏବଂ ମୌଳିକ ବିଦ୍ୟାଳୟମାନଙ୍କରେ ନ୍ୟୂନାଧିକେ ଏ ସବୁ ଦେଖିବାକୁ ମିଳୁଥିଲା। ସମୟକ୍ରମେ ଆଧୁନିକତାର ଦ୍ୱାହି ଦେଇ ଏହାର ପବିତ୍ରତା ନଷ୍ଟ ହୋଇଚାଲିଛି। ଏବେ ଆଉ ପ୍ରାଥମିକ ବିଦ୍ୟାଳୟରେ ସେ ଗୌରବ ନାହିଁ କି ସେ ଶୈକ୍ଷିକ ବାତାବରଣ ଆଉ ନାହିଁ। ଶିକ୍ଷକମାନେ ଚାକିରି କରି ଅର୍ଥ ଉପାର୍ଜନ ପାଇଁ ଆସୁଛନ୍ତି। ମାତ୍ର ପିଲାଟିର ଉନ୍ନତି ବିଷୟରେ ସେମାନେ ଚିନ୍ତା କରୁନାହାନ୍ତି। ବିଦ୍ୟାଳୟର ଖଟିମାଟି ଚାଳଘର ଏବେ କୋଠାରେ ପରିଣତ ହୋଇଯାଇଛି। ସେହି ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ କରି ଦିଆଯାଇଛି। କେତେକ ଛାତ୍ର ଖାଲି ମଧ୍ୟାହ୍ନଭୋଜନ ପାଇଁ ସ୍କୁଲକୁ ଆସୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପାଶ୍ଚାତ୍ୟ ଦେଶକୁ 'ମ୍ଳେଚ୍ଛ ଦେଶ' ବୋଲି 'ମନୁ ସଂହିତା'ରେ କୁହାଯାଇଛି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଆଜି ସବୁକିଛି ବଦଳିଯାଇଛି। ଆଜି ଭାରତୀୟମାନେ ବିଦେଶରୁ ଶିକ୍ଷାଲାଭ କରି ଆସିବା ପରେ ତାଙ୍କୁ ଏଠାରେ ସମ୍ମାନ ଦିଆଯାଉଛି ଏବଂ ସେମାନେ ଗର୍ବ ଅନୁଭବ କରୁଛନ୍ତି। ଏ ସବୁକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନଟିଏ ଉଠୁଛି - ଏ କ'ଣ ସେହି ଭାରତବର୍ଷ, ଯିଏ ଦିନେ ଶିକ୍ଷା କ୍ଷେତ୍ରରେ ଅପୂର୍ବ ଗୌରବର ଅଧିକାରୀ ହୋଇ ବିଶ୍ୱଗୁରୁର ସମ୍ମାନ ଲାଭ କରିଥିଲା? ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ବିଶ୍ୱଗୁରୁ ଭାରତର ସେ ହୃତଗୌରବ ସତରେ କ'ଣ ଆଉ ଫେରିବନି?

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

# ଧାତବ ଜୈବିକ ଆଧାରକୁ ନୋବେଲ ସ୍ୱୀକୃତି

ଶ୍ରୀନନ

**ବିଜ୍ଞାନ ବାର୍ତ୍ତା**

ଚଳିତ ବର୍ଷ (୨୦୨୫) ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି ଜାପାନର କିଓଟୋ ବିଶ୍ୱବିଦ୍ୟାଳୟ ସୁସୁମୁ କିଟାଗାୱା, ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରୋବ୍‌ସନ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ୟାଘିଙ୍କୁ। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉଦଭାବନ 'ଧାତବ-ଜୈବିକ ଆଧାର' (ମେଟାଲ-ଅର୍ଗାନିକ ନେଟୱାର୍କ ବା ସଂକ୍ଷେପରେ ଏମ୍‌ଓଏଫ୍) ଲାଗି। ଏହି ପଦାର୍ଥଗୁଡ଼ିକରେ ଧାତବ ଆୟନ୍‌ଗୁଡ଼ିକ ଜୈବିକ ଅଣୁମାନଙ୍କ ଦ୍ୱାରା ଏକ ନିୟମିତ ପୁନରାବୃତ୍ତି ଘଟୁଥିବା ଢଙ୍ଗରେ ସଂଯୁକ୍ତ ହୋଇ ତ୍ରିପରିସରୀୟ ସଂରଚନାଟିଏ ସୃଷ୍ଟି କରିଥା'ନ୍ତି। ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏଥିରେ ଥିବା ଧାତବ ଆୟନ ଏବଂ ଜୈବିକ ଅଣୁ ମଧ୍ୟରେ ଶୂନ୍ୟସ୍ଥାନ ବିଶାଳକାୟ ରନ୍ଧ୍ର ରୂପେ କାର୍ଯ୍ୟ କରି ଏହାକୁ ଅତ୍ୟନ୍ତ ସଚ୍ଛିଦ୍ର କରିଥା'ନ୍ତି। ୟାଘିଙ୍କ କହିବା ଅନୁସାରେ ଏକ ଗ୍ରାମ ଏମ୍‌ଓଏଫ୍‌ର ଆଭ୍ୟନ୍ତରୀଣ ପୃଷ୍ଠଭୂମିର ଆକାର ପ୍ରାୟ ଏକ କ୍ଷୁଦ୍ର ଫୁଟବଲ ପଡ଼ିଆ ସହିତ ସମାନ। ଏହି କାରଣରୁ ଏଗୁଡ଼ିକ ଜେଓଲାଇଟ୍ ଏବଂ ମେସୋପୋରୋସ୍ ସିଲିକା ଭଳି ଅନ୍ୟାନ୍ୟ ସଚ୍ଛିଦ୍ର ପଦାର୍ଥ ତୁଳନାରେ ବହୁଗୁଣ ଅଧିକ ଶୋଷଣକାରୀ ରୂପେ କାର୍ଯ୍ୟ କରେ।

ବିଭିନ୍ନ ଧାତୁ ବ୍ୟବହାର କରି ଏବଂ ଜୈବିକ ସଂଯୋଗକାରୀ ଅଣୁ ଦ୍ୱାରା ଏମ୍‌ଓଏଫ୍‌ର ରନ୍ଧ୍ରଗୁଡ଼ିକୁ ସାନ କିମ୍ବା ବଡ଼ କରାଯାଇ ପାରିବା ସହିତ ତାହାକୁ ଅଧିକ ସକ୍ରିୟ କରିହେବ। ଅତଏବ, ତାହାକୁ ବାଷ୍ପ ସଂଚୟ କିମ୍ବା ବିଭିନ୍ନ ପ୍ରକାର ପରିସ୍ରବଣ କିମ୍ବା ଅଙ୍ଗାରକାମ୍ଳ ଶୋଷଣ ଆଦି କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ପୁନଶ୍ଚ ଏହାର ରାସାୟନିକ ଧର୍ମ ବଦଳାଇ ଏହାକୁ ଉତ୍‌ପ୍ରେରଣ, ବିଦ୍ୟୁତ୍ ରସାୟନ ବିଜ୍ଞାନ ଏବଂ ଫ୍ଲୋରେସେନସ୍‌ଭିତ୍ତିକ ଚିତ୍ର ଉତ୍ତୋଳନ ଆଦିରେ ବ୍ୟବହାର କରିହେବ।

ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଅନୁକରଣରେ ତମ୍ବା ଧାତୁର ଆୟନ ସହିତ ଏକ ଜୈବିକ ଅଣୁ (ଲିଜେଣ୍ଡ) ଯୋଡ଼ି ଏହା ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଥିଲେ। ଏଥିରେ ତାଙ୍କୁ ସଫଳତା ମିଳିଲା ୧୯୮୯ ମସିହାରେ। ତପ୍ରେ ୟାଘି ଏବଂ କିଟାଗାୱା ବିଭିନ୍ନ ଧାତବ ଆୟନ ଏବଂ ସଂଯୋଗକାରୀ ଜୈବିକ ଅଣୁ (ଲିଜେଣ୍ଡ) ବ୍ୟବହାର କରି ଏକ୍ଷେତ୍ରକୁ ବିକଶିତ କରିବାକୁ ଲାଗିଲେ। ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ତାହା ଅଧିକରୁ ଅଧିକ ପ୍ରସ୍ତୁତ କରିବା ସମ୍ଭବ ହେଲା ଏବଂ ୨୦୦୦-ଦଶକ ବେଳକୁ ଏଥିରୁ ମାତ୍ର କେତେ ଡଜନ୍ ତିଆରି ହୋଇ ପାରିଥିବା ସ୍ଥଳେ ବିଗତ ବର୍ଷ (୨୦୨୪) ଏହା ପ୍ରାୟ ୧୦ ହଜାର ପର୍ଯ୍ୟନ୍ତ ହୋଇପାରିଛି। ଅତଏବ ଆଜି ସୁଦ୍ଧା ଏଗୁଡ଼ିକର ସଂଖ୍ୟା ଏକ ଲକ୍ଷ ଅତିକ୍ରମ କରିଗଲା, ଯାହାକି ଅତ୍ୟନ୍ତ ସୁଦୃଢ଼ ଏବଂ ୩୦୦ ରୁ ୩୫୦ ଡିଗ୍ରୀ ସେଲ୍ସିୟସ୍ ତାପ ସହ୍ୟ କରିପାରୁଛି।

ଇତିମଧ୍ୟରେ ବିଭିନ୍ନ ଦେଶର କମ୍ପାନୀମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଉତ୍ପନ୍ନ କରି ନାନାଦି କାର୍ଯ୍ୟରେ ଲଗାଇବା ପାଇଁ ଅର୍ଥ ବିନିଯୋଗ କରିବା ଆରମ୍ଭ କରିଦେଲେଣି। ଉଦାହରଣ ସ୍ୱରୂପ ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ସତେଜ ଫଳ ଓ ପନିପରିବା ଆଦିକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବାରେ ଏହାକୁ ଉପଯୋଗ କରୁଛି। ଏଥିରେ ବ୍ୟବହୃତ ଏମ୍‌ଏଫ୍‌ଓରେ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡ଼ିକୁ ନଷ୍ଟ ହେବାକୁ ଦେଉନାହିଁ। ସେହିପରି ଆମେରିକାର 'ନୂମାଟ୍' କମ୍ପାନୀ ତିଆରି କରିଥିବା ଏହି ଜାତୀୟ ଏକ ନୂତନ ପଦାର୍ଥ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପଗୁଡ଼ିକୁ ଶୋଷଣ କରି ଧରିରଖୁଛି। ସେଗୁଡ଼ିକୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଜଳାଭାବର ସମ୍ମୁଖୀନ ହେଉଥିବା ଉପସାଗରୀୟ ଦେଶମାନଙ୍କରେ ବ୍ୟବହାର ଏହାର 'ମେଟ୍' ନାମକ କମ୍ପାନୀ କେତେ ପ୍ରକାର ଏମ୍‌ଓଏଫ୍ ତିଆରି କରି ବ୍ୟବସାୟିକ ଭିତ୍ତରେ ବାୟୁରୁ ଜାତୀୟ ବାଷ୍ପ ଶୋଷଣ କରି ତାହାକୁ ତରଳ ଜଳରେ ପରିଣତ କରିବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ସେଠାରେ ପାନୀୟ ଜଳସଂକଟକୁ କିଛିମାତ୍ରାରେ ଦୂର କରିପାରିବ। ବୈଜ୍ଞାନିକମାନେ ଆଶା କରନ୍ତି ଯେ ଆଗାମୀ ଦିନମାନଙ୍କରେ ଏହାର ବିଭିନ୍ନ କିସମ ଅଧିକରୁ ଅଧିକ ସଂଖ୍ୟାରେ ପ୍ରସ୍ତୁତ ହେବ। ତାହା ମାନବଜାତିର ବିବିଧ କଲ୍ୟାଣକାର କ୍ଷେତ୍ରରେ ବିନିଯୋଗ ହୋଇ ପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପିରେ ଯୋଗ ଦେଲେ ଅମର ପଟ୍ଟନାୟକ

ଭୁବନେଶ୍ୱର,୩।୧୧(ସମିସ): ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗ ଦେଇଥିବା ଅମର କହିଛନ୍ତି।

# ସୁବିଧାବାଦୀ ରାଜନୀତିର ଉତ୍କୃଷ୍ଟ ଉଦାହରଣ : ବିଜେଡି

- ବିଜେଡି ଅମର ପଟ୍ଟନାୟକଙ୍କୁ ଦେଇଥିଲା ରାଜନୈତିକ ପରିଚୟ
- ଅମର ସ୍ପଷ୍ଟ କରନ୍ତୁ ଭୋଟ ଚୋରି ସଂପର୍କରେ ନିଜ ଅଭିମୁଖ୍ୟ

ଭୁବନେଶ୍ୱର,୩।୧୧(ସମିସ): ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ବିଜେପିରେ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି । ତାଙ୍କର ବିଜେପି ଯୋଗଦାନ ସୁବିଧାବାଦୀ ରାଜନୀତିର ଉତ୍କୃଷ୍ଟ ଉଦାହରଣ ଓ ଏହାଦ୍ୱାରା ବିଜେଡିରେ ସାମାନ୍ୟ ପ୍ରଭାବ ପଡ଼ିବ ନାହିଁ ବୋଲି କହିଛି ବିଜେଡି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦିକା ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖପାତ୍ର ଡ. ଲେନିନ୍ ମହାନ୍ତି, ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ ଓ ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଅମର ପଟ୍ଟନାୟକଙ୍କ ଏପରି କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି। ସୁଲତା କହିଛନ୍ତିଯେବିଜେଡିସଭାପତିତଥାପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମର ପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇଥିଲେ। ତାଙ୍କୁ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସହ ରାଜନୈତିକ ପରିଚୟ ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ବିଜେପିର ଭୋଟ ଚୋରି ବାବଦରେ ସମସ୍ତ ତଥ୍ୟ ସହ ନିର୍ବାଚନ କମିଶନ ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ଦାୟର ହୋଇଥିଲା। ଯେଉଁଥିରେ ଅମର ପଟ୍ଟନାୟକ ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ବିଜେପିରେ ସାମିଲ ହେଲା ପରେ ଭୋଟ ଚୋରି ସଂପର୍କରେ ଅମର ପଟ୍ଟନାୟକ ନିଜର ଅଭିମୁଖ୍ୟ ସ୍ପଷ୍ଟ କରନ୍ତୁ ।



ସେହିପରି ଲେନିନ୍ କହିଛନ୍ତି ଯେ ଅବସର ଗ୍ରହଣ କରିବା ପରେ ବିଜୁ ଜନତା ଦଳର ଆଦର୍ଶ ତଥା ନବୀନ ବାବୁଙ୍କ ନେତୃତ୍ୱକୁ ସର୍ବଦା ପ୍ରଶଂସା କରିଆସୁଥିବା ଅମର ପଟ୍ଟନାୟକ ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ବିଜେପିରେ ଯୋଗ ଦେଇଥିବା କହିବା ହାସ୍ୟାସ୍ପଦ। ସାମାଜିକ ଗଣମାଧ୍ୟମରେ ପ୍ରତ୍ୟେକ ଦିନ ବିଜେପିର ଶୀର୍ଷ ନେତୃତ୍ୱ ତଥା ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତା ଓ ଅପାରଗତାକୁ ଲୋକଲୋଚନକୁ ଆଣୁଥିବା ଶ୍ରୀ ପଟ୍ଟନାୟକ ଆଜି ହଠାତ ୟୁ ଟର୍ଣ୍ଣ ନେଇ ବିଜେପି ୱାସିଙ୍ଗ ମେସିନରେ ପଶିବା ସୁବିଧାବାଦ ରାଜନୀତିର ଶ୍ରେଷ୍ଠ ଉଦାହରଣ। ଉପନିର୍ବାଚନ ପ୍ରଚାର ପାଇଁ ନବୀନ ପଟ୍ଟନାୟକ ନୂଆପଡାରେ ଥିବା ସମୟରେ ବିଜେପି ଅମର ପଟ୍ଟନାୟକଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ସମୟ ଧାର୍ଯ୍ୟ କରିବା, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଯେଉଁଭଳି ଭାବେ ନୂଆପଡାବାସୀ ଆଜି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଛନ୍ତି, ଏହାଦ୍ୱାରା ବିଜେପିର ମିଶ୍ରଣ ଉଦ୍ୟମ ଫସର ଫାଟିଛି ଓ ଉପନିର୍ବାଚନରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

# ଗାଁକୁ ଫେରିଲା ଦାଦନ ଶ୍ରମିକର ଶବ

ଥୁଆମୂଳରାମପୁର, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ବ୍ଲକ୍ କର୍ଲାପାଟ ଥାନା ଅଧୀନ ଜୁବାଙ୍ଗ ଗ୍ରାମର ଉଦୟ ମାଝୀ(୨୫) କାମଧନ୍ଦା ଅନ୍ୱେଷଣରେ ସୁଦୂର କେରଳ ଯାଇ କୋଝିକୋଡିର କାକ୍କୋଡିରେ ଏକ ଠିକା ସଂସ୍ଥାରେ କାମ କରୁଥିଲା। ଗତ ୧ ତାରିଖ ଶନିବାର ସେଠାରେ କାମ କରୁଥିବା ବେଳେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସ୍ଲାବ ତଳେ ଉଦୟ ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ଗାଁରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଏବଂ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନକୁ ଦାହ ସଂସ୍କାର ପାଇଁ ନିଆଯାଇଥିଲା।


**AFFIDAVIT**

I, Sagupta Zari W/o MD Shahud Pervez, Resident of Latumia Lane, Panposh Town, PO-Rourkela-4, PS-Raghunathpali, Dist-Sundargarh, Odisha, PIN-769004, declared by this affidavit No A/08 Dated 01.11.2025 that now onwards I shall be known as **SHAGUFTA PERVEZ** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**NOTICE (FOR MINOR)**

Gangadhar Sahu, aged about 44 years, S/o-Late Sambaru Sahu, resident of AT: Plot No. 322, Raghunath Nagar, Dumuduma Housing Board Colony, Ps-Khandagiri, Bhubaneswar, Dist-Khordha, Pin-751019, declare that I have changed the name of my son from Priyanshu Pritam to Priyanshu Pritam Sahu henceforth he shall be known as **Priyanshu Pritam Sahu** for all purposes.
**Sd/- Gangadhar Sahu**

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Cahnini Bibi resident of Tudukuthuba, Po- T. Thuba, Ps.- Nandapur, Dist.-Koraput-764037 have changed my name from Chandini Bagama to Chandi Bibi. Henceforth I shall be known as **Chandini Bibi** for all purposes.
**Sd/- Chandini Bibi**

**NOTICE**

By the virtue of an Natatory partnership deed sworn before the notary public Bhubaneswar dated 29.10.2025 . I Premanand Nath bearing Aadhar no.2609 2268 8325 S/o late Dharanidhar Nath from the Organization M/s Jaleswar Packaging is no more interested to continue as Partner with effect from 18.10.2025. The Partners have agreed to reconstitute the business as per the reconstitute Deed for all the purpose.

**AFFIDAVIT**

I, TAUHID MOHAMMED, age-67, S/o- Nabu Mian, Adress: D/29, Sector-16, Rourkela, Dist.: Sundargarh, PIN-769003, Odisha, declared by this Affidavit No.1342/2025, Dated: 01.11.2025. That now onwards I shall be known as MD TAUHEED for all future Purposes.

**AFFIDAVIT**

By virtue of an affidavit sworn before The Executive Magistrate, G.Udayagiri, Kandhamal, date- 16/10/2025. I, **N Dirghika Saumya Deepti,** D/o Situ Kumar Nayak, permanent resident of Village-Lebaguda, PO- Rudangia, PS-G.Udayagiri, Dist- Kandhamal, PIN-762100, Odisha declare that I have changed my name from **N.Dirghika Soumya Dipty** to **N Dirghika Saumya Deepti.** Henceforth, I shall be known as **N Dirghika Saumya Deepti** (new name) for all future purposes.
**N Dirghika Saumya Deepti**

**AFFIDAVIT**

By virtue of an affidavit no 5274 sworn before the Executive Magistrate, Tirtol dated- 31/10/2025, I **Namita Das,** resident of At-Bakharpur, Po- Malanda, Ps-Tirtol, Dist- Jagatsinghpur, Pin- 754136, Odisha declare that I have changed my name from **Ruksar Parwin** (old name) to **Namita Das** (new name). Henceforth, I shall be known as **Namita Das** for all future purposes.
**Namita Das**

**AFFIDAVIT**

By virtue of an affidavit before the Notary Public, Titilagarh, on dated-30/10/2025. I, **Nilakantha Bagarty** (applicant name), S/o Dharanidhar Bagarty, permanent & current resident of AT/PO- Bijepur, PS-Titilagarh, Dist- Balangir, (Odisha), PIN Code: 767033 declare that I have changed my minor son's name from **Meet Bagarty** (old name) to **Jeet Bagarty** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jeet Bagarty** (new name) for all purposes.
**Nilakantha Bagarty**

**AFFIDAVIT**

I, Elakiya Sabapathi, W/o-P. Sabapathi, Resident of Qtr No. C-31, CMPDI COLONY, Post- Sainik School, Bhubaneswar, Dist.- Khorda, Pin-751005, Odisha declare by this Affidavit No. 76AA 943695, Dated 03.07.2025, that now onwards I shall be known as **U. ELAKIYA** for all future purposes.

**AFFIDAVIT**

By virtue of an affidavit no 5855, sworn before the Executive Magistrate, Champua on dtd- 16/10/2025, I **Puja Naik**, W/o- Akash Mallick, resident of At/Po/Ps-Champua, Dist- Keonjhar, Pin-758041, Odisha, I have changed name from **Puja Mallick** (old name) to **Puja Naik** (new name). Henceforth both the name **Puja Mallick** and **Puja Naik** is one & same person, I will be known as **Puja Naik** for all future purposes.
**Puja Naik**

**AFFIDAVIT**

I, Shahina Bano Suriya, aged about 45 years, W/o-Mohammad Irfan, resident of Ward No 05, Dasarapada, Bhanjamandap, Po-Umarkote, Ps- Umarkote, Dist- Nabarangapur, Odisha, PIN- 764073 declare by this affidavit No. 2251, dtd- 03/11/2025, that now onwards I shall be known as **SAHINA BANU SURIYA** for all future purposes.

Government of India
**Income Tax Department**
Bhubaneswar

**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025-26/ Date: 31.10.2025

71-ନୂଆପଡା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା । ନିର୍ବାଚନ ପ୍ରକ୍ରିୟା ସମୟରେ କଳା ଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡାକଡି ରଖିବା ପାଇଁ ଦାୟିତ୍ୱ ପାଇଛି ।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବାପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪×୭ କଲ୍ ସେଣ୍ଟର୍ ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି ।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**
**ଟୋଲ୍ ଫ୍ରି ନମ୍ବର: 1800-345-7921**
**ହ୍ୱାଟ୍ସଆପ୍ ନମ୍ବର : 9438917442**
**ଇ ମେଲ କରନ୍ତୁ: Bhubaneswar.addidit.inv2@incometax.gov.in**

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ଲେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ ସାମଗ୍ରୀର ସୂଚନା ବିଷୟରେ ଦୟାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ ।

ସ୍ୱା/- ବିମଲେନ୍ଦୁ ତୁଡୁ
ଯୁକ୍ତ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)
ୟୁନିଟ୍ -୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ.), ଭୁବନେଶ୍ୱର


# ମନ୍ତ୍ରୀଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ
# କୃଷ୍ଣ ପାତ୍ରଙ୍କ ବିଧାୟକ ପଦ ରଦ୍ଦ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩।୧୧(ସମିସ): ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ବିଜୟୀ ହୋଇ ରାଜ୍ୟରେ ଯୋଗାଣ ମନ୍ତ୍ରୀ ପଦ ପାଇଥିବା ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ ଦେଇଛନ୍ତି । ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଶ୍ରୀ ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି କଂଗ୍ରେସ।

ଦଳପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କଲାବେଳେ ସତ୍ୟପାଠରେ ଉଲ୍ଲେଖ କରିଥିବା ପାନ ନମ୍ବରଟି ହେଉଛି ଏକେକେପିପି୩୩୪୧ଆର୍। ମାତ୍ର ଏହି ପାନ୍ ନମ୍ବର ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ଭୁଲ। ତାଙ୍କ ପତ୍ନୀଙ୍କ ପାନ ନମ୍ବର ଠିକ ଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାନକାର୍ଡ ସଂପୂର୍ଣ୍ଣ ବେନାମୀ। ଆୟକର ବିଭାଗର କର୍ତ୍ତୃପକ୍ଷଙ୍କ ପାଖରୁ ଏହି ପାନକାର୍ଡର ସତ୍ୟାସତ୍ୟ ବାବଦରେ ଖବର ନେବାପରେ ଏହି ପାନକାର୍ଡଟି ଏକ ଅବୈଧ ବୋଲି ତଥ୍ୟ ମିଳିଛି। ଏପରି ପାନକାଡର୍



କାହାରିକୁ ଦିଆଯାଇନାହିଁ ବୋଲି ଆୟକର ବିଭାଗ କହିଛି।

ଜନପ୍ରତିନିଧି ଅଧିନିୟମ ୧୯୫୧ ଧାରା ୪(ଏ)ଅନୁସାରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମୟରେ ଫର୍ମ-୨୬ ସହିତ ଏକ ସତ୍ୟପାଠ ବା ଶପଥପତ୍ର ମଧ୍ୟ ଦାଖଲ କରିଥାନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟ ସଂପୂର୍ଣ୍ଣଭାବେ ଠିକ ଓ ନିର୍ଭୁଲ ବୋଲି ଉଲ୍ଲେଖ କରିଥାଆନ୍ତି। ତେଣୁ ଫର୍ମ- ୨୬ ରେ ମିଛ ତଥ୍ୟ ଦେଇଥିବା ହେତୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରିବର୍ତ୍ତେ କିପରି ଯାଞ୍ଚ ପ୍ରକ୍ରିୟାରେ କାଏମ ରହିଲା ଏହାକୁ ନେଇ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ଏହି ପାନ ନମ୍ବର ମନ୍ତ୍ରୀଙ୍କର ନୁହେଁ ତେବେ ଏହା କାହାର ସେକଥା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ସତ୍ୟପାଠରେ ଯେଉଁ ୫ ବର୍ଷର ଆୟକର ଦାଖଲ କରିଥିବାର ତଥ୍ୟ ପ୍ରଦାନ କରିଛନ୍ତି ତାହା କେଉଁ ପାନ ନମ୍ବର ଅନୁସାରେ ଦେଇଛନ୍ତି ଏହା ନିର୍ବାଚନ ଆୟୋଗ ଯାଞ୍ଚ କରୁ ବୋଲି କଂଗ୍ରେସ ଦାବି କରିଛି। ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଟି ପାନକାର୍ଡ ରଖିଛନ୍ତି କି ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ଯଦି ଏହା ହୋଇଥାଏ ଏହାମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ। ମିଛ ତଥ୍ୟ ପ୍ରଦାନ ଜନପ୍ରତିନିଧି ଆଇନ-୧୯୫୧ର ୪ଏର ସଂପୂର୍ଣ୍ଣ ଉଲ୍ଲଙ୍ଘନ। ନିର୍ବାଚନ ଆୟୋଗ ଏ ଖବର ଜାଣିଲାପରେ ସେତେବେଳର ରିଟର୍ଣ୍ଣିଂ ଅଫିସରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କଂଗ୍ରେସ ଦାବି କରିଛି। ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ବଜାୟ ରଖନ୍ତୁ ବୋଲି ସେ କହିବା ସହିତ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ନାୟକ ଓ ଡଃ ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋ ପ୍ରତି ବିଶ୍ୱାସଘାତକତା...

ନବୀନ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡ଼ା ଜିଲ୍ଲାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଗମନାଗମନ ପାଇଁ ବିଜୁ ଏକ୍ସପ୍ରେସ ୱେ' ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ୧୦ ହଜାର ହେକ୍ଟରରୁ ଅଧିକ କ୍ଷେତକୁ ଜଳସେଚନ କରାଯାଇଛି। ଆମ ସରକାର ସମୟରେ ସୁନାବେଡ଼ା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା; କିନ୍ତୁ ବିଜେପି ସରକାର ଆସିବା ପରେ ରାଜ୍ୟରେ ପରିସ୍ଥିତି ପୂରା ବଦଳି ଯାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ନବୀନ କହିଥିଲେ ଯେ ଏବେ ସାରା ରାଜ୍ୟରେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି, ନାରୀ ଅତ୍ୟାଚାର ସବୁ ସୀମା ଟପିଛି। ଭାଇଚାରାର ରାଜ୍ୟ ଓଡ଼ିଶାର ସୁନାମ ଆଜି ନଷ୍ଟ ହୋଇଛି ବୋଲି ନବୀନ କହିଥିଲେ।

ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ ମିଶନ ଶକ୍ତି ମା'ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା'ମାନେ ଆଜି ଋଣ ପାଉନାହାନ୍ତି, ମିଶନ ଶକ୍ତି ସହଯୋଗୀ ମା'ମାନେ ୮ ମାସ ହେଲା ଦରମା ପାଇ ନାହାନ୍ତି। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ରାଜ୍ୟ ସରକାର କେବଳ ରଙ୍ଗମରା ସରକାରରେ ପରିଣତ ହୋଇଛି ବୋଲି ଉଲ୍ଲେଖ କରି ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ଗୋଟିଗୋଟି ପ୍ରତିଶ୍ରୁତି ଓ ଏହାର ଫଳଶ୍ରୁତି ସମ୍ପର୍କରେ ଲୋକଙ୍କୁ ପ୍ରଶ୍ନ କରିଥିଲେ। ମାଗଣା ବିଜୁଳି, ୩୫୦୦ ଟଙ୍କା ଭତ୍ତା, ଚାଷୀଙ୍କୁ ୟୁରିଆ ସାର ମିଳିଛି କି, କଟ୍‌ନୀଛଟ୍‌ନୀ ବନ୍ଦ ହୋଇଛି କି, ବିଏସ୍‌କେୱାଇ ଭଲ ନା ଆୟୁଷ୍ମାନ କାର୍ଡ ଭଲ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପଚାରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

ସମାବେଶରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ଟୁକୁନୀ ସାହୁ, ଅବନୀ ଯୋଷୀ, ମନୋଜ ମିଶ୍ର, ଅଧିରାଜ ପାଣିଗ୍ରାହୀ, ପ୍ରତାପ କେଶରୀ ଦେବ, ସୁଦାମ ମାରାଣ୍ଡି, ପୁଷ୍ପେନ୍ଦ୍ର ସିଂଦେଓ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମୁନ୍ନା ଖାନ୍, ଶର୍ମିଷ୍ଠା ସେଠୀ, ଡଲି ମାଝୀ, ଦୀପିକା ଦୀପ, କ୍ଷମାନିଧି ନିଆଲ, ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ସୁଶାନ୍ତ କୁମାର ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ନଳିନୀକାନ୍ତ ପ୍ରଧାନ, ଯୋଗେଶ ସିଂ, ପ୍ରଦୀପ ମାଝୀ, ସଞ୍ଜୀବ ମଲ୍ଲିକ, କଳିକେଶ ସିଂହଦେଓ, ରୂପେଶ ପାଣିଗ୍ରାହୀ, ମାଧବ ଧଡ଼ା, ଉମାକାନ୍ତ ସାମନ୍ତରାୟ, ରବି ନାରାୟଣ ନନ୍ଦ, ଜଗନ୍ନାଥ ସାରକା, ରମେଶ ମାଝୀ, ସୁବାସ ସିଂ, ଡଃ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଦୁଷ୍ମନ୍ତ ନାୟକ, ଗିରିଜା ସିଂ ମାଝୀ, ଈଶ୍ୱର ପାଣିଗ୍ରାହୀ, ହେମନ୍ତ ସାମନ୍ତରାୟ, ସରୋଜ ମେହେର, ମୁନା ମହାନ୍ତି, ଅବିନାଶ ସାମଲ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

### ଅନିଲ ଅମ୍ବାନୀଙ୍କ ବିଳାସପୂର୍ଣ୍ଣ...

ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚଏଫଏଲ) ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ (ଆରସିଏଫଏଲ)କୁ ଦିଆଯାଇଥିବା ପାଣ୍ଠିର ଅପବ୍ୟବହାର ହୋଇଛି।୨୦୧୭ରୁ ୨୦୧୯ ମଧ୍ୟରେ ୟେସ ବ୍ୟାଙ୍କ ପକ୍ଷରୁ ଆରଏଚଏଫଏଲକୁ ୨୯୬୫ କୋଟି ଏବଂ ଆରସିଏଫଏଲକୁ ୨୦୪୫ କୋଟି ଟଙ୍କାର ଋଣ ଦେଇଥିଲା। କିନ୍ତୁ ୨୦୧୯ ଡିସେମ୍ବର ସୁଦ୍ଧା ଏହି ଟଙ୍କା ନନ୍-ପର୍‌ଫର୍ମିଂ ଆସେଟ (ଏନପିଏ) ପାଲଟି ଯାଇଥିଲା। ଏବେ ସୁଦ୍ଧା ଆରଏଚଏଫଏଲର ୧୩୫୩ କୋଟି ଏବଂ ଆରସିଏଫଏଲର ୧୯୮୪ କୋଟି ଟଙ୍କା ବକେୟା ଅଛି। ୟେସ ବ୍ୟାଙ୍କର ମୋଟ ୨୭୦୦ କୋଟିରୁ ଅଧିକ କ୍ଷତି ହୋଇଛି।

ଇଡି ଅନୁଯାୟୀ, ଏହି କମ୍ପାନୀଙ୍କୁ ଦିଆଯାଇଥିବା ଟଙ୍କାକୁ ରିଲାଏନ୍ସ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଥିଲା। ଋଣ ପ୍ରଦାନ ବ୍ୟବସ୍ଥାରେ ମଧ୍ୟ ଜାଲିଆତି କରାଯାଇଥିଲା। ଦିନକରେ ଋଣ ଆବେଦନ, ଅନୁମୋଦନ ଏବଂ ପ୍ରଦାନ କରାଯାଇଥିଲା। କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ବୈଠକ କରାଯାଇ ନ ଥିଲା। ଦାଖଲ କାଗଜପତ୍ର ଖାଲି ଥିଲା। ଇଡି ଏହାକୁ 'ଜାଣିଶୁଣି କରାଯାଇଥିବା ଠକେଇ' କହିଛି।

### ୨୦ଟି ଗାଡ଼ି ଉପରେ...

କାହାର ପେଟ୍ କଟିଯାଇଛି ତ ଆଉ କାହାର ହାତ କଟିଯାଇଛି।

ଏହି ଦୁର୍ଘଟଣା ସୋମବାର ଦ୍ୱିପହରରେ ହରମାଡାର ଲୋହା ମଣ୍ଡିଠାରେ ଘଟିଛି। ଅପରାହ୍ଣ ୧ଟାରେ ଏହି ଡମ୍ପର ଲୋହା ମଣ୍ଡି ପେଟ୍ରୋଲ ପମ୍ପଠାରୁ ରୋଡ୍ ନଂ-୧୪ରୁ ହାଇୱେ ଉପରକୁ ଉଠିଥିଲା। ଏହାପରେ ରାସ୍ତାରେ ଥିବା ଗାଡ଼ିଗୁଡିକୁ ଧକ୍କା ଦେଇ ସେଗୁଡିକ ଉପରେ ଚଢ଼ିଯାଇଥିଲା। ଡମ୍ପର ଡ୍ରାଇଭର କଲ୍ୟାଣ ମିନାକୁ ଲୋକେ ଧରି ପୁଲିସ ଜିମା ଦେଇଛନ୍ତି।

### ସୁଦାନରେ ଓଡ଼ିଆ...

ଶ୍ରୀ ବେହେରା ସୁଦାନରେ ଏକ ପ୍ଲାଷ୍ଟିକ କାଖାନାରେ ୨୦୨୨ରୁ କାମ କରୁଥିଲେ। ବିଭିନ୍ନ ଜାତୀୟ ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୩୬ ବର୍ଷୀୟ ଆଦର୍ଶ ବେହେରାଙ୍କୁ ଅଲ-ଫସିର ନାମକ ଏକ ସହରରୁ ରାପିଡ୍ ସପୋର୍ଟ ଫୋର୍ସ ନାମକ ବିଦ୍ରୋହୀ ସଂଗଠନ ଅପହରଣ କରିନେଇଛି। ରାଜଧାନୀ ଖାର୍ତୁମ୍‌ଠାରୁ ଏକ ହଜାର କିଲୋମିଟର ଦୂରରେ ରହିଛି ଅଲ-ଫସିର। ବିଦ୍ରୋହୀମାନେ ଆଦର୍ଶଙ୍କୁ ନୟାଲା ନେଉଥିବା ଜଣାପଡ଼ିଛି। ଏହି ସହର ଏବେ ବିଦ୍ରୋହୀଙ୍କ କବଜାରେ ରହିଛି। ତେବେ ସେମାନେ ବେହେରାଙ୍କୁ କାହିଁକି ଅପହରଣ କରିଛନ୍ତି ଏବଂ ସେମାନଙ୍କର ଦାବି କଣ ରହିଛି, ତାହା ଜଣାପଡ଼ିନାହିଁ। ଆଦର୍ଶ ବେହେରାଙ୍କର ଏକ ଭିଡିଓ ଜାରି କରିଛନ୍ତି ବିଦ୍ରୋହୀ। ସେମାନେ ତାଙ୍କୁ ଶାହରୁଖ ଖାନଙ୍କ ବିଷୟରେ ପଚାରୁଥିବା ଶୁଣାଯାଉଛି।

ତାଙ୍କୁ ଉଦ୍ଧାର କରିବା ଲାଗି ଭାରତ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏସଂପର୍କରେ ଦିଲ୍ଲୀରେ ଅବସ୍ଥାପିତ ସୁଦାନର ରାଷ୍ଟ୍ରଦୂତଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି ଯେ ବେହେରାଙ୍କର ସୁରକ୍ଷିତ ଉଦ୍ଧାର ପାଇଁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ବିଦ୍ରୋହୀମାନେ ତାଙ୍କର କୌଣସି କ୍ଷତି କରିବେ ନାହିଁ ଏବଂ ସେ ସୁରକ୍ଷିତ ଫେରିଆସିବେ ବୋଲି ରାଷ୍ଟ୍ରଦୂତ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ସୁଦାନରେ ଏବେ ବଡ଼ ଧରଣର ଗୃହଯୁଦ୍ଧ ଚାଲିଛି ଏବଂ ଏଥିରେ ଲକ୍ଷ ଲକ୍ଷ ଲୋକ ବାସଚ୍ୟୁତ ହୋଇଥିବା ବେଳେ ୪ ଲକ୍ଷରୁ ଅଧିକ ଲୋକ ଅନାହାରରେ ରହିଛନ୍ତି।

### ବିଚାରଧୀନ କଏଦୀଙ୍କ...

କୁଖ୍ୟାତ ଅପରାଧୀ ଜେଲ୍‌ର କଡ଼ା ସୁରକ୍ଷାବଳୟ ଭେଦ କରି ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଏ ପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ସେହିପରି, ଅନ୍ୟ ଏକ ଘଟଣାରେ ଜଣେ କଏଦୀର ପଥର ମାଡ଼ରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି। ୧୧୬୫ କ୍ଷମତା ବିଶିଷ୍ଟ ଏହି ଜେଲରେ ଏବେ ୯୦୦ଜଣ କଏଦୀ ରହୁଛନ୍ତି। ଜେଲ ସୁପରିଟେଣ୍ଡେଣ୍ଟଙ୍କ ସମେତ ଜଣେ ଜେଲର୍, ୫ଜଣ ସବ୍-ଆସିଷ୍ଟାଣ୍ଟ ଜେଲର୍, ୪ଜଣ ଆସିଷ୍ଟାଣ୍ଟ ଜେଲର ଓ ୬୦ଜଣ ମହିଳା ଓ ପୁରୁଷ ୱାର୍ଡର୍ ନିୟୋଜିତ ରହିଛନ୍ତି।

### ପାଇଖାନା ଟାଙ୍କିରେ...

ଶିବୁ ନାଏକ (୫)। ସେମାନେ ମାମୁଘର ରଗଡ଼ିପଡ଼ା ଗାଁକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ଏକାଠି ଖେଳିବା ବେଳେ ଏହି ଅଘଟଣ ଘଟିଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଶୁଭମ, ଶିବାନୀ ଓ ଶିବୁ ପରିବାର ସଦସ୍ୟଙ୍କ ସହ ମାମୁଘରକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ହସଖୁସିରେ ଖେଳୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖେଳନିଶାରେ ସେମାନେ ନିକଟରେ ଥିବା ସେପ୍ଟିକ ଟାଙ୍କି ଉପରେ ଚଢ଼ି ଯାଇଥିଲେ। ଟାଙ୍କିର ଘୋଡ଼ଣୀଟି ଭାଙ୍ଗିଯିବାରୁ ୩ଜଣ ଯାକ ଟାଙ୍କି ଭିତରେ ଗଳିପଡ଼ିଥିଲେ। ସେହି ସମୟରେ ଆଖପାଖରେ କେହି ନଥିବାରୁ ଘଟଣା ଜଣାପଡ଼ିନଥିଲା। ତେବେ ଦୀର୍ଘ ସମୟ ପରେ ବି ପିଲାମାନେ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ବହୁ ଖୋଜାଖୋଜି କରିବା ପରେ ବାରିପଟେ ଥିବା ପାଇଖାନା ଟାଙ୍କି ଘୋଡ଼ଣୀ ଭାଙ୍ଗି ଯାଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଗାଁ ଲୋକଙ୍କ ସହାୟତାରେ ଟାଙ୍କି ଭିତରେ ଖୋଜାଖୋଜି କରି ଅଚେତ ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ବଡ଼ମ୍ବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବଡ଼ମ୍ବା ଥାନାରେ ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲ୍ଲା ରେଡ଼କ୍ରସ୍ ସହାୟତା ପାଣ୍ଠି ପକ୍ଷରୁ ସମସ୍ତ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ସିଲିକନ୍ ଟେକ୍...

କୁହାଯାଇଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ଓପିଆର୍‌ବି ପକ୍ଷରୁ କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇକୁ ଦାୟିତ୍ୱ ଦିଆଯାଇଥିଲା। ପରେ ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ସିଲିକନ୍ ଏହି ଦାୟିତ୍ୱ ଶଙ୍କର ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ପଞ୍ଚସଫ୍ଟକୁ ଦେଇଥିଲା। ତେବେ କେଉଁ ଆଧାରରେ ଏତେ ବଡ ଗୁରୁଦାୟିତ୍ୱ ଏକ ଅନଭିଜ୍ଞ ସଂସ୍ଥାକୁ ସିଲିକନ୍ ପ୍ରଦାନ କରିଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଜେରା ବେଳେ ସିଲିକନ୍ ହାତରେ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ସୂଚନା ରହିଥିବା ଜଣାପଡ଼ିଥିଲା। ପ୍ରଶ୍ନପତ୍ର ଠାରୁ ଆରମ୍ଭ କରି ସବୁକିଛିର ତଥ୍ୟ ସିଲିକନ୍‌ର ମାଲିକ ସୁରେଶ ଜାଣିଥିଲେ। ପରୀକ୍ଷା ପରିଚାଳନା ଆଳରେ ଚାକିରି ବିକ୍ରି କରି ଟଙ୍କା କମାଇବା ପାଇଁ ସେ ଏକ ଭଲ ସ୍କାମ୍ ନେଟ୍‌ୱର୍କ ଅପରେଟ୍ କରୁଥିବା ବ୍ୟକ୍ତିଙ୍କୁ ଖୋଜୁଥିଲେ। ବହୁ ଖୋଜାଖୋଜି ପରେ ଶଙ୍କର ତାଙ୍କ ହାବୁଡରେ ପଡ଼ିଥିଲେ। ବିନା କୌଣସି ବାଛବିଚାରରେ ତତ୍‌କ୍ଷଣାତ୍ ପଞ୍ଚସଫ୍ଟକୁ ଦାୟିତ୍ୱ ଦେବା ସହ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ତଥ୍ୟ ଶଙ୍କରଙ୍କ ହାତରେ ଟେକି ଦେଇଥିଲେ। ଶଙ୍କର ତାଙ୍କ ନେଟ୍‌ୱର୍କରେ ଥିବା ସହଯୋଗୀଙ୍କୁ ବ୍ୟବହାର କରି ମାର୍କେଟ୍‌ରୁ କୋଟି କୋଟି ଟଙ୍କା ଉଠାଇଥିଲେ।

ଶଙ୍କରଙ୍କୁ ପରୀକ୍ଷା ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୁରେଶ ମେଲ୍ ଏବଂ ହ୍ୱାଟ୍ସଆପ୍ ଯୋଗେ ଯୋଗାଇଥିଲେ। ହେଲେ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିବା ପରେ ଉଭୟ ନିଜ ନିଜର ମେଲ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ଡିଲିଟ୍ କରିଦେଇଛନ୍ତି। ଏଣୁ କ୍ରାଇମ୍‌ବ୍ରାଞ୍ଚ ପାଇଁ ପ୍ରମାଣ ଯେଗାଡ କରିବା ଏକ ବଡ ଚାଲେଞ୍ଜ ପାଲଟି ଯାଇଛି।

ସୁରେଶଙ୍କୁ ଜେରା ବେଳେ ମିଳିଥିବା ତଥ୍ୟ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ସିଲିକନ୍ ଟେକ୍‌ର ସିଇଓ ସୁରେଶ ନାୟକ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ରହିଥିଲେ। ସେ ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ଥିଲେ। ସେ ତାଙ୍କୁ ଲୁଚାଇବାକୁ ସବୁ ପ୍ରକାର ଚେଷ୍ଟା କରିଥିଲେ। ଉଭୟ ଲଗାତାର ଯୋଗାଯୋଗରେ ରହୁଥିଲେ। ଶଙ୍କର କିପରି ଫେରାର ହେବେ ଆଉ ପୁଲିସ ହାତରେ ଧରା ନ ପଡ଼ିବେ, ସୁରେଶ ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲେ। ଏପରିକି ଶଙ୍କର ଯେତେବେଳେ ଫେରାର ଥିଲେ, ସେ ତାଙ୍କୁ ଦିଲ୍ଲୀରେ ରହିବା ପାଇଁ ଘର ଦେଇଥିଲେ। ତାଙ୍କୁ କମ୍ପାନୀର ନୂଆଦିଲ୍ଲୀ କାଲ୍‌କାଜୀସ୍ଥିତ ଗେଷ୍ଟ ହାଉସ୍ ଯୋଗାଇ ଦେଇଥିଲେ। ଏଠାରେ ଶଙ୍କର କିଛିଦିନ ଧରି ଗୁପ୍ତ ଭାବେ ରହିଥିଲେ। ପୁଲିସ ହାତରେ ଧରା ନ ପଡ଼ିବା ପାଇଁ ଶଙ୍କର ତାଙ୍କ ନିର୍ଦ୍ଦେଶରେ ବାରମ୍ବାର ଠିକଣା ବଦଳାଉଥିଲେ। ଏ ସମ୍ପର୍କିତ ସମସ୍ତ ପ୍ରମାଣ କ୍ରାଇମ୍‌ବ୍ରାଞ୍ଚକୁ ମିଳି ସାରିଛି। କଲ୍ ରେକର୍ଡ ଠାରୁ ଆରମ୍ଭ କରି ଲୋକେସନ୍ ସବୁକିଛି କ୍ରାଇମ୍‌ବ୍ରାଞ୍ଚ ପାଇ ସାରିଛି। ଶଙ୍କରଙ୍କ ମୋବାଇଲ୍ ଫୋନ୍ ଏବଂ ସୁରେଶଙ୍କ ଲାପଟପ୍‌କୁ ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଥିବା ମୁନ୍ନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ମଧ୍ୟ ଜେରା କରିଥିଲା। ଏମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବଡ଼ ବଡ଼ ଲୋକଙ୍କୁ ଯୋଗଯୋଗ କରିଥିବା ଏବଂ ଟଙ୍କା ନେଣଦେଣ କରିଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଗିରଫ ଶଙ୍କର ଏବଂ ସୁରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବ୍ରହ୍ମପୁର ଜେଲ୍‌ରେ...

ଜେରା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଉଭୟଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ରିମାଣ୍ଡ ସମ୍ପର୍କିତ ଶୁଣାଣି ମଙ୍ଗଳବାର ହେବ ବୋଲି ଜଣାପଡ଼ିଛି। ଉଭୟ ଶଙ୍କର ଓ ସୁରେଶଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର ବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବରୁ ଘଟଣାରେ ଗିରଫ ପରୀକ୍ଷା ଆଶାୟୀ ଓ ଦଲାଲଙ୍କୁ ପୁଲିସ ମୁହଁ ଘୋଡ଼ାଇ ନେଇଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ଉଭୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କୁ ମୁହଁ ନ ଘୋଡ଼ାଇ ଏପରିକି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ମଧ୍ୟ ସୁଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

### ପୁଲିସ କବ୍‌ଜାରେ...

ଇଲାକାରେ ଏକ ଗୁପ୍ତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପଚରାଉଚରା କରୁଥିବା ଜଣାପଡ଼ିଛି। ଜେରା ସମୟରେ ପୁଲିସ ସେମାନଙ୍କଠାରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ମଧ୍ୟ ସୂଚନା ମିଳିଛି। ଜେରା ସମୟରେ ପୁଲିସ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପରେ ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇ ଉମା ବିଶୋୟୀ ସହ ମିଶିଥିଲା। ସେଠାରେ ସ୍ୱଳ୍ପ ଦିନର ରହଣି ପରେ ଉଭୟ ରାୟପୁର ଓ ରାଞ୍ଚି ଦେଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ଅଟକ ଉମା ଓ କୁରୁପତିଙ୍କୁ ଆସନ୍ତାକାଲି ଗିରଫ ଦେଖାଇ ପୁଲିସ କୋର୍ଟ ଚାଲାଣ କରିପାରେ ବୋଲି କୁହାଯାଉଛି।

## ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ନିଯୁକ୍ତିରେ ବିଳମ୍ବ

# ଓଏସ୍ଏସ୍‌ସି କାର୍ଯ୍ୟାଳୟ ଘେରିଲେ ଆଶାୟୀ

ଭୁବନେଶ୍ୱର, ୩ା୧୧(ସମିସ): ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବର୍ଷେ ପୂରିବ। ଏହାରି ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ପାଇଁ ୩ଥର ବିଜ୍ଞପ୍ତି ବାହାରିଲାଣି। ପ୍ରତିଥର ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ୍ୟ ଦିଆଯାଇଛି। ହେଲେ ପରୀକ୍ଷାର ଠିକ୍ ପୂର୍ବରୁ ଏହାକୁ ବାତିଲ୍ କରି ଦିଆଯାଉଛି। ଦୀର୍ଘ ବର୍ଷେ ପରେ ମଧ୍ୟ ପରୀକ୍ଷା ନେଇ କୌଣସି ସ୍ୱଷ୍ଟତା ଆସୁ ନଥିବାରୁ ସୋମବାର ଓଡ଼ିଶା କର୍ମଚାର ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) କାର୍ଯ୍ୟାଳୟକୁ ଯାଇ ଆଶାୟୀମାନେ ଜବାବ୍ ମାଗିଛନ୍ତି। କେବେ ସୁଦ୍ଧା ପରୀକ୍ଷା କରିବେ ବୋଲି ପ୍ରଶ୍ନ କରିବା ସହ ତ୍ୱରିତ ପରୀକ୍ଷା କରିବାକୁ ମଧ୍ୟ ନିବେଦନ କରିଛନ୍ତି।

ସୂଚନାଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୮ ତାରିଖରେ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ୍ ୧୭୪ଟି ଗ୍ରୁପ୍-ବି' ପଦରେ ନିଯୁକ୍ତି ପାଇଁ ଏପ୍ରିଲ୍ ୬ ରେ ପ୍ରିଲିମିନାରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ୍ୟ ପ୍ରଦାନ କରଯାଇଥିଲା। ହେଲେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖରେ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ସପ୍ତାହେ ପରେ ଅର୍ଥାତ୍ ୧୩ ତାରିଖରେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ନୂତନ ଆଡମିଟ୍ କାର୍ଡ ମଧ୍ୟ ପ୍ରଦାନ କରାଗଲା। ହେଲେ ପୁଣିଥରେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୧୧ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଥିଲା। ଏହା ଏକ ଗାଣିତିକ ପଦ ହୋଇଥିବାରୁ ତତ୍‌ସମ୍ବନ୍ଧୀୟ ଯୋଗ୍ୟତା ଥିବା



ପିଲାଙ୍କ ଆବେଦନ ହିଁ ରଖିବାକୁ ସର୍ଟ୍‌ଲିଷ୍ଟ କରିବେ ବୋଲି କାରଣ ଦର୍ଶାଗଲା। ଫଳରେ ପ୍ରାୟ ୮୦ ହଜାର ପିଲା ଆବେଦନକାରୀଙ୍କ ମଧ୍ୟରୁ ପାଖାପାଖି ୫୫ ହଜାର ପିଲା ବାଦ୍ ପଡ଼ିଥିଲେ। ବିଜ୍ଞପ୍ତି ପ୍ରକାଶ କରିବା ସମୟରେ ଶିକ୍ଷାଗତ ଯୋଗ୍ୟତା କଣ ରହିବ ବୋଲି କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାପରେ ମାତ୍ର ୨୫ହଜାର ପିଲାଙ୍କୁ ନେଇ ପ୍ରିଲିମିନାରୀ ପରୀକ୍ଷା କରିବା ପାଇଁ ଓଏସ୍ଏସ୍‌ସି ପକ୍ଷରୁ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଲା। ସେପ୍ଟେମ୍ବର ୨୧ ତାରିଖରେ ପରୀକ୍ଷା କରିବା ପାଇଁ ଧାର୍ଯ୍ୟ କରିଥିବାବେଳେ ପୂର୍ବପରି ପରୀକ୍ଷାର ମାତ୍ର ଦୁଇଦିନ ଆଗରୁ ଅର୍ଥାତ୍ ୧୯ ତାରିଖରେ ବାତିଲ୍ କରିଦିଆଗଲା। ତୃତୀୟ ଥର ପାଇଁ ପରୀକ୍ଷା ବାତିଲ୍ ହେବାରୁ ବର୍ଷାଧିକ ସମୟ ପ୍ରସ୍ତୁତି କରୁଥିବା ଆଶାୟୀମାନେ ନିରାଶ ହୋଇଥିଲେ।

ଅପରପକ୍ଷରେ ଏହି ପଦ ପାଇଁ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଯୋଗୁଁ କିଛି ଆଶାୟୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଅକ୍ଟୋବର ୧୩ ତାରିଖରେ ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆଗକୁ ଆଉ ତାରିଖ ପଡୁନାହିଁ। ଫଳରେ ମାମଲାର ଅନ୍ତ କେବେ ଘଟିବ ସେନେଇ ସମସ୍ତଙ୍କ ମନରେ ସଂଶୟ ଲାଗି ରହିଛି। ଖୁବଶୀଘ୍ର ମାମାଲାର ଶୁଣାଣୀ ପାଇଁ ଓଏସ୍ଏସ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଆଶାୟୀମାନେ ଆନ୍ଦୋଳନରୁ ଓହରିଛନ୍ତି।

ସାମଗ୍ରିକ ଭାବେ ପରୀକ୍ଷା ବିଳମ୍ବର କାରଣ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ହୋଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସରକାର କୌଣସି

- ପରୀକ୍ଷାର ୨ ଦିନ ପୂର୍ବରୁ ୩ ଥର ଘୁଞ୍ଚିଲାଣି ପରୀକ୍ଷା
- ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ କୋର୍ଟକୁ ଯାଇଛି ମାମଲା
- ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଫଳରେ ରାଜ୍ୟରେ ହେଉଥିବା ଅନ୍ୟ ନିଯୁକ୍ତି ପରୀକ୍ଷାରେ ମଧ୍ୟ ସମାନ ଧରଣର ତ୍ରୁଟି ପରିଲକ୍ଷିତ ହେଉଛି। ବାରମ୍ବାର ପରୀକ୍ଷା ପରିଚାଳନାରେ ତ୍ରୁଟି ଓ ବିଭ୍ରାଟ ପରୀକ୍ଷାର୍ଥୀଙ୍କ ମନୋବଳକୁ ଦୁର୍ବଳ କରୁଥିବାବେଳେ ପରୀକ୍ଷା ଦେଇ ନପାରି ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

# ସବୁ ଆର୍‌ଟିଓ ପାଇଁ ଆସିବ ଗୋଟିଏ ମାର୍ଗଦର୍ଶିକା

ଭୁବନେଶ୍ୱର,୩ା୧୧(ସମିସ): ରାଜ୍ୟରେ ବର୍ତ୍ତମାନ ଆରଟିଓଗୁଡ଼ିକ ମୋଟର ଯାନ ଆଇନ, ୧୯୮୮ ଏବଂ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯କୁ ଆଧାର କରି କାର୍ଯ୍ୟ କରୁଛନ୍ତି। ମାତ୍ର ଏହାଦ୍ୱାରା ନିଆଯାଉଥିବା ଅନେକ ପଦକ୍ଷେପରେ ଅସଙ୍ଗତି ରହୁଛି। ଏହାଫଳରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ବ୍ୟବସ୍ଥା ଦେଖିବାକୁ ମିଳୁଛି। ଏହା ଅନେକ କ୍ଷେତ୍ରରେ ବୈଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଏବଂ ମୋଟର ଯାନ ଟିକସ ଫାଙ୍କିବା ଦିଗରେ ମଧ୍ୟ ସହାୟକ ହେଉଛି ବୋଲି ରାଜ୍ୟ ପରିବହନ ବିଭାଗ ଦୃଷ୍ଟିକୁ ଆସିଛି। ଏଥିପାଇଁ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ରାଜ୍ୟର ସମସ୍ତ ଆରଟିଓ ପାଇଁ ଏକ ସମାନ, ସରଳ, ସ୍ୱଚ୍ଛ, ବୈଧାନିକ ବ୍ୟବସ୍ଥାବଳୀ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଏହି ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପାଇଁ ପରିବହନ ବିଭାଗ ଏକ ୭ ଜଣିଆ କମିଟି ଗଠନ କରିଛି। ଏହି କମିଟି ୧୫ ଦିନ ମଧ୍ୟରେ ଆବଶ୍ୟକ ସୁପାରିସ କରିବା ପରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

ଏହି କମିଟି ବର୍ତ୍ତମାନ ଓଡ଼ିଶାରେ ବିଭିନ୍ନ ଆରଟିଓ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକ୍ରିୟାକୁ ସମୀକ୍ଷା କରିବ। ଏଥିରେ ମୁଖ୍ୟତଃ ଅନ୍ୟ ରାଜ୍ୟରୁ ଏନଓସି ଗ୍ରହଣ, ଠିକଣା ପରିବର୍ତ୍ତନ, ଓଡିଶା ପଞ୍ଜୀକରଣ ମାର୍କର ପୁନଃନିର୍ଦ୍ଧାରଣ, ଫାଇନାନ୍ସିୟର ନାମରେ ନୂତନ ଆରସି ଜାରି, ମାଲିକାନା ହସ୍ତାନ୍ତର, ଫିଟନେସ୍ ଉଦ୍ଦେଶ୍ୟରେ ଏମଭିଆଇ/ଏଏମଭିଆଇ/ଜେଏମଭିଆଇ ଦ୍ୱାରା ଯାନର ଯାଞ୍ଚ, ପୁନଃନିର୍ଦ୍ଧାରଣ, ଆରସିର ନବୀକରଣ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏହି କ୍ଷେତ୍ରରେ ଦୁଇ ଆଇନ୍‌କୁ ଆଧାର କରି ଏକ ବ୍ୟବସ୍ଥାରେ ଯେପରି ଅନଧିକୃତ କିମ୍ବା ବେଆଇନ ମାମଲା ସମାପ୍ତ ହୋଇପାରିବ ଏବଂ ରାଜସ୍ୱ କ୍ଷତି ରୋକାଯାଇପାରିବ ସେନେଇ ନିୟମ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି। ଏହାସହିତ ଏଭଳି ମାମଲାରେ ଚିହ୍ନଟ ହୋଇଥିବା ଉଲ୍ଲଂଘନକାରୀଙ୍କଠାରୁ ଟିକସ ଆଦାୟ ପାଇଁ ପଦକ୍ଷେପ ସୁପାରିଶ କରିବା ସହ ଅନିୟମିତତା ପାଇଁ ଦାୟୀ ସମ୍ପୃକ୍ତ କର୍ମଚାରୀ/ଅଧିକାରୀ/ଯାନ ମାଲିକଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ କମିଟି ପରାମର୍ଶ ଦେବ। ମୋଟର ଯାନ ଆଇନ ଅଧୀନରେ ପରିବହନ ବିଭାଗର ଅନଲାଇନ୍ ସେବା ବ୍ୟବସ୍ଥାରେ ପୂର୍ବରୁ ଉପଲବ୍ଧ ଥିବା 'ଭିଜିଟ୍-ଲେସ୍' କାରବାରକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ କୁହାଯାଇଛି।

# ନଭେମ୍ବର ୨୧ରୁ କଳିଙ୍ଗ ପୁସ୍ତକମେଳା

## କମିଟି ଘୋଷଣା କଲା ପୁରସ୍କାର ପାଇଁ ମନୋନୀତ ପୁସ୍ତକର ନାମ

ଭୁବନେଶ୍ୱର,୩ା୧୧(ସମିସ): ନଭେମ୍ବର ୨୧ ତାରିଖରୁ ଆରମ୍ଭ ହେବ ୨୮ ତମ କଳିଙ୍ଗ ପୁସ୍ତକ ମେଳା। ଏହି ଅବସରରେ ୧୦ ଗୋଟି ବିଭାଗରେ ଶ୍ରେଷ୍ଠ ବିବେଚିତ ପୁସ୍ତକର ଲେଖକଲେଖିକଙ୍କୁ ସମ୍ମାନିତ କରାଯିବ। ନଭେମ୍ବର ୨୯ ତାରିଖ ସନ୍ଧ୍ୟାରେ ରାଜୀବ ପାଣିଙ୍କ ପୁସ୍ତକ 'ଭାରତୀୟ ଦର୍ଶନ ଓ ଗୁରୁକୁଳ', ଅନୁପମା ସାମନ୍ତରାୟଙ୍କ 'ଜୀବନର ଜଉଘର', ଗଣେଶ ମହାନ୍ତିଙ୍କ ପୁସ୍ତକ 'ସିନ୍ଦୂରା ଫାଟିଲାଣି ', କାହ୍ନୁଚରଣ ପାଣିଗ୍ରାହୀଙ୍କ ପୁସ୍ତକ 'ଅମୃତ ଇଙ୍ଗିତ', ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ପୁସ୍ତକ 'ଆସ ଆମେ ଭଲପିଲା ହେବା', ଅଜୟ କୁମାର ପାତ୍ରଙ୍କ ପୁସ୍ତକ 'ପ୍ରଳୟର ପୋଷ୍ଟମର୍ଟମ' ଏବଂଡ. ଅଞ୍ଜଳି ତ୍ରିପାଠୀଙ୍କ 'ଦିଗନ୍ତ'କୁ ଚଳିତ ବର୍ଷର ପୁସ୍ତକମେଳା ସମ୍ମାନ ପ୍ରଦାନ କରାଯିବ।

ଏହା ସହିତ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ପୁସ୍ତକ 'ଶୁଚିସ୍ମିତାର କାହାଣୀ', ଅନନ୍ତ କୁମାର ଜେନାଙ୍କ ପୁସ୍ତକ 'ଅନ୍ତା ଉବାଟ', ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ ପୁସ୍ତକ 'ବିଟଟୋ ଓ ଅନ୍ୟାନ୍ୟ ଭାରତୀୟ ଗଳ୍ପ', ଅଭିଜ୍ଞାନ ସାହୁଙ୍କ ପୁସ୍ତକ 'ବୁଝିବାର ଅନୁବାଦ ବୁଝେଇବା' ଆଦି କଳିଙ୍ଗ ପୁସ୍ତକ ମେଳା ସାରସ୍ୱତ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନୁରୂପ ଭାବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ କଳିଙ୍ଗ ପୁସ୍ତକ ମେଳାର ଦିବଂଗତ ପ୍ରତିଷ୍ଠାତା ସଭାପତି ଗୀତା ହୋତା ସ୍ମୃତି ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ ବୋଲି କଳିଙ୍ଗ ପୁସ୍ତକ ମେଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ମହାନଦୀରେ ଭାସିବ ୨୦ ହଜାର ଶାଳପତ୍ର ଡଙ୍ଗା



କଟକ, ୩ା୧୧ (ସମିସ): ଚଳିତବର୍ଷ ଐତିହାସିକ ବାଲିଯାତ୍ରା ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ନିଆରା ପ୍ରୟାସ ହାତକୁ ନିଆଯାଇଛି। ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲୋକେ ଥର୍ମୋକୁଲ ତଥା ସୋଲ ତିଆରି ଡଙ୍ଗା ଭସାଉଥିବା କାରଣରୁ ନଦୀଜଳ ପ୍ରଦୂଷିତ ହୋଇଥାଏ। ଏଣୁ ପରିବେଶକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ ପୂର୍ବକ ଶାଳପତ୍ରରେ ତିଆରି ଡଙ୍ଗା ଭସାଯିବ ବୋଲି ଜଣାପଡ଼ିଛି। ଓରମାସ୍‌ର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଶାଳପତ୍ରରେ ୨୦ହଜାରରୁ ଉର୍ଦ୍ଧ୍ୱ ଡଙ୍ଗା ତିଆରି କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳେ ମହାନଦୀ ଆଳତି, କୀର୍ତ୍ତନ ସହ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏହି ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି।

# ବିଜେପି ସରକାର ଭୋଗିବ 'ଅନାହାର ମୃତ୍ୟୁ'ର ପାପ: କଂଗ୍ରେସ



- ରିସା ମାଙ୍କଡ଼ିଆ ଅନାହାର ମୃତ୍ୟୁ ସତ୍ତ୍ୱେ ପ୍ରଶାସନ ନିଦାବିଷ୍ଟ
- ଇ-କେୱାଇସି ଯୋଗୁଁ କଟିଥିବା ହିତାଧିକାରୀଙ୍କ ତାଲିକା ଜାରି ଦାବି

ଭୁବନେଶ୍ୱର,୩ା୧୧(ସମିସ): ଦେଶରେ ମାଙ୍କଡ଼ିଆ ଆଦିବାସୀ ଏକ ବିରଳ ଅନୁସୂଚିତ ଜନଜାତି ରୂପେ ଚିହ୍ନଟ କରାଯାଇଛି। ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା କେବଳ ୨୨୦୦ ମାତ୍ର। ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଲାର ସାହିରେ ୮୭ ପରିବାର ରହୁଥିଲେ ଯାହା ବୃଦ୍ଧି ପାଇ ଏବେ ୧୫୦ ପରିବାର ହୋଇଛନ୍ତି। ଅକ୍ଟୋବର ୨୫ ତାରିଖରେ ମଲାର ସାହିର ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ହୋଇଛି। ପିସିସି ତଥ୍ୟ ଅନୁଧ୍ୟାନ ଟିମ୍ ଏହି ଘଟଣାର ଯାଞ୍ଚ କରିବା ପରେ ରିସାଙ୍କ ମୃତ୍ୟୁ ଅନାହାରଜନିତ ବୋଲି ଜାଣିବାକୁ ପାଇଛି। ଏହା ସତ୍ୱେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଚୁପ୍ ଓ ପ୍ରଶାସନ ସମ୍ପୂର୍ଣ୍ଣ ନିରବ । ତେଣୁ ରିସା ମାଙ୍କଡ଼ିଆର ଅନାହାର ମୃତ୍ୟୁ ପାପ ପ୍ରଶାସନକୁ ଲାଗିବ ଓ ଏହାର ପରିଣାମ ସରକାର ଭୋଗିବ ବୋଲି କହିଛି କଂଗ୍ରେସ।

ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ କହିଛନ୍ତି, ଗତ ଜୁନ ମାସରୁ ରିସା ମାଙ୍କଡ଼ିଆକୁ ଅନ୍ତ୍ୟୋଦୟ ଚାଉଳ ମିଳୁ ନଥିଲା। ଇ-କେୱାଇସି ହୋଇ ନ ଥିବାରୁ ତାକୁ ଚାଉଳ ଯୋଗାଣ ବନ୍ଦ ଥିଲା। ଫଳରେ ସେ ଭିକ୍ଷାବୃତ୍ତି କରି ଖାଉଥିଲା; କିନ୍ତୁ ଅସୁସ୍ଥ ହେବାରୁ କୁଆଡେ ଯାଇ ନ ପାରି ଖାଦ୍ୟ ଅଭାବରେ ମୃତ୍ୟୁ ବରଣ କରିଥିବା ତା'ର ଦୂର ସମ୍ପର୍କୀୟ ଏବଂ ସମ୍ପ୍ରଦାୟର ଲୋକେ ପ୍ରକାଶ କରିଛନ୍ତି। ଅନାହାର ମୃତ୍ୟୁ ଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିଲେ ମଧ୍ୟ ଯାଜପୁର ଜିଲ୍ଲାପାଳ ଏବଂ କୌଣସି ପ୍ରଶାସନିକ ଅଧିକାରୀ ଏହି ଅନାହାର ମୃତ୍ୟୁକୁ ନେଇ ତତ୍ପରତା ପ୍ରକାଶ କରି ନାହାନ୍ତି। ଏହି ଘଟଣାରେ କଂଗ୍ରେସ ଦଳ ରାଜ୍ୟପାଳଙ୍କୁ ଭେଟି ମାଙ୍କଡ଼ିଆ ଆଦିବାସୀଙ୍କ କରୁଣ କାହାଣୀ କହିବା ସହ ରିସା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ବିଷୟ ଉପସ୍ଥାପନ କରିଛନ୍ତି। ରାଜ୍ୟପାଳ ଏହାକୁ ଗମ୍ଭୀରତାର ସହିତ ଗ୍ରହଣ କରି ଉଚିତ କାର୍ଯ୍ୟାନୁଷ୍ଠାନର ପ୍ରତିଶୃତି ଦେଇଛନ୍ତି।

ଗୋଟିଏ ପଟେ ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ଖନନ କରି କମ୍ପାନୀ ଏବଂ ସରକାର ହଜାର ହଜାର କୋଟି ଟଙ୍କା ଆୟ କରୁଛନ୍ତି। କିନ୍ତୁ ଅନ୍ୟ ପଟେ ସେଇ ଖଣି ଜଙ୍ଗଲ ଜମିର ଆଦିମ ଅଧିବାସୀ ଆଜି ବାସଚ୍ୟୁତ, ଦରିଦ୍ର ଓ ନିଷ୍ପେସିତ ହେଉଛନ୍ତି। ଏକବିଂଶ ଶତାବ୍ଦୀରେ ଆଧୁନିକ ଯୁଗରେ ପ୍ରାଚୁର୍ଯ୍ୟରେ ଭରା ଅଞ୍ଚଳରେ ଜଣଙ୍କ ଅନାହାରରେ ମୃତ୍ୟୁ ହେଉଛି ଅଥଚ ଗଣମାଧ୍ୟମ ଏହି ବିଷୟକୁ ଗୌଣ ବିଚାର କରୁଛନ୍ତି। ଯେତିକି ପ୍ରାଧାନ୍ୟ ଦେବା କଥା ଦେଉ ନାହାନ୍ତି। ଇ-କେୱାଇସି ନାମରେ ଲକ୍ଷ ଲକ୍ଷ ହିତାଧିକାରୀଙ୍କ ନାମ କଟି ଯାଇଛି। ଗରିବ ନିରକ୍ଷର ଲୋକଟିଏ କେମିତି ଏସବୁ କରିପାରିବ ଚିନ୍ତା କଲେନାହିଁ। ପୁଣି କେମିତି ଏମାନେ ଇ-କେୱାଇସି କରି ପାରିବେ ବ୍ୟବସ୍ଥା କରାଯାଇ ନାହିଁ। ଏହା ଫଳରେ ଲକ୍ଷ ଲକ୍ଷ ଆଦିବାସୀ ଓ ଜନଜାତି ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଯଦି ଅଯୋଗ୍ୟ ହିତାଧିକାରୀ ବୋଲି ନାମ କାଟିଛନ୍ତି ତେବେ ସେମାନଙ୍କ ତାଲିକା ସାର୍ବଜନୀନ କରିବାକୁ କଂଗ୍ରେସ ଆହ୍ୱାନ ଦେଇଛି।

## ■ ୭୩ କୋଟିର ବ୍ୟାଙ୍କ ଋଣ ଠକେଇ

# ଏସ୍ଆର୍ ଆଲ୍‌କୋବେଭ୍ କମ୍ପାନୀରେ ଇଡି ଚଢ଼ଉ

ଭୁବନେଶ୍ୱର,୩ା୧୧(ସମିସ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ଇଣ୍ଡିଆନ୍ ବ୍ୟାଙ୍କରୁ ୭୩ କୋଟି ଋଣ ଠକେଇ ଅଭିଯୋଗରେ ଏସ୍ଆର୍ ଆଲକୋବେଭ୍ ପ୍ରା.ଲିଃ. ନାମକ ଏକ କମ୍ପାନୀ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ଗୋଟିଏ ସଂସ୍ଥାରୁ ଆଉ ଗୋଟିଏ ସଂସ୍ଥାକୁ ହସ୍ତାନ୍ତର ହୋଇଥିବା କୋଟି କୋଟି ଟଙ୍କାର ଋଣ ଟଙ୍କା ସମ୍ପର୍କିତ ଦସ୍ତାବିଜକୁ ଇଡି ଜବତ କରିଛି। ଓଡ଼ିଶା ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ ଏବଂ ପଞ୍ଜାବରେ ଚଢ଼ଉ କରାଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଇଡି ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଏସ୍ଆର୍ ଆଲକୋବେଭ୍ ପ୍ରାଇଭେଟ ଲିମିଟେଡ୍ ବ୍ୟାଙ୍କରୁ ଋଣ ନେଇଥିଲା। ପରେ ଏହି ଟଙ୍କାକୁ ଚାଲାଖିର ସହିତ ବ୍ରିୟୁଫୋର୍ସ ଟେକ୍‌ନୋଲୋଜି ଏବଂ ଅନ୍ୟ ସଂସ୍ଥାକୁ ଟଙ୍କା ହସ୍ତାନ୍ତର କରାଯାଇଥିଲା। ଯେଉଁ ଉଦ୍ଦେଶ୍ୟ ପାଇଁ ଏହି ଋଣ କରାଯାଇଥିଲା, ସେଥିରେ ଟଙ୍କାକୁ ବିନିଯୋଗ କରା ନ ଯାଇ ଅନ୍ୟ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇଥିବା ଇଡି ଜାଣିବାକୁ ପାଇଛି। ଏହା ସହ ସଂସ୍ଥା ବହୁ ପରିମାଣରେ ସମ୍ପତ୍ତି କିଣିଛି।

# ଆଜିଠୁ କମିବ ତାପମାତ୍ରା

ଭୁବନେଶ୍ୱର, ୩ା୧୧(ସମିସ): ଆସନ୍ତା ଦୁଇ ଦିନ ଭିତରେ ରାଜ୍ୟର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଫଳରେ ଥଣ୍ଡା ବଢ଼ିବ। ବିଶେଷକରି, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଥଣ୍ଡାର ପ୍ରଭାବ ଅଧିକ ରହିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ରାତି ତାପମାତ୍ରା ହାରାହାରି ୨୦ ଡିଗ୍ରୀ ମଧ୍ୟରେ ରହୁଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୮ ଡିଗ୍ରୀ, ଫୁଲବାଣୀରେ ୧୮ ଡିଗ୍ରୀ, ଅନୁଗୁଳ ଓ ଭଦ୍ରକରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ଅନ୍ୟପଟେ ମ୍ୟାଁମାର ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟକୁ ଉତ୍ତରା ଶୁଷ୍କ ପବନ ଆସିବାରେ ମଧ୍ୟ ସ୍ଥିତି ସହାୟକ ହେଉଛି। ତେଣୁ, ରାଜ୍ୟକୁ ଉତ୍ତରା-ପଶ୍ଚିମ ଶୁଷ୍କ ଥଣ୍ଡା ବାୟୁ ପଶିବା ଯୋଗୁଁ ରାତିର ତାପମାତ୍ରା ହ୍ରାସ ହେବାରେ ଲାଗିଛି। ମ୍ୟାଁମାର୍ ଉପକୂଳରେ ଥିବା ଏହି ଲଘୁଚାପର କୌଣସି ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟରେ ଆସନ୍ତା ୭ଦିନ ମଧ୍ୟରେ କାଁ ଭାଁ ଅଞ୍ଚଳକୁ ଛାଡ଼ିଦେଲେ ବାକି ସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବାର ସମ୍ଭାବନା ରହିଛି।

## ଐତିହାସିକ ବାଲିଯାତ୍ରା-୨୦୨୫

# ଆନାମୋର୍ଫିକ ସ୍କ୍ରିନ୍‌ରେ ଐତିହ୍ୟର ଝଲକ

କଟକ,୩ା୧୧(ସମିସ): ଆଉ ମାତ୍ର ଦିନକ ପରେ ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆରମ୍ଭ ହେବ। ତେବେ ଏଥରର ପ୍ରମୁଖ ଆକର୍ଷଣ ରହିବ ଆନାମୋର୍ଫିକ ସ୍କ୍ରିନ୍ ଓ ବୈଦ୍ୟୁତିକ ଢୋଲରେ ଶବ୍ଦାଲୋକ। ବାଲିଯାତ୍ରାର ମଞ୍ଚ ପଡିଆରେ ପ୍ରଥମ ଥର ପାଇଁ ଆନାମୋର୍ଫିକ ସ୍କ୍ରିନ୍ ଓ ବୈଦ୍ୟୁତିକ ଢୋଲରେ ଶବ୍ଦାଲୋକ ମୁଖ୍ୟ ଆକର୍ଷଣ ପାଲଟିବ। ଏଥିରେ ନୌବାଣିଜ୍ୟରର ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ଇଣ୍ଡୋନେସିଆର ସହଭାଗିତାରେ ଏହା ଆୟୋଜନ କରାଯାଉଥିବାବେଳେ ମଞ୍ଚ ଓ ଯାତ୍ରା ସଂକ୍ରାନ୍ତରେ ଆକର୍ଷଣୀୟ ଝଲକ ଦର୍ଶକମାନେ ଏଥିରେ ଦେଖି ପାରିବେ। ସେହିପରି ବୈଦ୍ୟୁତିକ ଢୋଲ ବାଜିବା ଦ୍ୱାରା ଯେଉଁ ଆଲୋକ ଓ ଶବ୍ଦର ଫ୍ୟୁଜନ୍ ସୃଷ୍ଟି ହେବ, ତାହା ଆଗନ୍ତୁକଙ୍କ ମନ କିଣିବ ବୋଲି ଆଶା କରାଯାଉଛି। ଏହି ବୌଦ୍ୟୁତିକ ଢୋଲ ମାଧ୍ୟମରେ ସୂର୍ଯ୍ୟୋଦୟର ଭ୍ରମ ସୃଷ୍ଟି ହେବ। ଅନ୍ୟପଟେ ଆଜି



ବାଲିଯାତ୍ରାର ଉଦ୍‌ଘାଟନ ପୂର୍ବରୁ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ଅପରାହ୍ଣରେ ବାଲିଯାତ୍ରା ତଳପଡିଆ ବୁଲି ଦେଖିଥିଲେ। ତାଙ୍କ ସହ କଟକ ଇନ୍ କଟକ ପରିସରରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମସି କମିଶନର କିରନଦୀପ କୌର ସହୋତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଏନେଇ କମିଶନର ଶ୍ରୀ ସିଂ କହିଛନ୍ତି ଯେ, ବାଲିଯାତ୍ରାର ସମସ୍ତ ସ୍ଥିତିକୁ ଭଲ ଭାବେ ଯାଞ୍ଚ କରାଯାଇଛି। ଯେପରି ଶୃଙ୍ଖଳିତ ଭାବେ ଯାତ୍ରା ସମାପନ ହେବ ତାହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ସମାଗମକୁ ନଜରରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଉଛି। ଆବଶ୍ୟକ ମୁତାବକ ପାର୍କିଂ ସ୍ଥାନ କରାଯାଇଛି। ସମସ୍ତେ ଟ୍ରାଫିକ ନିୟମକୁ ପାଳନ କରିବାକୁ ଅନୁରୋଧ କରାଯାଉଥିବା ସିଂ କହିଛନ୍ତି। ଗତ ୩ଦିନ ହେବ ବାଲିଯାତ୍ରା ପାଇଁ ଉଠା ଦୋକାନୀ ପରିବାର ସହ ଆସି ରହିଲେଣି। ବାଲିଯାତ୍ରାରେ ଭଲ ବେପାର ଆଶାରେ ଦୂରଦୂରାନ୍ତର ଯଥା ଜାମ୍‌ସେଦପୁର, ରାଜସ୍ଥାନ ଭଳି ବିଭିନ୍ନ ରାଜ୍ୟ ବାହାର ଅଞ୍ଚଳରୁ ଏହି ଉଠା ବ୍ୟବସାୟୀ ଆସି ବାଲିଯାତ୍ରାରେ ଡେରା ପକାଇଲେଣି। ଚଳିତବର୍ଷ ବାଲିଯାତ୍ରା ତଳପଡିଆରେ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଥିବାବେଳେ ଏବେ ଠାରୁ ଭିଡ ଜମିବାର ଆରମ୍ଭ ହେଲାଣି।

# କାର୍ଯ୍ୟକାରୀ ହେଉନି ଆଇନ; ଭିନ୍ନକ୍ଷମ ଉପେକ୍ଷିତ

ଭୁବନେଶ୍ୱର,୩ା୧୧(ସମିସ): ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ଗୁଡ଼ିଏ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି। ପ୍ରତିଟି ବିଭାଗରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାତ୍ର ବିଭିନ୍ନ ବିଭାଗରେ ଏହାର ସଠିକ୍ ଭାବେ ଅନୁପାଳନ କରାଯାଉ ନାହିଁ। ଯାହାଫଳରେ ଦିବ୍ୟାଙ୍ଗ କଲ୍ୟାଣ ପାଇଁ ସରକାରଙ୍କର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ବିଶେଷକରି ଦିବ୍ୟାଙ୍ଗଙ୍କ ପାଇଁ

- ସାମାଜିକ ସଶକ୍ତିକରଣ ବିଭାଗର କ୍ଷୋଭ
- ଆଇନର ଯଥାବିଧି କାର୍ଯ୍ୟକାରୀ ପାଇଁ ଚିଠି

ଉଦ୍ଦିଷ୍ଟ ବିଭାଗୀୟ ସ୍ତରରେ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୩୭କୁ କେତେକ ବିଭାଗ କାର୍ଯ୍ୟକାରୀ କରାଯାଉନଥିବା ଏବେ ସାମ୍ନାକୁ ଆସିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛି ସାମାଜିକ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ।

ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୩୭ ଅଧିନରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଏକାଧିକ ବ୍ୟବସ୍ଥା ଉପଲବ୍ଧ ରହିଛି। ବିଭିନ୍ନ ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଅଧିନରେ ଦିବ୍ୟାଙ୍ଗଙ୍କ ପାଇଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ବିଶେଷକରି ନିର୍ଦ୍ଦିଷ୍ଟ ଅକ୍ଷମତା ପ୍ରତିଶତ ମହିଳାଙ୍କ ପାଇଁ ବିଶେଷଭାବେ ଏହି ସଂରକ୍ଷଣ ପ୍ରଦାନ କରିବାକୁ ଆଇନ ପ୍ରଣୟନ କରାଯାଇଛି। ମାତ୍ର ଯୋଜନା କାର୍ଯ୍ୟକାରୀ ବେଳେ ବିଭିନ୍ ବିଭାଗ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ସାମ୍ନାକୁ ଆସିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ଏ ସମ୍ପର୍କିତ ବିଭିନ୍ନ ଯୋଜନା କ୍ଷେତ୍ରରେ ମଧ୍ୟ ଦିବ୍ୟାଙ୍ଗ ବିଶେଷକରି ମହିଳାମାନଙ୍କ ପାଇଁ ୨୦୧୬ ଆଇନ ଅନୁଯାୟୀ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଅପରପକ୍ଷେ ଉପରୋକ୍ତ ଆଇନ ଅଧିନରେ ଦିବ୍ୟାଙ୍ଗ ପାଇଁ ସରକାରୀ ଜମି ରିଆତି ଦରରେ ପ୍ରଦାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ବାସଗୃହ ନିର୍ମାଣ, କୌଣସି ବ୍ୟବସାୟିକ କିମ୍ବା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଜମି ସୁଲଭ ମୂଲ୍ୟରେ ଦିଆଯାଇପାରିବ। ମାତ୍ର ଉପରୋକ୍ତ ସୁବିଧା ସୁଯୋଗ ଗୁଡ଼ିକୁ ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ ବିଭାଗ ଗୁଡ଼ିକ ପଛଘୁଞ୍ଚା ଦେଉଛନ୍ତି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛି ସାମାଜିକ ସଶକ୍ତିକରଣ ବିଭାଗ। କୌଣସି ଯୋଜନା କାର୍ଯ୍ୟକାରୀ କରିବା ବେଳେ ବିଭାଗ ଗୁଡ଼ିକ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୩୭କୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କମାନଙ୍କୁ ଚିଠି ଲେଖାଯାଇଛି।

# ଛାତ୍ରାବାସରେ ପଶି ଅନ୍ତେବାସୀଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ

ବାରିପଦା, ୩ା୧୧(ସମିସ): ଆଦିବାସୀ ଛାତ୍ରାବାସରେ ପଶି ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ। ଜଣେ କି ୨ଜଣ ନୁହେଁ, ୯ଜଣ ଆଦିବାସୀ ଛାତ୍ରଙ୍କ ସହ ଏପରି କୁକର୍ମ କରିଥିବା ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାରିପଦା ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲେ, ଶ୍ୟାମାଖୁଣ୍ଟା ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେନାପତି। ହରିଶ୍ଚନ୍ଦ୍ରପୁରସ୍ଥିତ ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏ ସଂପର୍କରେ ବିଦ୍ୟାଳୟର ପ୍ରଧାନ ପଣ୍ଡିତ

## ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ସେବତୀ ମହାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯନ୍ତ୍ରୀ ଶ୍ରୀ ସେନାପତି ରବିବାର ଆସି ଅନ୍ତେବାସୀଙ୍କୁ ନାନା ଧମକଚମକ ଦେଇଥିଲେ। ସେହିଦିନ ସନ୍ଧ୍ୟା ସାଢ଼େ ୭ଟାରେ ପୁଣି ଯନ୍ତ୍ରୀଜଣକ ଛାତ୍ରାବାସକୁ ଆସି ଅନ୍ତେବାସୀଙ୍କ ସହ ମିଶି ଯାଇଥିଲେ। ପରେ କଥାବାର୍ତ୍ତା କରି ୯ଜଣ ନାବାଳକଙ୍କୁ ଅଫିସ କୋଠରିକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ସ୍କୁଲ ବନ୍ଦ କରିଦେବା ସହ ଜୀବନରୁ ମାରିଦେବାର ଧମକଚମକ ଦେଇଥିଲେ। ଏପରିକି, ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ନାଲିଆଖି ଦେଖାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ଏମ୍ସର ଗବେଷଣା

# ପାର୍କିନସନ, ଡିମେନ୍ସିଆ ଭଳି ରୋଗକୁ ଜନ୍ମଦିଏ ଅରୁଗୁଣ

ଭୁବନେଶ୍ୱର, ୩ା୧୧(ସମିସ): ଖୋର୍ଦ୍ଧା, ଢେଙ୍କାନାଳ ସମେତ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଦେଖାଯାଉଥିବା ବିରଳ ଅରୁଗୁଣ ଗଛ (ଇଂରାଜୀ ନାମ: ସାଇକାଡ) ରହାନିକାରକ ଗୁଣ ରହିଛି। ବୈଜ୍ଞାନିକମାନେ ଏହି ଉଦ୍ଭିଦର ବିଭିନ୍ନ ପ୍ରଜାତିରେ ସମ୍ଭାବ୍ୟ ନ୍ୟୁରୋଟକ୍ସିନ୍ ଚିହ୍ନଟ କରିଛନ୍ତି। କିଛି କିଛି ସ୍ଥାନରେ ଏହି ଗଛ ଭେରୁ ନାମରେ ମଧ୍ୟ ପରିଚିତ। ଏହି ପ୍ରାଚୀନ ଉଦ୍ଭିଦ ପ୍ରଜାତି ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ସହାବସ୍ଥାନ କରିଥିଲା। ଆଜି ପ୍ରାୟତଃ ଅଳଙ୍କାରିକ ଉଦ୍ଭିଦ ଭାବରେ ବ୍ୟବହୃତ ହେଉଥିବା ଏହି ସାଇକାଡ୍ ପ୍ରଜାତିରେ ସାଇକାସିନ୍ ଏବଂ ମିଥାଇଲାଜୋକ୍ସିମେଥାନଲ୍ ଭଳି ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ରହିଛି। ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଛି। ଏମ୍ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଓ ଉତ୍ତର-ପୂର୍ବ ହିଲ୍ ବିଶ୍ୱବିଦ୍ୟାଳୟ (ଏନଇଏଚୟୁ), ଶିଲଂ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏକ କର୍ମଶାଳାରେ ଏଭଳି ମତପ୍ରକାଶ ପାଇଛି।

ଏହି କର୍ମଶାଳାରେ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି' ସଂପର୍କରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ସାଇକାଡ୍ସ ସହିତ ଜଡ଼ିତ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ



ଉପରେ ଆଲୋକପାତ କରାଯାଇଥିଲା।

କର୍ମଶାଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିଶେଷଜ୍ଞମାନେ ଖୋର୍ଦ୍ଧା ଜିଲ୍ଲାର ଧୂଆନାଳି ଏବଂ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଗଙ୍ଗାମୁଣ୍ଡା, ସୁଆଗିନାଳି ଗ୍ରାମଗୁଡ଼ିକୁ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅଞ୍ଚଳଗୁଡ଼ିକରେ, ସ୍ଥାନୀୟ ଆଦିବାସୀ ଜନସଂଖ୍ୟା ପାରମ୍ପରିକ ଖାଦ୍ୟ ଉତ୍ସ ଭାବେ ସାଇକାସ୍ ଗଛ ଉପରେ ନିର୍ଭରଶୀଳ। ଏହାକୁ ଖାଇବାରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ସ୍ନାୟୁ ଏବଂ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ବିଶେଷଜ୍ଞମାନେ ଗ୍ରାମବାସୀ, ରୋଗୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।

## ଖୋର୍ଦ୍ଧା, ଢେଙ୍କାନାଳ ଜିଲ୍ଲାରେ ଖାଇଥା'ନ୍ତି

କର୍ମଶାଳାର ମୁଖ୍ୟ ଅତିଥି ଭାବରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଭାରତୀୟ ସାଇକାଡ୍ ପ୍ରଜାତି ବିଷ ବିଜ୍ଞାନ ଉପରେ ଗବେଷଣା ପାଇଁ ଏହି ପଦକ୍ଷେପକୁ ଅଭିନନ୍ଦନ ଜଣାଇଥିଲେ। ପ୍ରଫେସର ଏସ୍.କେ. ବାରିକ, ଡିନ୍ ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍‌ସେସ୍, ଏନଇଏଚୟୁ ଏବଂ ପ୍ରଫେସର୍ ସଞ୍ଜୀବ କୁମାର ଭୋଇ, ବିଭାଗୀୟ ମୁଖ୍ୟ ନ୍ୟୁରୋଲୋଜି, ଏମ୍ସ ଭୁବନେଶ୍ୱର, ପ୍ରମୁଖ ବିଶେଷଜ୍ଞ ଦଳର ନେତୃତ୍ୱ ନେଇଥିଲେ।

# ଲାଲବାଗରେ କାର୍ତ୍ତିକେଶ୍ୱର ପୂଜା

ନିଶ୍ଚିନ୍ତକୋଇଲି,୩।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନିପୁର ପଞ୍ଚାୟତ ଲାଲବାଗ ଗ୍ରାମର ଉଗାଣ୍ଡା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ୫୨ତମ ବାର୍ଷିକ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ପବିତ୍ର ପଞ୍ଚୁକ ତିଥିରେ ଆରମ୍ଭ ହୋଇଛି। ପୂଜକ ନୀଳମାଧବ ଆଚାର୍ଯ୍ୟଙ୍କ ଦ୍ୱାରା ଯଥାରୀତି ପୂଜାର୍ଚ୍ଚନା କରାଯାଉଥିଲା ବେଳେ ଏଥିରେ କର୍ତ୍ତା ଭାବେ ଆଲୋକ ରାଉତ କାର୍ଯ୍ୟ ତୁଲାଉଛନ୍ତି। ଚଳିତ ବର୍ଷ ପୂଜା ମଣ୍ଡପକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା ବେଳେ ଚିତାକର୍ଷକ ମେଢ ଦେଖିବା ପାଇଁ ଲୋକଙ୍କ ଭିଡ ଜମୁଛି। ପୂଜା କମିଟି ପକ୍ଷରୁ ଅଶୋକ ରାଉତ, ରଞ୍ଜନ ରାଉତ, ଗୌତମ ରାଉତ, ଚିତ୍ତରଞ୍ଜନ ରାଉତ, ଦୀପକ ରାଉତ, ଜ୍ୟୋତିରଞ୍ଜନ ରାଉତ, ଜିତେନ୍ଦ୍ର ରାଉତ, ପ୍ରଫୁଲ୍ଲ ରାଉତ, ଆଲୋକ ପଣ୍ଡା, ଜ୍ଞାନରଞ୍ଜନ ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀମାନେ ଏହି ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି। ସେହିପରି ଲାଲବାଗ ତ୍ରିନାଥ ଗୋସାଇଁ ପୂଜା କମିଟି ପକ୍ଷରୁ ମଧ ଶନିବାର ଠାରୁ କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଛି। ସରୋଜ ନାୟକଙ୍କ ସଂଯୋଜନାରେ ଏହି ପୂଜାରେ କର୍ତ୍ତା ଭାବେ ଅଭିଷେକ ପଣ୍ଡା କାର୍ଯ୍ୟ ତୁଲାଉଛନ୍ତି। କମିଟିର ସଭ୍ୟ ମନୋଜ ପଣ୍ଡା, ଅଞ୍ଜନ ପଣ୍ଡା, ଦିବ୍ୟଜ୍ୟୋତି ରାଉତ, ଅଭିମନ୍ୟୁ ରାଉତ, ଗଣେଶ୍ୱର ରାଉତ, ପ୍ରଭାତ ନାୟକ, ଗଣେଶ୍ୱର ପଣ୍ଡା, ତାପସ ଜେନା ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି।



# ଓଡ଼ିଶୀ ନୃତ୍ୟରେ ଦୁଇ ଭଉଣୀଙ୍କ କୃତିତ୍ୱ



ନିଶ୍ଚିନ୍ତକୋଇଲି,୩।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ନଗସପୁର ଗ୍ରାମର ଅନ୍ନପୂର୍ଣ୍ଣା ଷଡଙ୍ଗୀ (୧୧) ଏବଂ ତାଙ୍କ ସାନ ଭଉଣୀ ଐଶ୍ୱର୍ଯ୍ୟା ଷଡଙ୍ଗୀ (୪) ଓଡିଶୀ ନୃତ୍ୟରେ କୃତିତ୍ୱ ଲାଭ କରି ପୁରସ୍କୃତ ହୋଇଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ ମଥୁରା ବୃନ୍ଦାବନଠାରେ ଆୟୋଜିତ ଶ୍ରୀକୃଷ୍ଣ କଳା ସାଂସ୍କୃତିକ ମହୋତ୍ସବରେ ଓଡିଶୀ ନୃତ୍ୟରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଦୁଇ ଭଉଣୀଙ୍କର ଚିତାକର୍ଷକ ଓଡିଶୀ ନୃତ୍ୟ ପାଇଁ ପ୍ରଥମ ସ୍ଥାନ ଅଧିକାର କରି ମାନପତ୍ର ସହ ପୁରସ୍କାର ପାଇଥିବା ଜଣାଯାଇଛି। ନୃତ୍ୟଗୁରୁ ବିଜୟ କୁମାର ସାମଲ ଓ ଓଡିଶୀ ନୃତ୍ୟ ଗୁରୁ ବନଜା ମହାନ୍ତି ଏହି ଦୁଇ ଭଉଣୀଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ଦୁଇ ଭଉଣୀ ହେଉଛନ୍ତି ଅଶ୍ୱିନୀ ଷଡଙ୍ଗୀ ଓ ସୁରେଖା ଷଡଙ୍ଗୀଙ୍କର କନ୍ୟା। ବିଭିନ୍ନ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବହୁ ଅନୁଷ୍ଠାନ ପକ୍ଷରୁ ସେମାନେ ପୁରସ୍କାର ପାଇଥିବା ବେଳେ ଗତ ରଥଯାତ୍ରାରେ ଜିଗ୍ନିପୁର ବ୍ରହ୍ମକ୍ଷେତ୍ରରେ ପହଣ୍ଡି ସମୟରେ ଦୁଇ ଭଉଣୀଙ୍କର ଓଡିଶୀ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଭଳି କୃତିତ୍ୱ ପାଇଁ ଏ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ନୃତ୍ୟପ୍ରେମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାଭିୟର ହାଇସ୍କୁଲର ପ୍ରତିଷ୍ଠା ଦିବସ



ନିଶ୍ଚିନ୍ତକୋଇଲି,୩।୧୧(ସମିସ): କଟରପଡାସ୍ଥିତ ନିଶ୍ଚିନ୍ତକୋଇଲି ଜାଭିୟର ହାଇସ୍କୁଲର ୧୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି। ଏହି ଅବସରରେ ୩୫ଟି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାର ଉନ୍ମେଷ ପାଇଁ ମେଧା ଅନ୍ୱେଷଣ ପ୍ରତିଯୋଗିତା କରାଯାଇଛି। ଏହି ପ୍ରତିଯୋଗିତାରେ କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ପ୍ରଥମ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା, ଖଣ୍ଡସାହିସ୍ଥିତ ଦେବ୍ ମହାନ୍ତି ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରି ୩ ହଜାର ଟଙ୍କା, ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩ୟ ସ୍ଥାନ ଅଧିକାର କରି ୨ ହଜାର ଟଙ୍କା ନଗଦ ଅର୍ଥ ରାଶି ସମେତ ସିଲ୍ଡ ଓ କପ୍ ପାଇଛନ୍ତି। ଏହା ଛଡା ୧୫ଟି ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରାଯାଇ ୭୫ଜଣ ମେଧା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମକୁ ତହସିଲଦାର ଦମୟନ୍ତୀ ସାହୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜାଭିୟର ସ୍କୁଲର ସଂପାଦକ ସ୍ମୃତିରଂଜନ ରାଉତରାୟଙ୍କ ସଂଯୋଜନା ଏବଂ ସ୍କୁଲର ଅଧ୍ୟକ୍ଷ ଗୋପବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟଶାସନ ସଚିବ ଉପେନ୍ଦ୍ରନାଥ ବେହେରା, ମୁଖ୍ୟବକ୍ତା ଭାବେ ରାଜ୍ୟ ପରିବେଶ ବିଭାଗର ସଭାପତି ପ୍ରଫେସର ଡ. ଜୟକୃଷ୍ଣ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ କଟକ ଏସିଏଫ୍ ସନ୍ତୋଷ ପତି, କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଜୟା ବିଜେତା ନାୟକ, ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ପ୍ରମିଳା ନାୟକ, ସିଆରସିସି ନରେନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରି ବିଦ୍ୟାଳୟର ପ୍ରତିଷ୍ଠାତା ଶରତ ଚନ୍ଦ୍ର ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟାଳୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସ୍କୁଲ ଉପାଧ୍ୟକ୍ଷ ବିରଜା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନଖରା ଜାଗୁଲାଇ ୟୁଥ୍ କ୍ଲବ୍ ପକ୍ଷରୁ ଗୋ-ସେବା

ଫୁଲନଖରା,୩।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ପଞ୍ଚୁକରେ ନଖରା ଗ୍ରାମର ଜାଗୁଲାଇ ୟୁଥ୍ କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଛି ଗୋ-ସେବା। କ୍ଲବ୍‌ର କିଛି ଉତ୍ସାହୀ ଯୁବକ ନିଜସ୍ୱ ଖର୍ଚ୍ଚରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଚାରିଚକିଆ ଗାଡି ସାହାଯ୍ୟରେ ବିଭିନ୍ନ ବଜାରରେ ବୁଲି ବୁଲି ବୁଲା ଗାଈଗୋରୁ ଓ ଷଣ୍ଢଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରୁଛନ୍ତି। କାର୍ତ୍ତିକ ମାସର ପଞ୍ଚୁକ ପାଞ୍ଚ ଦିନ ହିନ୍ଦୁ ଧର୍ମଶାସ୍ତ୍ରରେ ପୂଣ୍ୟଦିନ ଏବଂ ଏହି ଦିନରେ ଅସହାୟଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କଲେ ପୂଣ୍ୟ ଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ଏହି ମହତ୍ କାର୍ଯ୍ୟକ୍ରମରେ କ୍ଲବର ସଭାପତି ସୁବାସ ଚନ୍ଦ୍ର ସାହୁ, ଜ୍ୟୋତି ରଞ୍ଜନ ସାହୁ, ସରୋଜ ସାହୁ, ରାକେଶ ସାହୁ, ସୁଜିତ ସାହୁ, ଭକ୍ତ ସାହୁ, ସୁଭାଶିଷ ସାହୁ, ଆଶିଷ ସାହୁ, ବିନୟ ସାହୁ, ବଣ୍ଟି ସାହୁ ଓ ସାଇରାମ ସାହୁଙ୍କ ସମେତ ଅନେକ ସଭ୍ୟ ସହଯୋଗ କରୁଛନ୍ତି। ପିଲାମାନଙ୍କର ଏଭଳି କାର୍ଯ୍ୟକୁ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ଓ ବରିଷ୍ଠ ମୁରବୀମାନେ ପ୍ରଶଂସା କରିଛନ୍ତି।

# ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

ଭଦ୍ରେଶ୍ୱର, ୩।୧୧(ସମିସ):

ମାହାଙ୍ଗା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଏହି କର୍ମୀ ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର କରାଯାଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ ପାଣ୍ଡିଆ ଅଙ୍ଗନବାଡି-୧ କେନ୍ଦ୍ରରେ ନୂତନ କର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବହୁ ଆଶାୟୀ ଏହି ପଦ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଏଥି ମଧ୍ୟରୁ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଗୁହାଳସିଂ ଗ୍ରାମପଞ୍ଚାୟତ ଛାଞ୍ଚୁଣିଆ ଗ୍ରାମର କଳ୍ପନା ବେହେରା ଏଥି ନିମନ୍ତେ ଆବେଦନ କରିଥିଲେ। ତେବେ ସମସ୍ତ ଆବେଦନକାରୀଙ୍କୁ ପଛରେ ପକାଇ ଚଞ୍ଚକତା କରାଯାଇ କଳ୍ପନାକୁ ଅଙ୍ଗନବାଡି କର୍ମୀ ପଦ ନିମନ୍ତେ ନିଯୁକ୍ତି କରାଯାଇଛି। ଯାହାକୁ ନେଇ ସୃଷ୍ଟି ହୋଇଛି ବିବାଦ। ଏଠାରେ ସୂଚନା ଥାଉକି କଳ୍ପନାଙ୍କ ବାପଘର ଭଦ୍ରେଶ୍ୱର

## ତଦନ୍ତ ଦାବି କଲେ ମହିଳା

ପଞ୍ଚାୟତ ଝାଡେଶ୍ୱରପୁର ଗ୍ରାମରେ। କଳ୍ପନା ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଛାଞ୍ଚୁଣିଆ ଗ୍ରାମର ସଚ୍ଚିଦାନନ୍ଦ ବେହେରାଙ୍କୁ ବିବାହ କରିଛନ୍ତି। କଳ୍ପନା ତାଙ୍କ ଶାଶୁଘରେ ସ୍ଥାୟୀ ଭାବେ ବସବାସ କରୁଥିଲା ବେଳେ ବାପଘର ଗାଁ ଭୋଟର ତାଲିକାରୁ ତାଙ୍କର ନାମ ବାଦ ପଡିଯାଇଛି। ଅପରପକ୍ଷରେ କଳ୍ପନାଙ୍କ ନାମ ଡେରାବିଶ ବ୍ଲକ ଭୋଟର ତାଲିକାରେ ଥିଲା ବେଳେ ଡେରାବିଶ ବ୍ଲକରୁ ସମସ୍ତ ସରକାରୀ ସୁବିଧା ପାଇ ଆସୁଛନ୍ତି। ଏପରି ସ୍ଥଳେ ମାହାଙ୍ଗା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ନୂତନ ଅଙ୍ଗନବାଡି ନିଯୁକ୍ତି ନିମନ୍ତେ ଜାଲ କାଗଜପତ୍ର ଦର୍ଶାଇ ଏହି ପଦ ପାଇଁ ଆବେଦନ କରି ନିଯୁକ୍ତି ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ବ୍ୟାପକ ଜାଲିଆତି ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ରାଜନେତାଙ୍କ ଚାପରେ ଏହି କର୍ମୀ ନିଯୁକ୍ତି କରାଯାଇଥିଲା ବେଳେ ଏଥିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଆବେଦନକାରିଣୀ ଅର୍ପିତା ସାମନ୍ତରାୟ କଟକ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗୁରୁବାରୀ ସିଂ କୁହନ୍ତି ନିଯୁକ୍ତିରେ କୌଣସି ଅନିୟମିତତା ହୋଇନାହିଁ।

# ଶ୍ରୀଜଗନ୍ନାଥ ମନ୍ଦିରରେ ଭାଗବତ ପାରାୟଣ

ସାଲେପୁର,୩।୧୧(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅଲେଖ ଛକ ଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ୪୪ତମ ଭାଗବତ ପାରାୟଣ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମାସ ଅବସରରେ ଗତ ମାସ ୨୬ ତାରିଖରୁ ଚଳିତ ମାସ ୧ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହବ୍ୟାପୀ ଏହି ଭାଗବତ ପାରାୟଣ ଓ ଭାଗବତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂଜକ ଲକ୍ଷ୍ମୀକାନ୍ତ ପଣ୍ଡା, ସନାତନ ବେହେରା, ରବିନାରାୟଣ ଦଳାଇ, ଜୟନ୍ତ ମହାନ୍ତି, ଶ୍ୟାମସୁନ୍ଦର ବାରିକ, ଶିବପ୍ରସାଦ ବାରିକ, ଜଳନ୍ଧର ସେଠୀ, ପ୍ରୀତିରଞ୍ଜନ ମହାନ୍ତି, ଆଲୋକ ଭୂୟାଁ, ଶିବଚରଣ ଜେନା, ଭାସ୍କର ଚନ୍ଦ୍ର ଲେଙ୍କାଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବ୍ୟବସାୟୀଙ୍କ ଆଶୁ ଆରୋଗ୍ୟ କାମନା



ନିଶ୍ଚିନ୍ତକୋଇଲି,୩।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେଣ୍ଟାଳ ଗ୍ରାମର ଅଜୟ ବଳ ଅସୁରେଶ୍ୱର ବଜାରରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରିଆସୁଛନ୍ତି। ତାଙ୍କ ଦେହ ଗୁରୁତର ଅସୁସ୍ଥ ଥିବାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ଏହି ଅଞ୍ଚଳର ବହୁ ବ୍ୟବସାୟୀ ଏବଂ ତାଙ୍କ ସାଥୀମାନେ ଦୀପଦାନ କରିଛନ୍ତି। ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ କୁମାର ଦାସ ଓ ବରିଷ୍ଠ ବ୍ୟବସାୟୀ ରଘୁନାଥ ନାୟକଙ୍କ ସଂଯୋଜନାରେ ଏଥିରେ ରାମଚନ୍ଦ୍ର ଖୁଣ୍ଟିଆ, ରବିନ୍ଦ୍ରନାଥ ନାୟକ, ରାଜକିଶୋର ସିଂ, ପୂର୍ଣ୍ଣାନନ୍ଦ ବେହେରା, ନରେନ୍ଦ୍ର ବେହେରା, ମହେଶ୍ୱର ସିଂ, ସାମ୍ବାଦିକ ଉମାଶଙ୍କର ସାହୁ, ବିଜୟ ସାହୁ, ହରେକୃଷ୍ଣ ସେଠୀ, ଲକ୍ଷ୍ମଣ ବେହେରା, ସରୋଜ ସିଂ, ଦୋଳଗୋବିନ୍ଦ ସାହୁ ପ୍ରମୁଖ ଅଣସରପୁରସ୍ଥିତ ମା' ବୁଢୀଜାଗୁଲାଇ ମନ୍ଦିରରେ ସମୂହ ଦୀପଦାନ କରି ତାଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।



ଧବଳେଶ୍ୱରଙ୍କ ପାଖରେ ଭୋଗ ଲାଗିବା ପାଇଁ ଗଜଭୋଗ ପ୍ରସ୍ତୁତି

## ବଡ଼ମ୍ବା ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ

# ଅବସର ପରେ ବି କାର୍ଯ୍ୟ କରୁଛନ୍ତି ୨ କର୍ମଚାରୀ

ବଡ଼ମ୍ବା,୩।୧୧(ସମିସ): ବଡମ୍ବା ବ୍ଲକ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ଅବସରପ୍ରାପ୍ତ ୨ କର୍ମଚାରୀ କିଣାବିକା ଜମିର ଦଲିଲ କାମ କରୁଛନ୍ତି ଏବଂ କିଣା ବିକା କରୁଥିବା ଲୋକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ସେତିକି ନୁହେଁ; ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପରିସରରେ ଉପନିବନ୍ଧକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରୀ କୋଠରୀକୁ ଦୀର୍ଘ ବର୍ଷ ଧରି ଅବସରପ୍ରାପ୍ତ କର୍ମଚାରୀ ନିଜ ପରିବାର ସହିତ ରହୁଛନ୍ତି। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ହୋଇ ପରିବାର ପ୍ରତିପୋଷଣ କରି ଦୁଇ ଦୁଇଟି କାରର ମାଲିକ ଥିବାର ଅଭିଯୋଗ ହୋଇଛି ଏବଂ ଜମି କିଣାବିକା ଠାରୁ ଆରମ୍ଭ କରି ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ଉପରେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ପ୍ରାୟ ୧୫ ପ୍ରତିଶତରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରୁଥିବାର ଜନ ସାଧାରଣଙ୍କ ଠାରୁ ଅଭିଯୋଗ ହୋଇଛି। ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଉପନିବନ୍ଧକଙ୍କୁ ମିଶାଇ ୫ ଜଣ କାର୍ଯ୍ୟ କରୁଥିବା ବେଳେ ୨ ଜଣ ଅବସରପ୍ରାପ୍ତ କର୍ମଚାରୀ କାହା ଇସାରାରେ କାର୍ଯ୍ୟ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହେଉଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭଦ୍ରେଶ୍ୱର,୩।୧୧(ସମିସ): ମାହାଙ୍ଗା ବ୍ଲକ ଭଉଁରିଆ ଗ୍ରାମପଞ୍ଚାୟତ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ରଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଏବିଇଓ ସବିତା ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ବିଚିତ୍ରା ନନ୍ଦ ପଣ୍ଡା, ସମ୍ମାନୀତ ଅତିଥି ଭାବେ ବାସୁଦେବପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ମିଶ୍ର, ଆଲୁମନି କମିଟିର ସଭାପତି ଅନିଲ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନମୋହନ ସ୍ୱାଇଁ, ବିଦ୍ୟାଳୟର ପୂରାତନ ଶିକ୍ଷକ ଦିନେଶ ସିଂ ଓ ଅମରେନ୍ଦ୍ର ଜେନା, ତୁଳସୀପୁର କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତ୍ରିଲୋଚନ ବରାଳ, ପ୍ରାକ୍ତନ ସିଆରସିସି ଅମରେନ୍ଦ୍ର ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଲୁମନି କମିଟିର ଆବାହକ ନଳିନିକାନ୍ତ ସାହୁ, ଭଗବତୀ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳମାଧବ ପଣ୍ଡା, ସହକାରୀ ଶିକ୍ଷକ ତପନ ଦାସ, ସାମ୍ବାଦିକ ଧନେଶ୍ୱର ସେଠୀ, ହରିହର ବଳ, ପଦ୍ମବାଟିଆ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରୀକ୍ଷିତ ବାରିକ, ପଦ୍ମବାଟିଆ ପ୍ରାଇମେରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାହୁନ୍ତ, ଅବସରପ୍ରାପ୍ତ ଶିକ୍ଷକ ଫାରୁକ ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ସିଆରସିସି ଅରୁଣ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆରତୀ ପତି, ଶ୍ରଦ୍ଧାଞ୍ଜଳି ମିଶ୍ର, ପାର୍ଥସାରଥୀ ଦାସ, ଅନନ୍ତ ଚରଣ ବାରିକ, ମୋନାଲିସା ସାହୁ, ହେମନ୍ତ କୁମାର ପରିଡା, ଦାଶରଥି ସାହୁ, ଚନ୍ଦନ ଦାସ, ସଂଯୁକ୍ତା ବେହେରା, ଚିନ୍ମୟ ରଞ୍ଜନ ସିଂ ପ୍ରମୁଖ ସହଯୋଗ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟକାଳୀନ ସଙ୍ଗୀତ ପରିବେଷଣ କରାଯାଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷରେ ଶିକ୍ଷକ ଉମାଶଙ୍କର ନାୟକ ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ଯୁବ ସମ୍ମେଳନ

ତିଗିରିଆ,୩।୧୧(ସମିସ): ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବଡମ୍ବା ଓ ତିଗିରିଆ ଖଣ୍ଡର ଯୁବ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ ବୌଦ୍ଧିକ ପ୍ରଦାନ କରିଥିବା ବେଳେ ତିଗିରିଆ ଖଣ୍ଡ କାର୍ଯ୍ୟବାହ ପ୍ରତାପ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ କଟକ ଜିଲ୍ଲା ପ୍ରଚାରକ ଭାରତ ଭୂଷଣ ସାହୁ କାର୍ଯ୍ୟକ୍ରମର ସ୍ୱରୂପ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସହ ଖଣ୍ଡ କାର୍ଯ୍ୟବାହ ସଞ୍ଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ବଡମ୍ବା ଓ ନରସିଂହପୁରର ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହ ଓ ହିନ୍ଦୁ ଜାଗରଣ ସାମ୍ମୁଖର ଓଡିଶା ପୂର୍ବ ପ୍ରାନ୍ତ ସଂଗଠନ ସମ୍ପାଦକ ତନ୍ମୟ ଦାଶ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, ବଡମ୍ବା ଖଣ୍ଡ କାର୍ଯ୍ୟବାହ ମାନସ ରଞ୍ଜନ ଘଡେଇ, ପ୍ରମୋଦ ଧଳ, ଅମରେଶ ମିଶ୍ର, ଭୁବନ ମୋହନ ବାରିକ, ଅଞ୍ଜନ ସାମଲ, ପୀତବାସ କରଣ, ବିଦ୍ୟାଭରତୀ ସଂଗଠନ ତରଫରୁ ନୂଆପାଟଣା ସଂକୁଳ ପ୍ରମୁଖ ଶ୍ରୀବସ୍ତ ସାହୁ, ବିଶ୍ୱହିନ୍ଦୁ ପରିଷଦର ପ୍ରଦୀପ କଟୁଆଳ, ପରୀକ୍ଷିତ ବେହେରା, ପ୍ରତାପ ଦେବତା, ପ୍ରସନ୍ନ ଗୁଇଁ, ପ୍ରସନ୍ନ କଟୁଆଳ, କୈଳାଶ ବର୍ଦ୍ଧନ, ଅଯୋଧ୍ୟା କଟୁଆଳ, ନଳିନୀକାନ୍ତ ବେହେରା ଓ ଖଣ୍ଡର ଯୁବ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।



## ଟେଟ୍ରାହେଡ୍ରନ୍‌ର ବଦାନ୍ୟତା

# ଡାକ୍ତରୀ ପଢ଼ିବେ ଚା' ଦୋକାନୀଙ୍କ ପୁଅ

ଟାଙ୍ଗୀ,୩।୧୧(ସମିସ):

କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ପ୍ରତିଷ୍ଠା ଲାଭ କରି ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଥିବା ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ବଦାନ୍ୟତା ଯୋଗୁଁ ଅନେକ ଗରିବ ତଥା ମେଧାବୀ ଛାତ୍ରଛାତ୍ରୀ ମାଗଣାରେ ଶିକ୍ଷାଲାଭ କରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ଜଣେ ମେଧାବୀ ଛାତ୍ର ମାଗଣାରେ ପାଠପଢ଼ି ସର୍ବଭାରତୀୟ ଡାକ୍ତରୀ ପରୀକ୍ଷା (ନିଟ୍)ରେ ସଫଳତା ହାସଲ ପୂର୍ବକ ଏମ୍‌କେସିଜିରେ ଡାକ୍ତରୀ ପଢ଼ିବା ନିମନ୍ତେ ମନୋନୀତ ହେବା କୋଟସାହି ପଞ୍ଚାୟତ ଟାଙ୍ଗୀ ଅଞ୍ଚଳରେ ଚର୍ଚ୍ଚାକୁ ଆସିଛି। ସୂଚନା ଅନୁଯାୟୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ବଦାଲୋ ଗ୍ରାମର ବିଦିଆ ଓରଫ ବିଦ୍ୟାଧର ମହାନ୍ତିଙ୍କ ପରିବାର କହିଲେ ପତ୍ନୀ କବିତା, ୨ ପୁଅ ଅନୀଲ ଓ



କବୀର। ଗ୍ରାମ ନିକଟ ରାଜପଥ ପାଶ୍ୱର୍ରେ ଚା''ଓ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ ବିଦ୍ୟାଧର। ଦୁଇ ପୁଅ ଭଲ ପାଠ ପଢୁଥିବାରୁ ଦୁହିଁଙ୍କୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ଜଣଙ୍କୁ ଇଞ୍ଜିନିୟର ଓ ଜଣକୁ ଡାକ୍ତର କରିବା ଲକ୍ଷ୍ୟରେ ଦୁହିଁଙ୍କ ପାଠପଢା ପ୍ରତି ଧ୍ୟାନ ଦେଉଥିଲେ। ମାତ୍ର ବିଧିର ବିଧାନ ବିଚିତ୍ର। ମଝି ନଈରେ କାତ ହଜିଲା ପରି ଆଜକୁ ୨ ବର୍ଷ ତଳେ ହଠାତ୍ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଅଧା ଅଚଳ ହୋଇଗଲେ ବିଦ୍ୟାଧର। ରୋଜଗାର ବୁଡ଼ିଗଲା। ସେତିକିବେଳେ ସାନପୁଅ କବିର ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଆଇକନିକ୍ ମାଧ୍ୟମରେ କୋଚିଂ ଗ୍ରହଣ ପୂର୍ବକ ୨୦୨୪ରେ ପ୍ରଥମ ଥର ନିଟ୍ ପରୀକ୍ଷାରେ ଭାଗ ନେଇଥିଲେ। ମାତ୍ର ବିବାଦୀୟ ନିଟ୍ ରେଜଲ୍ଟ ଯୋଗୁଁ ଅଳ୍ପକେ ବଞ୍ଚିତ ହୋଇଯାଇଥିଲେ। ଘରର ପରିସ୍ଥିତି ଦେଖି ନିରାଶ କବୀରଙ୍କ ଘଟଣା ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନଜରକୁ ଆସିଥିଲା। ଶ୍ରୀ ବେହେରା ସଂପୂର୍ଣ୍ଣ ମାଗଣାରେ କୋଚିଂ ବ୍ୟବସ୍ଥା ପୂର୍ବକ ଡାକ୍ତରୀ ପଢିବା କ୍ଷେତ୍ରରେ ଆବଶ୍ୟକ ସହାୟତା ପ୍ରଦାନ ପ୍ରତିଶ୍ରୁତି ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ବୈଠକରେ ଶିକ୍ଷାଦାନ ସଂକ୍ରାନ୍ତ ଆଲୋଚନା



ନିଶ୍ଚିନ୍ତକୋଇଲି,୩।୧୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଜନାର୍ଦ୍ଦନପୁର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ବଳରାମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସିଆରସିସି ଉମେଶ ଚନ୍ଦ୍ର ରାଉତଙ୍କ ପୌରହିତ୍ୟରେ ଏହି ବୈଠକରେ ଭାରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରଭାତ କୁମାର ବେହେରା ଯୋଗଦେଇ ଶିକ୍ଷକମାନେ ଶ୍ରେଣୀ ଗୃହ ଶିକ୍ଷାଦାନରେ ଛାତ୍ରଛାତ୍ରୀଙ୍କୁ କିଭଳି ସହଜ ଓ ପ୍ରାଞ୍ଜଳ ଭାବରେ ବୁଝାଇପାରିବେ ତାହାର ବିଭିନ୍ନ ଧାରା ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରାଯାଇଥିଲା। ପ୍ରଥମଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଭାଷା ସାହିତ୍ୟ ପୁସ୍ତକରେ ଥିବା ବିଭିନ୍ନ ପ୍ରସଙ୍ଗ, ଗଣିତ ଓ ସଂଖ୍ୟାଜ୍ଞାନର ପାଠ୍ୟକ୍ରମର ଉପଯୋଗିତା ସହିତ ଅନ୍ୟାନ୍ୟ ବିଷୟବସ୍ତୁ କିଭଳି ଛାତ୍ରଛାତ୍ରୀଙ୍କୁ ଭଲ ଭାବରେ ବୁଝାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହାଛଡା ଶିକ୍ଷାଦାନ ସମୟରେ ଶିକ୍ଷା ସଂକ୍ରାନ୍ତ ବିଭିନ୍ନ ଉପକରଣ ବ୍ୟବହାର କରିବା ଓ ଚିତ୍ର ଚାର୍ଟ ଓ କଳାପଟାର ସଦୁପଯୋଗ ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଶିକ୍ଷକ ସଚ୍ଚିଦାନନ୍ଦ ରାଉତରାୟ, ନାରାୟଣ ରାଉତ, ସାଗରିକ ମିଶ୍ର, ଦୀପ୍ତିମୟୀ ମହାନ୍ତି, ପ୍ରଣତୀ ବେହେରା, ଗଗନବିହାରୀ ଚାନ୍ଦ, ତପନ ସ୍ୱାଇଁ, ଶ୍ରଦ୍ଧା ପ୍ରିୟଦର୍ଶିନୀ ଦାସ ପ୍ରମୁଖ ଯୋଗଦେଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୧ ● ପାଉଣ୍ଡ ୧୧୬.୬୪
- ୟୁରୋ ୧୦୨.୩୨ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୦୩୦ (ନୂଆଦିଲ୍ଲୀ)
- ରୁପା : ୧,୫୪,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୭୮.୪୯
- ନିଫ୍ଟି ୨୫,୭୬୩.୩୫



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଜ୍ଞାନକୌଶଳରେ ନେତୃତ୍ୱ ନେବ ଭାରତ; ଗବେଷଣା ଓ ବିକାଶକୁ ମିଳିବ ଗତି

# ଲକ୍ଷେ କୋଟିର ଆର୍‌ଡିଆଇ ପାଣ୍ଠିର ଶୁଭାରମ୍ଭ



ନୂଆଦିଲ୍ଲୀ, ୩।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ 'ଇମର୍ଜିଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ କନକ୍ଲେଭ (ଇଏସଟିଆଇସି)' ସାମିଲ ହୋଇଛନ୍ତି। ଏହି ଅବସରରେ ସେ ଗବେଷଣା ଏବଂ ବିକାଶ (ଆରଆଣ୍ଡଡି) ବ୍ୟବସ୍ଥାକୁ ଗତି ଦେବା ପାଇଁ ବଡ଼ ଘୋଷଣା କରିଛନ୍ତି। ସେ ଲକ୍ଷେ କୋଟି ଟଙ୍କାର ରିସର୍ଚ୍ଚ ଡେଭଲପମେଣ୍ଟ ଆଣ୍ଡ ଇନୋଭେସନ (ଆରଡିଆଇ) ସ୍କିମ ଫଣ୍ଡ ଆରମ୍ଭ କରିଛନ୍ତି। ଏଠାରେ ମୋଦୀ କହିଛନ୍ତି ଯେ ଭାରତ ଏବେ କେବଳ ପ୍ରଯୁକ୍ତିବଦ୍ୟାର ଗ୍ରାହକ ହୋଇ ରହିବ ନାହିଁ। ଭାରତ ଜ୍ଞାନକୌଶଳ ମାଧ୍ୟମରେ ପରିବର୍ତ୍ତନର ସୂତ୍ରଧର ପାଲଟିବ। ବିଶ୍ୱର ସଫଳ 'ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର' ମଧ୍ୟ ଭାରତ ପାଖରେ ରହିଛି। ଏହା ସହିତ ମୋଦୀ ଭାରତୀୟ ବୈଜ୍ଞାନିକଙ୍କ ଉପଲବ୍ଧି ଉପରେ ଏକ କଫି ଟେବୁଲ ବୁକ୍ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପାଇଁ ଏକ 'ଭିଜନ ଡକ୍ୟୁମେଣ୍ଟ' ରଖିଥିଲେ।

ଏହି ଇଏସଟିଆଇସି ସମ୍ମିଳନୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଶିକ୍ଷା, ଗବେଷଣା, ଉଦ୍ୟୋଗ ଜଗତ ସହ ଜଡ଼ିତ ୩ ହଜାରରୁ ଅଧିକ ବ୍ୟକ୍ତି, ନୋବେଲ ପୁରସ୍କାର ବିଜେତା, ବୈଜ୍ଞାନିକ, ଉଦ୍ଭାବକ ଏବଂ ନୀତି ନିର୍ଦ୍ଧାରଣକାରୀ ସାମିଲ ହେବେ। ପ୍ରଧାନମନ୍ତ୍ରୀ ଆଜି ଯେଉଁ ଲକ୍ଷେ କୋଟିର ଆରଡିଆଇ ପାଣ୍ଠି ଘୋଷଣା କଲେ, ତାହା ଦ୍ୱାରା ଘରୋଇ କ୍ଷେତ୍ରରେ ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହନ ମିଳିବ। ତେବେ ଏହି ପାଣ୍ଠିରୁ ପ୍ରତ୍ୟକ୍ଷ ଭାବେ କୌଣସି ଉଦ୍ୟୋଗ କିମ୍ବା ଷ୍ଟାର୍ଟଅପ୍‌ରେ ଅର୍ଥ ନିବେଶ କରାଯିବ ନାହିଁ। ଏହାର ପରିଚାଳନା ପାଇଁ ଦୁଇସ୍ତରୀୟ ଫଣ୍ଡିଂ ସରଞ୍ଜନା ଗଠନ କରାଯାଇଛି। ସ୍ୱଚ୍ଛତା ପାଇଁ ଏହି ପନ୍ଥା ଆପଣା ଯାଇଛି। ପ୍ରଥମ ପର୍ଯ୍ୟାୟରେ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ) ଅଧୀନରେ ସ୍ପେସିଆଲ ପରପୋଜ ଫଣ୍ଡ (ଏସ୍‌ପିଏଫ) ପ୍ରତିଷ୍ଠା କରାଯିବ। ଏହା ଏକ ଲକ୍ଷ କୋଟି ଟଙ୍କାର କର୍ପସ ପାଣ୍ଠିର ସଂରକ୍ଷକ ହେବ। ଏହି ଏସ୍‌ପିଏଫ ଅନ୍ୟ ସ୍ତରର ଫଣ୍ଡ ମ୍ୟାନେଜରଙ୍କୁ ଟଙ୍କା ଉପଲବ୍ଧ କରାଇବ। ଏହି ଫଣ୍ଡ ମ୍ୟାନେଜର ମାନେ ହିଁ ନିବେଶ ପାଇଁ ସୁପାରିସ କରିପାରିବେ। ସେମାନେ ଏକ ନିବେଶ କମିଟି ମାଧ୍ୟମରେ ସୁପାରିସ ପଠାଇବେ। ଏଥିରେ ଆର୍ଥିକ, ବ୍ୟାବସାୟିକ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ବିଶେଷଜ୍ଞ ସାମିଲ ହେବେ। ପାଣ୍ଠିକୁ କେଉଁଠି ନିବେଶ କରାଯିବ ଏମାନେ ତାହାର ନିଷ୍ପତ୍ତି ନେବେ। ଏହାକୁ ରାଜନୈତିକ ଏବଂ ସରକାରୀ ଦଖଲରୁ ମୁକ୍ତ ରଖାଯିବ। ନବୋନ୍ମେଷ ସହ ଜଡ଼ିତ କମ୍ପାନୀ କିମ୍ବା ବ୍ୟକ୍ତିଙ୍କୁ ଏହାର ଲାଭ ମିଳିବ।

## ଜୁକରବର୍ଗଙ୍କୁ ପଛରେ ପକାଇ ୩ ଯୁବକ ହେଲେ ବିଶ୍ୱ ଅରବପତି

ନୂଆଦିଲ୍ଲୀ, ୩।୧୧ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଏବଂ ଆମେରିକାର ୨୨ ବର୍ଷୀୟ ତିନି ଯୁବକ ରେକର୍ଡ କରିଛନ୍ତି। ଏହି ତିନି ଜଣ ମେଟା ମାଲିକ ମାରକ ଜୁକରବର୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ମର୍କୋର କମ୍ପାନୀର ଏହି ତିନି ପ୍ରତିଷ୍ଠାତା ବିଶ୍ୱର ସବୁଠାରୁ ଯୁବ ଅରବପତି (ନିଜ ପ୍ରଚେଷ୍ଟା) ପାଲଟି ଯାଇଛନ୍ତି। ୨୦୦୮ରେ ୨୩ ବର୍ଷ ବୟସରେ ମାର୍କ ଜୁକରବର୍ଗ ଅରବପତି ତାଲିକାରେ ସାମିଲ ହୋଇଥିଲେ। କିନ୍ତୁ ଏବେ ଏଆଇ ନିଯୁକ୍ତି ଷ୍ଟାର୍ଟଅପ୍ 'ମର୍କୋର' ପ୍ରତିଷ୍ଠା କରିଥିବା ଉଚ୍ଚ ବିଦ୍ୟାଳୟର ତିନି ବନ୍ଧୁ ବ୍ରେଣ୍ଡନ ଫୁଡି, ଆଦର୍ଶ ହେରମଥ ଏବଂ ସୂର୍ଯ୍ୟା ମିଧା ଏହି ତାଲିକାରେ ସାମିଲ ହୋଇଛନ୍ତି। ଫୋର୍ବସର ରିପୋର୍ଟ ଅନୁଯାୟୀ, ସାନ୍ ଫ୍ରାନ୍‌ସିସ୍‌କୋ ସ୍ଥିତ ଏହି ଷ୍ଟାର୍ଟଅପ୍ ନିକଟରେ ୩୫ କୋଟି ଡଲାରର ପାଣ୍ଠି ସଂଗ୍ରହ କରିଥିଲା। ଏହା ଦ୍ୱାରା କମ୍ପାନୀର ମୂଲ୍ୟାଙ୍କନ ବଢ଼ି ୧୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହି ପାଣ୍ଠି ହାସଲ ପରେ ଏଆଇ କମ୍ପାନୀର ସିଇଓ ବ୍ରେଣ୍ଡନ ଫୁଡି, ଏହାର ଭାରତୀୟ ବଂଶୋଦ୍ଭବ ସିଟିଓ ଆଦର୍ଶ ହେରମଥ ଏବଂ ବୋର୍ଡ ଅଧ୍ୟକ୍ଷ ସୂର୍ଯ୍ୟା ମିଧା ବିଶ୍ୱର ସବୁଠାରୁ କମ୍ ବୟସ୍କ ଅରବପତି ହୋଇଛନ୍ତି। ଏହି କୃତିତ୍ୱ ହାସଲ କରିବାରେ ତାଙ୍କୁ କେହି ସହାୟତା କରି ନ ଥିଲେ। ନିଜ ପ୍ରଚେଷ୍ଟାରେ ଏହି ତିନି ଛାତ୍ର ଏତେ ବଡ଼ ସଫଳତା ହାସଲ କରିଛନ୍ତି।



## ୬୦୦ ଛାତ୍ରଛାତ୍ରୀଙ୍କୁ ସଶକ୍ତ କଲା ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର, ୩।୧୧ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ 'ପ୍ରୋଜେକ୍ଟ ବିଦ୍ୟା' ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ଗୁଣାତ୍ମକ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। କମ୍ପାନୀ ଲଖନପୁର ବ୍ଲକର ସରକାରୀ ସ୍କୁଲଗୁଡ଼ିକରେ ୯ମ ଏବଂ ୧୦ମ ଶ୍ରେଣୀର ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ପ୍ରକାଶିତ ସନ୍ଦର୍ଭ ପୁସ୍ତକ ବଣ୍ଟନ କରି ଶୈକ୍ଷିକ ସହାୟତା ପ୍ରଦାନ କରିଛି। ଏହି ପଦକ୍ଷେପ ବଞ୍ଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପିପଲିମାଲ ଉଚ୍ଚ ବିଦ୍ୟାଳୟ, ଖୈରକୁନି ଉଚ୍ଚ ବିଦ୍ୟାଳୟ, କୁରାଲୋଇ ଏବଂ ଲୁଆବାହାଲ ଉଚ୍ଚ ବିଦ୍ୟାଳୟ, ୟୁଜିଏଚଏସ ଝାରପାଲମ ଏବଂ ସରକାରୀ ୟୁଜିଏଚଏସ ଛତାବର ଛାତ୍ରଛାତ୍ରୀମାନଙ୍କୁ ଲାଭ ଦେଇଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଶିକ୍ଷା ହେଉଛି ପ୍ରଗତି ପାଇଁ ମୂଳଦୁଆ। କାରଣ ଏହା ବ୍ୟକ୍ତିବିଶେଷଙ୍କୁ ଚିନ୍ତା, ନବସୃଜନ କରିବାରେ ଏବଂ ଭବିଷ୍ୟତ ଗଠନ କରିବାରେ ସଶକ୍ତ କରିଥାଏ। ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପାଇବାକୁ ସୁନିଶ୍ଚିତ କରିବା ହେଉଛି ବେଦାନ୍ତର ଲକ୍ଷ୍ୟ। ଲଖନପୁରର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ବେଦାନ୍ତର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଆତ୍ମନିର୍ଭର ଭାରତକୁ ଶକ୍ତିଶାଳୀ କରିବ ଓଡ଼ିଶା ବକ୍ସାଇଟ୍



ଭୁବନେଶ୍ୱର, ୩।୧୧ (ସମିସ): ରାଜ୍ୟର ସମୃଦ୍ଧ ବକ୍ସାଇଟ୍ ଭଣ୍ଡାରକୁ ଖୋଲିବା ପାଇଁ ତୁରନ୍ତ, ନିର୍ଣ୍ଣାୟକ ଏବଂ ସମୟସୀମାବଦ୍ଧ ନୀତିଗତ ପଦକ୍ଷେପ ନେବାକୁ ପ୍ରମୁଖ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ସାମାଜିକ ପ୍ରବକ୍ତାମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହାକୁ ଆତ୍ମନିର୍ଭର ଏବଂ ବିକଶିତ ଭାରତ ଅଭିମୁଖ ଯାତ୍ରାରେ ହଜିଯାଇଥିବା ଲିଙ୍କ୍ ବୋଲି କହୁଛନ୍ତି। ଆଇଡେଂଟ ସାମାଜିକ କଲ୍ୟାଣ ସଂଗଠନ ଏବଂ ଫିଜିହା ଏକ ବିକାଶ ମଞ୍ଚ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏକ ଜାତୀୟ ୱେବିନାରରେ ଅଂଶଗ୍ରହଣକାରୀମାନେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କୁ ସମ୍ଭାବ୍ୟରୁ ଉତ୍ପାଦନ, ଦ୍ରୁତ-ଟ୍ରାକିଂ ବକ୍ସାଇଟ୍ ଖଣି କାର୍ଯ୍ୟକ୍ଷମତା ଏବଂ ଡାଉନଷ୍ଟ୍ରିମ୍ ବିକାଶ ଆଡ଼କୁ ନିର୍ଣ୍ଣାୟକ ଭାବରେ ଯିବାକୁ ଆହ୍ୱାନ କରିଛନ୍ତି। ରଣନୈତିକ ସଂସ୍କାର ଏବଂ ସହଯୋଗୀ କ୍ରିୟାନ୍ୱୟନ ସହିତ ବିଶ୍ୱ ଆଲୁମିନିୟମ୍‌ର ନେତୃତ୍ୱ ନେବାରେ ଭାରତକୁ ଓଡ଼ିଶା ବଳ ଯୋଗାଇବ। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଏହାର ସ୍ଥିତିକୁ ମଜବୁତ କରିପାରିବ। ଆତ୍ମନିର୍ଭର ଓ ବିକଶିତ ଭାରତ ଆଡକୁ ଦେଶର ଯାତ୍ରାକୁ ଶକ୍ତିଶାଳୀ କରିପାରିବ।

ଏହି ୱେବିନାରଟି ଆଇଡେଂଟର ସମ୍ପ୍ରତି ଉନ୍ମୋଚିତ ଶ୍ୱେତପତ୍ର 'ଓଡ଼ିଶାର ସମ୍ଭାବନାକୁ ଖଣି: ଆତ୍ମନିର୍ଭର ଭାରତ ଏବଂ ସମୃଦ୍ଧିକୁ ଭାରତର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି'କୁ ଅନୁସରଣ କରୁଛି। ଏହା ବକ୍ସାଇଟ୍, ଲୁହା ଖଣି ଏବଂ କୋଇଲାକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ପାଇଁ ରାଜ୍ୟର ସର୍ବଶ୍ରେଷ୍ଠ ରଣନୈତିକ ଲିଭର ଭାବରେ ଚିହ୍ନଟ କରିଛି। ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ଓଡ଼ିଶାର ବକ୍ସାଇଟ୍ ସମ୍ଭାବନାକୁ ଉନ୍ମୁକ୍ତ କରିବା କେବଳ ଏକ ଶିଳ୍ପ ଆବଶ୍ୟକତା ନୁହେଁ, ବରଂ ଅନ୍ତର୍ଭୁକ୍ତିମୂଳକ ସମୃଦ୍ଧିର ଏକ ପଥ ଯାହା ସ୍ଥାନୀୟ ଉଦ୍ୟୋଗିତା, ଡାଉନଷ୍ଟ୍ରିମ୍ ଉତ୍ପାଦନ ଏବଂ ସବୁଜ ଶିଳ୍ପ କ୍ଲଷ୍ଟର ମାଧ୍ୟମରେ ୨.୪ ନିୟୁତ ନିଯୁକ୍ତି ସୃଷ୍ଟି ଏବଂ ୧୦, ୦୦୦ ରୁ ଅଧିକ ଏମଏସଏମଇକୁ ସଶକ୍ତ କରିବାରେ ସକ୍ଷମ ହେବ। ସେମାନେ ସବୁଜ ଆଲୁମିନିୟମ ପାର୍କ ଏବଂ ମୂଲ୍ୟଯୁକ୍ତ କ୍ଲଷ୍ଟର ମାଧ୍ୟମରେ କଞ୍ଚାମାଲ ନିଷ୍କାସନରୁ ମୂଲ୍ୟ ସୃଷ୍ଟି ଆଡ଼କୁ ଦୃଷ୍ଟିକୋଣ ପରିବର୍ତ୍ତନନ କରିବାକୁ ଆହ୍ୱାନ କରିଥିଲେ। ଏହା ଦ୍ୱାରା ଭାରତର ଶିଳ୍ପ ସ୍ଥିରତା ଏବଂ ରପ୍ତାନୀ ପ୍ରତିଯୋଗିତାକୁ ସୁଦୃଢ଼ କରାଯାଇପାରିବ।

ଆଲୋଚନାରେ ଅଂଶଗ୍ରହଣ କରି ପୂର୍ବତନ ଅତିରିକ୍ତ ଖଣି ନିର୍ଦ୍ଦେଶକ ଡକ୍ଟର ଉମେଶ ଜେନା ସରକାରଙ୍କ ଆଲୁମିନିୟମ ଭିଜନ ଦ୍ୱାରା ପ୍ରଦର୍ଶିତ ଆଲୁମିନିୟମ ଚାହିଦା ପୂରଣ କରିବା ପାଇଁ ଓଡ଼ିଶାର ଖଣି କ୍ଷମତାକୁ ବିସ୍ତାର କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅଧିବେଶନଟି ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ ଭିଜନ ରୋଡମ୍ୟାପ୍ ଉପରେ କେନ୍ଦ୍ରିତ ହୋଇଥିଲା। ଏଥିରେ ଆଇଆଇଟି ଭୁବନେଶ୍ୱରର ଅର୍ଥନୀତିର ସହଯୋଗୀ ପ୍ରଫେସର ଡକ୍ଟର ଦୁଃଖବନ୍ଧୁ ସାହୁ, କୋରାପୁଟସ୍ଥିତ କେନ୍ଦ୍ରୀୟ ଓଡ଼ିଶା ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କପିଳା ଖେମୁଣ୍ଡୁ, ଶାନ୍ତି ଏବଂ ସଂଘର୍ଷ ଅଧ୍ୟୟନ ସୋସାଇଟିର ଉପାଧ୍ୟକ୍ଷ ଦେବ ମହାନ୍ତି, ଆଇଡେଣ୍ଟର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୀବ କୁମାର ପ୍ରମୁଖ ଅଭିଭାଷଣ ଦେଇ ଏହି କ୍ଷେତ୍ରରେ ଥିବା ଆହ୍ୱାନଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ।

## 'ବାଲିଯାତ୍ରା'କୁ ଆଲୋକିତ କଲା ଟିପିସିଓଡିଏଲ୍



ଭୁବନେଶ୍ୱର, ୩।୧୧ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) କଟକରେ ଆଗାମୀ ଐତିହାସିକ ବାଲିଯାତ୍ରା ମହୋତ୍ସବ ପାଇଁ ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ୫ ତାରିଖରୁ ୧୩୦ ଏକର ସ୍ଥାନରେ ଆରମ୍ଭ ବାଲିଯାତ୍ରା ମେଳା ପଡିଆକୁ ବିଦ୍ୟୁତିକରଣ କରିବା ସହିତ ୨୪ ଘଣ୍ଟା ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଇ ଦେବାକୁ ଟିପିସିଓଡିଏଲ ପ୍ରତିବଦ୍ଧ। ଚଳିତ ବର୍ଷ ଟିପିସିଓଡିଏଲ୍ ପକ୍ଷରୁ ଷ୍ଟଲ୍ ମାଲିକମାନଙ୍କ ପାଇଁ ପ୍ରାୟ ୧୦୦୦ ଅସ୍ଥାୟୀ ସଂଯୋଗ ଯୋଗାଇ ଦିଆଯାଇଛି। ୩ ମେଗାୱାଟର ଆନୁମାନିକ ଲୋଡ୍ ପୂରଣ କରିବା ପାଇଁ ୧୦,୦୦୦ କେଭିରୁ ଅଧିକ କ୍ଷମତାର ବିଦ୍ୟୁତ ଭିତ୍ତିଭୂମି ସ୍ଥାପନ କରାଯାଇଛି। ନିରାପଦ ଓ ଭରସାଯୋଗ୍ୟ ବିଦ୍ୟୁତ ସେବା ପ୍ରଦାନ ପାଇଁ ଟିପିସିଓଡିଏଲ୍‌ର ପ୍ରାୟ ୨୦୦ କର୍ମଚାରୀ ବାଲିଯାତ୍ରୀରେ ନିୟୋଜିତ ହୋଇଛନ୍ତି।

## ଗ୍ରାହକଙ୍କୁ ଜିଏସ୍‌ଟି ହ୍ରାସର ଲାଭ ଦେଲା ଆଇସିଆଇସିଆଇ ପ୍ରୁ ଲାଇଫ

ଭୁବନେଶ୍ୱର, ୩।୧୧ (ସମିସ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ଗ୍ରାହକଙ୍କୁ ଜିଏସ୍‌ଟି ହ୍ରାସର ସର୍ବୋତ୍ତମ ଲାଭ ପ୍ରଦାନ କରୁଛି। ଭାରତୀୟ ପରିବାର ପାଇଁ ବୀମା ମୂଲ୍ୟକୁ ହ୍ରାସ କରି ଅଧିକ ସୁଲଭ କରିଦିଆଯାଇଛି। ଭାରତ ସରକାର ବୀମା ଉପରୁ ଜିଏସ୍‌ଟି ହ୍ରାସ କରିବା ପରେ ଏହି ପଦକ୍ଷେପ ନିଆଯାଇଛି। ୧୮% ଜିଏସ୍‌ଟି ଉଚ୍ଛେଦ ଦ୍ୱାରା ଟର୍ମ ଇନ୍ସୁରାନ୍ସ ଏବଂ ଜୀବନବୀମା ଆହୁରି ଶସ୍ତା ହୋଇଯାଇଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କୋ.ଲିଃର ମୁଖ୍ୟ ଉତ୍ପାଦ ଅଧିକାରୀ, ବିକାଶ ଗୁପ୍ତା କହିଛନ୍ତି ଯେ 'ପ୍ରକୃତ ମୂଲ୍ୟ ଆମର ଗ୍ରାହକଙ୍କ ପାଇଁ ଯାହା ସଠିକ ତାହା କରିବାରେ ଅନ୍ତର୍ନିହିତ ରହିଛି। ଆମେ ଗ୍ରାହକଙ୍କୁ ଫେରସ୍ତ କରୁଥିବା ପ୍ରତ୍ୟେକ ସଞ୍ଚୟ ବିଶ୍ୱାସକୁ ସୁଦୃଢ କରୁଛି। ସମସ୍ତଙ୍କ ପାଖରେ ସୁଲଭ ମୂଲ୍ୟରେ ବୀମା ପହଞ୍ଚାଇବା ଏବଂ ବୀମା ମାଧ୍ୟମରେ ଗ୍ରାହକ ଏବଂ ତାଙ୍କ ପରିବାରର ଭବିଷ୍ୟତକୁ ସୁରକ୍ଷିତ ରଖିବା ଆମର ଉଦ୍ଦେଶ୍ୟ। ଏହି କ୍ଷେତ୍ରରେ ଟର୍ମ ଇନ୍‌ସୁରାନ୍ସ ଆଗରେ ରହିଛି।

### ଇପିଏଫ୍ ପେନସନର୍ସ ସଙ୍ଘର ପ୍ରତିଷ୍ଠା ଦିବସ ପାଳିତ

## ଦାବି ହାସଲ ପାଇଁ ଆନ୍ଦୋଳନ ତୀବ୍ରତର ହେବ




ଭୁବନେଶ୍ୱର,୩।୧୧(ସମିସ): ଅଲ୍ ଓଡ଼ିଶା ଇପିଏଫ ପେନ୍‌ସନର୍ସ ଆସୋସିଏସନ୍‌ର ୮ମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଇଂ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଉପଦେଷ୍ଟା ନଟବର ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମୁଖ୍ୟବକ୍ତା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ଜେନା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ବହୁଦିନ ହେବ ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ଲାଗୁ କରିବା ଦାବି ପ୍ରତି ଅଣଦେଖାକୁ ଆଉ ବରଦାସ୍ତ କରାଯାଇ ପାରିବ ନାହିଁ ବୋଲି ସଭାରେ ମତପ୍ରକାଶ ପାଇଥିଲା। ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ସହ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ କଦର୍ଥ କରି ଅନେକ ସଭ୍ୟଙ୍କୁ ଉପେକ୍ଷା କରିବା ଅତ୍ୟନ୍ତ ଦୁଃଖଦାୟକ। ଏଣୁ ଏହି ଦାବିକୁ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ତୀବ୍ରତର କରିବାକୁ ସହମତ ପ୍ରକାଶ ପାଇଥିଲା। ସର୍ବଭାରତୀୟ ସଂଗଠନମାନଙ୍କ ଦ୍ୱାରା ଆସନ୍ତା ଡିସେମ୍ବର ମାସ ୯ ଓ ୧୦ ତାରିଖରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଆୟୋଜିତ ସମାବେଶରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରତିନିଧିମାନେ ଯୋଗଦେବାକୁ ସମ୍ମତି ପ୍ରକାଶ ପାଇଥିଲା। ସଭାରେ ଜିଲ୍ଲାର ପ୍ରତିନିଧିମାନଙ୍କ ସହିତ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ରାଜ୍ୟ ନିଗମ କର୍ମଚାରୀ ମହାସଂଘ ସଭାପତି ସରୋଜ କାନ୍ତ ମଲ୍ଲିକ, ବିକ୍ରମ ଛୋଟରାୟ, ପ୍ରକାଶ କୁମାର ପଟ୍ଟନାୟକଙ୍କ ସମେତ ଶତାଧିକ ପ୍ରତିନିଧି ଯୋଗଦେଇଥିଲେ।

## ସଚେତନ କରୁଛି ଓଡ଼ିଶା ପୁଲିସର ୧୬ସାଇବର ରଥ

କଟକ, ୩।୧୧(ସମିସ): ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସର ୧୬ଟି ସାଇବର ରଥ ନିୟମିତ ଭାବେ ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ୧୩ଲକ୍ଷରୁ ଅଧିକ ସାଧାରଣ ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ଗତ ଅକ୍ଟୋବର ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୁଲିସ୍ ଜିଲ୍ଲା ସକ୍ରିୟ ଭାବେ ସାମିଲ ହୋଇ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସାଇବର୍ ସ୍ୱଚ୍ଛତା ଏବଂ ସୁରକ୍ଷିତ ଡିଜିଟାଲ୍ ବ୍ୟବହାର ଉପରେ ଶିକ୍ଷାନୁଷ୍ଠାନ ଏବଂ ସର୍ବସାଧାରଣ ସ୍ଥାନରେ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରାଯାଉଛି।

## ଏକତରଫା ପ୍ରେମରୁ ଯୁବତୀଙ୍କ ବେକ କାଟିଲା

ବାଲେଶ୍ୱର, ୩।୧୧(ସମିସ): ଏକତରଫା ପ୍ରେମକୁ କେନ୍ଦ୍ର କରି ଜଣେ ଯୁବତୀଙ୍କ ବେକ କାଟିଛି ଯୁବକ। ବାଲେଶ୍ୱର ଷ୍ଟେସନ୍ ଛକଠାରେ ଏହି ଘଟଣା ଘଟିଛି। ଗୁରୁତର ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସହଦେବଖୁଣ୍ଟା ପୁଲିସ ସଂପୃକ୍ତ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଛି। ସେ ହେଲା, କୋଲକାତା ବେଲଦା ଅଞ୍ଚଳର ସଞ୍ଜୟ ରଣା। ସେ ବାହାନଗା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ଆଜି ରାତିରେ ଯୁବତୀଜଣଙ୍କ ଷ୍ଟେସନ୍ ଛକରେ ଥିବା ବେଳେ ସଞ୍ଜୟ ଏକ ବ୍ଲେଡ୍‌ରେ ତାଙ୍କ ବେକକୁ କାଟି ଦେଇଥିଲା।

## ପଞ୍ଚଭୂତରେ ଲୀନ 'ରୁଚି' ପ୍ରତିଷ୍ଠାତା ଶରତ ସାହୁ

### ଶୋଭାଯାତ୍ରାରେ ସାମିଲ ହେଲେ ସହସ୍ରାଧିକ ଶୁଭେଚ୍ଛୁ





କଟକ, ୩।୧୧(ସମିସ): ବିଶିଷ୍ଟ ଉଦ୍ୟୋଗପତି ତଥା ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି। ଆଜି ଅପରାହ୍ଣରେ କଟକ କାଳିଆବୋଦାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ଶ୍ମଶାନରେ ମରଶରୀର ପହଞ୍ଚିବା ପରେ ସହସ୍ରାଧିକ ଲୋକ ସେଠାରେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶଶ୍ମାନରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଡ. ସାହୁଙ୍କ ପୁତ୍ର ଅରବିନ୍ଦ ସାହୁ ମୁଖାଗ୍ନି ଦେଇଥିଲେ।

ଆଜି ସକାଳେ ବିମାନ ଯୋଗେ ଶରତଙ୍କ ପାର୍ଥିବ ଶରୀର ମୁମ୍ବାଇରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ କାଜିଡ଼ିହସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ 'ରୁଚି' ଶିଳ୍ପାନୁଷ୍ଠାନ ପରିସର, ଲକ୍ଷେଶ୍ୱର ମନ୍ଦିର, ଗୁଣ୍ଡି ମନ୍ଦିର ଦେଇ ପାସ୍ତା ଭିଲେଜ ପ୍ରାଙ୍ଗଣରେ ରଖାଯାଇଥିଲା। ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ କଟକ ବିଧାୟକ ସୋଫିଆ ଫିର୍ଦ୍ଦୋସ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସକାଳର ସିଇଓ ସୁବ୍ରତ ଦାସ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ରୁଚି ପରିସରରୁ ନାମ ସଂକୀର୍ତ୍ତନ ସହିତ ଶୋଭାଯାତ୍ରା ତାଙ୍କ ଜନ୍ମସ୍ଥାନ ରାଣୀହାଟର ତେଲିସାହି, ସେକେଣ୍ଡାରୀ ବୋଡର୍ ହାଇସ୍କୁଲ, ସମାଜ କାର୍ଯ୍ୟାଳୟ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ଏବଂ ଓଡ଼ିଶା କବାଡ଼ି ଆସୋସିଏସନ୍‌ଠାରେ ପହଞ୍ଚିଥିଲା। ସେଠାରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଡ୍ରିମସ୍‌ର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପକ୍ଷରୁ ନିରାକାର ସାହୁ ଓ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ. ସାହୁଙ୍କ ଧର୍ମପତ୍ନୀ ସଙ୍ଗୀତା ସାହୁ, କନ୍ୟା ରଶ୍ମି ସାହୁ, ଜାମାତା ପ୍ରକାଶ ସାହୁ, ଭଗ୍ନୀପତି ପ୍ରଫୁଲ୍ଲ ଚୌଧୁରୀ, ପୁତ୍ରବଧୂ ସଲିନା ସାହୁ ଓ ପରିବାରବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଶେଷ ଦର୍ଶନ କରିଥିଲେ। 'ରୁଚି' ପରିବାର ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସହସ୍ରାଧିକ କର୍ମଚାରୀ ତାଙ୍କର ପ୍ରିୟ ପ୍ରତିଷ୍ଠାତା ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଅଶ୍ରୁଳ ବିଦାୟ ଜଣାଇଥିଲେ।

ସେହିପରି ଶିଳ୍ପୋଦ୍ୟୋଗୀ ଶରତ ସାହୁଙ୍କ ପରଲୋକ ଖବର ପାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଦିଲ୍ଲୀପ ତିର୍କୀ, ବିଶିଷ୍ଟ ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତ, କଟକ ମେୟର ସୁବାସ ସିଂହ, ପୂର୍ବତନ ଆର୍‌ଡିସି ଅନିଲ କୁମାର ସାମଲ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଓଡ଼ିଶା ଶିଳ୍ପସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଶିଳ୍ପୋଦ୍ୟୋଗୀ ସୁଶାନ୍ତ ପଣ୍ଡା, କ୍ୟାପେଟନ୍ ରାମେଶ୍ୱର ମହାପାତ୍ର, ମୃତ୍ୟୁଞ୍ଜୟ ସାମଲ, ବିପିନ ବିହାରୀ ରାଉତ, ଡ. ଅରୁନ୍ଧତୀ ଦେବୀ, ପ୍ରଶାସକ ମିହିର ପ୍ରସାଦ ମହାନ୍ତି, ବେଦବିତ୍ ବୀରେନ୍ଦ୍ର ପଣ୍ଡା, ଶିଳ୍ପୋଦ୍ୟୋଗୀ ସଂପାଦକ ଡ. ଶିବବ୍ରତ ରାଉତ, ବିଶିଷ୍ଟ ଉଦ୍ୟୋଗୀ ପ୍ରଶାନ୍ତ କର ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପ୍ରକାଶଥାଉକି, ଗତକାଲି ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଦିନ ୧୨ଟାରେ ୭୬ ବର୍ଷ ବୟସରେ ଡ. ସାହୁଙ୍କର ପରଲୋକ ଘଟିଥିଲା।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମହିଳାମାନେ ଘରକାମରେ ସମୟ ବିତାଇବେ।

**ବୃଷ:** ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୯ - ମାନବ କମ୍ପ୍ୟୁଟର ଶକୁନ୍ତଳା ଦେବୀଙ୍କ ଜନ୍ମ।
- ୧୯୪୭ - ମେଜର ସୋମନାଥ ଶର୍ମାଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଗଲା।
- ୧୯୫୪ - ଦାର୍ଜିଲିଂରେ ହିମାଳୟ ପର୍ବତାରୋହଣ ସଂସ୍ଥାନର ସ୍ଥାପନା।
- ୨୦୦୮ - ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।
- ୨୦୧୫ - ପାକିସ୍ତାନର ଲାହୋରରେ ଏକ କୋଠା ଭୁଶୁଡ଼ି ୪୫ ଜଣଙ୍କ ମୃତ୍ୟୁ ଓ ପାଖାପାଖି ୧୦୦ ଜଣ ଆହତ ହୋଇଥିଲେ।



## ‘ରାମାୟଣ’ ବିଭୀଷଣ ଭୂମିକାରେ ବିବେକ

ବଲିଉଡ୍‌ରେ ଏବେ ଫିଲ୍ମର କାହାଣୀ ଅପେକ୍ଷା ଏହାର ବଜେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ନୀତେଶ ତିୱାରୀଙ୍କ ଫିଲ୍ମ ‘ରାମାୟଣ’ ସମସ୍ତଙ୍କୁ ପଛରେ ପକାଇ ଦେଇଛି। ୪୦୦୦ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଫିଲ୍ମର ବଜେଟ୍ ସହ ଏହାର କଳାକାରଙ୍କୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରଣବୀର କପୁର, ସାଇପଲ୍ଲବୀ ଓ ଯଶ୍‌ଙ୍କ ବ୍ୟତୀତ ଏଥିରେ କାମ କରୁଥିବା ଅନ୍ୟ ଜଣେ କଳାକାରଙ୍କୁ ନେଇ ଚର୍ଚ୍ଚା ହେଉଛି। ଏହି ଫିଲ୍ମରେ ବିବେକ ଓବରୟ ବିଭୀଷଣ ଭୂମିକାରେ ନଜର ଆସିବେ। ସବୁଠୁ ବଡ଼ କଥା ହେଉଛି, ବିବେକ ଏହି ଫିଲ୍ମ ପାଇଁ ଟଙ୍କାଟିଏ ମଧ୍ୟ ନେବେ ନାହିଁ। ନିକଟରେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ବିବେକ କହିଛନ୍ତି ଯେ, ‘ରାମାୟଣ’ର ପ୍ରଯୋଜକ ନମିତ ମଲହୋତ୍ରାଙ୍କୁ ସେ କୌଣସି ପାରିଶ୍ରମିକ ନେବେ ନାହିଁ ବୋଲି କହିଥିଲେ। ଏହାସହ ସେ ତାଙ୍କର ପାରିଶ୍ରମିକ ବାବଦରେ ମିଳିବାକୁ ଥିବା ସମସ୍ତ ଅର୍ଥ କ୍ୟାନ୍ସର ପୀଡ଼ିତ ପିଲାଙ୍କ ପାଇଁ ଦାନ କରିବାକୁ ନମିତଙ୍କୁ କହିଛନ୍ତି। ବିବେକ ଆହୁରି ମଧ୍ୟ କହିଛନ୍ତି, ‘‘ରାମାୟଣ’ ଭାରତୀୟ ସିନେମାକୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯିବ। ଏଥିରେ କାମ କରି ବେଶ୍ ଭଲ ଲାଗିଲା।’ ‘ରାମାୟଣ’ର ଦୁଇଟି ପାର୍ଟ ୨୦୨୬ ଓ ୨୦୨୭ ଦୀପାବଳିରେ ଆସିବ।



## ସର୍ଫିଂରେ ବିଶ୍ୱ ରେକର୍ଡ

ସର୍ଫିଂ ଏକ ଦୁଃସାହିକ କ୍ରୀଡ଼ା ଭାବେ ଜଣାଯାଏ। ଏଥିରେ ଏକ ବୋର୍ଡ ଉପରେ ଛିଡ଼ା ହୋଇ ଲହଡ଼ିକୁ ଅତିକ୍ରମ କରିବାକୁ ହୋଇଥାଏ। ଏହା ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଛି। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଇବ ସର୍ଫିଂ କରିବାର ମଜା ସେତେ ବଢ଼ିଥାଏ। ଅବଶ୍ୟ ସର୍ଫିଂ ନିର୍ଦ୍ଦିଷ୍ଟ କେତେ ସମୟ ପାଇଁ ହିଁ କରାଯାଇଥାଏ। କାରଣ ଏଥିରେ ବିପଦ ମଧ୍ୟ ଥାଏ। ନିକଟରେ ଅଷ୍ଟ୍ରିଆର ଜଣେ ବ୍ୟକ୍ତି ଅବିରତ ଆଠ ଘଣ୍ଟା ଧରି ସର୍ଫିଂ କରି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍ସିମିଲିୟନ ନ୍ୟୁବକ୍ ନାମକ ବ୍ୟକ୍ତି ଏପରି ଦୁଃସାହିକ କାର୍ଯ୍ୟ କରି ଦେଖାଇଛନ୍ତି। ନ୍ୟୁବକ୍ ୮ ଘଣ୍ଟା ୫ ମିନିଟ୍ ୪୪ ସେକେଣ୍ଡ ପର୍ଯ୍ୟନ୍ତ ସର୍ଫିଂ କରିଥିଲେ। ଅଧିକ ସମୟ ଧରି ସର୍ଫିଂ କରିଥିବା ପୁରୁଷ ହିସାବରେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅତ୍ୟଧିକ ଥଣ୍ଡା ପରିବେଶରେ ବି ସେ ତାଙ୍କର ସର୍ଫିଂ ଜାରି ରଖିଥିଲେ। ଆଠଘଣ୍ଟା ପରେ ସେ କୂଳକୁ ଫେରିଥିଲେ।

## ସମୁଦ୍ରରୁ ପ୍ଲାଷ୍ଟିକ୍ କଣିକା ସଫା କରିବ ମାଛ

ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ବୈଶ୍ୱିକସ୍ତରରେ ଚିନ୍ତା ବଢ଼ାଉଛି। ସମୁଦ୍ରରେ ଲୋକେ ପ୍ରତିଦିନ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଫିଙ୍ଗୁଛନ୍ତି। ସମୁଦ୍ରର ପ୍ଲାଷ୍ଟିକ୍ ଆବର୍ଜନାକୁ ମୁକ୍ତ କରିବାକୁ ଚୀନ୍, ସିଚୁଆନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ମାଛ ବିକଶିତ କରିଛନ୍ତି। ଏହି ମାଛଟି ପ୍ରକୃତରେ ଏକ ରୋବଟ୍ ମାଛ। ସ୍ୱୟଂଚାଳିତ ଏହି ରୋବଟ୍ ମାଛଟି ସମୁଦ୍ର ପାଣିରେ ଭାସି ଭାସି ତା’ର ଶରୀରରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାକୁ ଶୋଷିନେବ। ମାଛଟି ମାତ୍ର ୧୩ ମିଲିମିଟର ଲମ୍ବା। ଏହା ତା’ର ଲାଞ୍ଜରେ ଲଗାଯାଇଥିବା ଲେଜର ପ୍ରଣାଳୀ ସାହାଯ୍ୟରେ ପାଖାପାଖି ୩୦ ମିଲିମିଟର ପ୍ରତି ସେକେଣ୍ଡ ଗତିରେ ପହଁରିପାରେ। ରୋବୋଟ୍ ମାଛକୁ ଏପରି ତିଆରି କରାଯାଇଛି ଯେ, ଏହା ୫ କେଜି ଓଜନର ଜିନିଷକୁ ବି ଟାଣିପାରେ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ମାଛଟି ଭବିଷ୍ୟତରେ ସମୁଦ୍ରଗୁଡ଼ିକରୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ସହଜରେ ସଫା କରିପାରିବ। ଯଦି ପାଣି ଭିତରେ ଏହି ରୋବଟ୍ ମାଛଟି କୌଣସି କାରଣବଶତଃ କ୍ଷତିଗ୍ରସ୍ତ ହୁଏ ତାହେଲେ ଏହା ନିଜକୁ ଠିକ୍ ମଧ୍ୟ କରିପାରିବ। ବର୍ତ୍ତମାନ ଏହା ପ୍ରାରମ୍ଭିକ ସ୍ତରରେ ଅଛି। ଏହା ପ୍ରସ୍ତୁତ ହେବା ପରେ ରୋବଟ୍ ମାଛକୁ ସାଗର ଓ ମହାସାଗରରୁ ମାଇକ୍ରୋପ୍ଲାଷ୍ଟିକ୍ ସଫା କରିବାକୁ ବ୍ୟବହାର କରାଯାଇପାରିବ।



## ଲ୍ୟାଣ୍ଡରୋଭର ଗାଁ


ପ୍ରତ୍ୟେକ ଗାଁ’ର ପରମ୍ପରା ଓ ସଂସ୍କୃତି ଭିନ୍ନ ଭିନ୍ନ ହୋଇଥାଏ। ତନ୍ମଧ୍ୟରୁ କିଛି ଗାଁ ନିଜର ସ୍ୱତନ୍ତ୍ରତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏମିତି ଏକ ଗାଁ ହେଉଛି ପଶ୍ଚିମବଙ୍ଗର ମାନେଭଞ୍ଜ୍ୟାଙ୍ଗ। ଏହି ଗାଁଟି ଭାରତ ଓ ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହା ଦାର୍ଜିଲିଂରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ମାନେଭଞ୍ଜ୍ୟାଙ୍ଗ ଗାଁର ସ୍ୱତନ୍ତ୍ରତା ହେଉଛି ଦୀର୍ଘ ୭୦ ବର୍ଷରୁ ଅଧିକ ସମୟ ହେବ ଏଠାକାର ଲୋକଙ୍କ ଜୀବନରେ ଲ୍ୟାଣ୍ଡରୋଭର ଏକ ଅଂଶ ପାଲଟିଯାଇଛି। ଏଠାକାର ଲୋକେ ଟ୍ୟାକ୍ସି ଭଳି ଏହାକୁ ବ୍ୟବହାର କରନ୍ତି। ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ଏହି ଗାଡ଼ି ଠିଆ ହୋଇଥିବାର ଦେଖିବାକୁ ମିଳିବ। ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ଏହି ଗାଡ଼ି ଏଠାକୁ ଆଣିଥିଲେ। ଦେଶ ସ୍ୱାଧୀନ ହେବା ପରେ ଇଂରେଜମାନେ ଏହି ଗାଡ଼ିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଦେଇ ଯାଇଥିଲେ। ଅପରପକ୍ଷରେ ଏହି ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏଠାରେ ଆଧୁନିକ ଯାନବାହନ ଚଳାଚଳ ସମ୍ଭବ ନୁହେଁ। ତେଣୁ ପାହାଡ଼ିଆ ରାସ୍ତା ପାଇଁ ଲ୍ୟାଣ୍ଡରୋଭର ବାହନ ଏକ ସାଧନ। ଯଦି ଏବେ ଏହି ଗାଡ଼ିଗୁଡ଼ିକୁ ନିଲାମ କରାଯାଏ ଏହା ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇପାରିବ। ଏହା ଆଜି ବି ସ୍ଥାନୀୟ ଲୋକଙ୍କର ସଂସ୍କୃତି ଏବଂ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ।






## ଆଳୁର ସହଫସଲ

**ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଧାନ ଚାଷ ସହିତ ପନିପରିବା ଯଥା ଆଳୁ ଚାଷ କରୁଛନ୍ତି। ଆଳୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଧିକ ଉର୍ବରଯୁକ୍ତ ମାଟିରେ ଏହି ଚାଷ ଭଲ ହୋଇଥାଏ। ଅଧୁନା ଚାଷୀଭାଇମାନେ ଆଳୁ ଫସଲ ସହିତ ସହଫସଲ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରୁଛି।**



ଚାଷୀମାନେ ଆଳୁ ସହିତ ମୂଳା, ଗାଜର, ଶାଗ, ଶାଲଗମ ଆଦି ଚାଷ କରୁଛନ୍ତି। ଏଥିପାଇଁ ପ୍ରଥମେ ଜମିକୁ ତିନିରୁ ଚାରିଥର ଗଭୀର ଚାଷ କରାଯାଏ। ଏହାପରେ ସିଆର କରି ଖତ ଓ ରାସାୟନିକ ସାର ଦେଇ ଆଳୁ ଲଗାଯାଏ। ସମାନ ସମୟରେ ସଠିକ ଦୂରତ୍ୱ ଏବଂ ଗଭୀର ଅବଲମ୍ବନ କରି ମୂଳା, ଗାଜର ଓ ଶାଗ ଆଦି ଲଗାଇ ପାରିବେ। ଏହି ଫସଲ ଆଳୁ ଫସଲକୁ ପ୍ରଭାବିତ କରେ ନାହିଁ।

**ଆଳୁ ପଟାଳିରେ ଧନିଆ ଚାଷ:** ଆଳୁ ପଟାଳି ଚାରିପାଖରେ ଧନିଆ ଲଗାଇବା ଉତ୍ତମ ବିକଳ୍ପ। ଧନିଆ ପତ୍ର ଓ ମଞ୍ଜି ବିକ୍ରି କରି ଚାଷୀ ଲାଭ ପାଆନ୍ତି। ପଟାଳିରେ ଧନିଆ ଲଗାଇଲେ ଏହାର ସୁଗନ୍ଧରେ ବୁଲା ପ୍ରାଣୀଙ୍କ କବଳରୁ ଫସଲକୁ ସୁରକ୍ଷା ମିଳିପାରେ। ଏହା ପ୍ରାକୃତିକ ବାଡ଼ ପରି କାମ କରେ। ଶ୍ରମ ଲାଘବ ସହିତ ଖର୍ଚ୍ଚ କମ୍ ହୁଏ।

ଏହି ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରଶକ୍ତି ବଢ଼େ। ମୂଳା, ଗାଜର ଏବଂ ଶାଗ ଚାଷ ଦ୍ୱାରା ମାଟିରେ ବାୟୁଚଳାଚଳ ସହଜ ହୋଇପାରେ। ଧନିଆଗଛ ମାଟିର ପୋଷକତତ୍ତ୍ୱ ଉପଯୋଗରେ ବିବିଧତା ଆଣେ। ମାଟିର ଉର୍ବରତା ବଜାୟ ରହେ। ସହଫସଲ ଫସଲ ବୀମା ପରି ସାହାଯ୍ୟ କରେ। କୌଣସି କାରଣବଶତଃ ଆଳୁ ଫସଲ ନଷ୍ଟ ହେଲେ, ଚାଷୀ ମୂଳା, ଗାଜର ଏବଂ ଧଣିଆ ବିକ୍ରି କରି ଲାଭ ପାଇପାରନ୍ତି।

## ଚାକିରି ଛାଡ଼ି ...

**ଆମେରିକା, କାଲିଫର୍ଣ୍ଣିଆର ସିଲିକନ୍ ଭ୍ୟାଲିରେ ସେମାନେ ଚାକିରି କରୁଥିଲେ। ମାସକୁ ଲକ୍ଷାଧିକ ଟଙ୍କା ଥିଲା ତାଙ୍କର ଦରମା। ନିଜ ଭିଟାମାଟିରେ ଜୈବିକ ଚାଷ କରିବାକୁ ସେମାନେ ଭାରତ ଫେରି ଆସିଲେ। ଗୁଜୁରାଟ, ନଡ଼ିୟାଦ ସହରର ବିବେକ ଶାହ ଏବଂ ତାଙ୍କ ପତ୍ନୀ ବୃନ୍ଦା ଶାହ ଏବେ ବିଭିନ୍ନ ଚାଷ ସହିତ ଲୋକଙ୍କୁ ଚାଷ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି।**

ଏହି ଦମ୍ପତିଙ୍କର ୧୦ ଏକର ଜମି ରହିଛି। ଜୈବିକ ଚାଷ କରିବାକୁ ଚିନ୍ତା କରି ପ୍ରଥମେ ସେମାନେ କୃଷି ସମ୍ପର୍କିତ କୋର୍ସ କରିଲେ। କୋର୍ସ ଶେଷ କରି ଜମିରେ ବାଜରା, ଗହମ, ଆଳୁ, କଦଳୀ, ଅମୃତଭଣ୍ଡା, ଜାମୁକୋଳି, ଧଣିଆ ଚାଷ ଆରମ୍ଭ କରିଥିଲେ। ଫସଲରେ ପାଣିର ଅଭାବ ଦୂର କରିବାକୁ ଜମିରେ ପୋଖରୀ ଖୋଳିଛନ୍ତି। ପୋଖରୀ ହୁଡାରେ ମଧ୍ୟ ସେମାନେ କିଛି ଗଛ ଲଗାଇଛନ୍ତି। ୨୦ ହଜାର ଲିଟରର ଜଳ ଅମଳ ପ୍ରଣାଳୀ ରହିଛି। ଫଳରେ ଜମିରେ ଦୀର୍ଘ ସମୟ ଧରି ଜଳ ଯୋଗାଣର ସମସ୍ୟା ରହୁନାହିଁ। ଫସଲରେ ରୋଗପୋକ ଦୂର ପାଇଁ ଅନ୍ତଃଫସଲ ଏବଂ ବିବିଧ ଫସଲ କୌଶଳକୁ ଆପଣାଇଛନ୍ତି। ଚାଷରେ ଜୈବିକ ଖତ ବ୍ୟବହାର କରନ୍ତି। ତୁଳସୀ ଏବଂ ଲେମନଗ୍ରାସ୍ ଚାଷରୁ ମଧ୍ୟ ସେମାନେ ଲାଭ ପାଉଛନ୍ତି। ମିଶ୍ରିତ ଚାଷରୁ ସେମାନଙ୍କ ଆୟ କେବଳ ବୃଦ୍ଧି ପାଇଛି ତାହା ନୁହେଁ, ସେମାନେ ଲୋକଙ୍କୁ ରୋଷେଇଶାଳା ବଗିଚା ବିଷୟରେ ଜ୍ଞାନ ମଧ୍ୟ ବାଣ୍ଟୁଛନ୍ତି।



## ବାଦାମ ଅମଳଯନ୍ତ୍ର



ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ପନିପରିବା ସହିତ ବାଦାମ ଚାଷ କରିଥାନ୍ତି। ଯେଉଁମାନେ ଖରିଫ ଋତୁରେ ବାଦାମ ଚାଷ କରିଥିଲେ, ଏବେ ବାଦାମର ଅମଳ ସମୟ। ତେବେ ବାଦାମ ଚାଷରେ ସବୁଠୁ କଠିନ କାମ ହେଉଛି, ଗଛରୁ ମଞ୍ଜିକୁ ଅଲଗା କରିବା। ଏହି କାମ ମୁଖ୍ୟତଃ ଚାଷୀମାନେ ହାତରେ କରିଥାନ୍ତି। ଏଥିରେ ଅଧିକ ଶ୍ରମ ଦରକାର ପଡ଼େ। ଆଙ୍ଗୁଠି ଉପରେ ଚାପ ପଡ଼େ। ତେଣୁ କମ୍ ସମୟ ଓ ସୁବିଧାରେ ଅଧିକ ଅମଳ କରିବାକୁ ଏବେ ବାଦାମର ଅମଳ ଯନ୍ତ୍ର (ଥ୍ରେସର), ଉପଲବ୍ଧ ରହିଛି। ଏହା ବିଦ୍ୟୁତ, ଟ୍ରାକ୍ଟର କିମ୍ବା ପାୱାରଟିଲର ଦ୍ୱାରା ପରିଚାଳିତ ହୋଇଥାଏ। ଏହି ବାଦାମ ଅମଳ ଯନ୍ତ୍ରଟିରେ ଗୋଟିଏ କଣ୍ଟାଯୁକ୍ତ ଅବତଳ ରହିଥାଏ। ଅବତଳଟି ଘୂରିବା ସମୟରେ ବାଦାମର ଗଛରୁ ବାଦାମକୁ ଅଲଗା କରିଥାଏ। ତା ସହିତ ବାଦାମକୁ ସଫା କରି ସଂଗ୍ରହ କରାଯାଇଥାଏ। ତେବେ ଖୁସିର କଥା, ଓୟୁଏଟିରେ ଧାନ ଓ ବାଦାମ ଅମଳ ପାଇଁ ସୌରଚାଳିତ ଅମଳଯନ୍ତ୍ର ଉଦ୍ଭାବନ କରାଯାଇଛି। ଚାଷୀମାନେ ପ୍ରତି ବ୍ଲକ୍‌ରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରି ଏହି ଯନ୍ତ୍ର ବିଷୟରେ ସବିଶେଷ ଜ୍ଞାନ ପାଇପାରିବେ। ଏହାସହ ସେମାନେ ସବସିଡ୍ ମୂଲ୍ୟରେ ଯନ୍ତ୍ରଟି କିଣି ପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ଶୁଖିଲା ପାଗ ଦେଖି ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ଓ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଉଚ୍ଚ –ମଧ୍ୟମ ଜମିରେ ମାଟିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ, ରାଶି ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ମକାର ଉପର ଚୋପା ହଳଦିଆରୁ ବାଦାମି ରଙ୍ଗର ହୋଇ ଶୁଖିବା ପରେ ଅମଳ କରନ୍ତୁ।
- ଆଖୁରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କୁକୁଡ଼ାଙ୍କୁ ମାରେକ୍ସ ରୋଗ



ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ପାଳନ କରୁଛନ୍ତି। କୁକୁଡା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। କାରଣ ବିଭିନ୍ନ ସମୟରେ କୁକୁଡ଼ାଙ୍କୁ ହେଉଥିବା ରୋଗ ଦ୍ୱାରା ଚାଷୀଭାଇଙ୍କୁ କ୍ଷତି ସହିବାକୁ ପଡ଼ିପାରେ। ତେବେ କୁକୁଡ଼ାଙ୍କୁ ମାରେକ୍ସ ରୋଗ ହେଲେ, ସେମାନଙ୍କଠାରେ ପକ୍ଷାଘାତ ଭଳି ଲକ୍ଷଣ ଦେଖାଯାଏ। କୁକୁଡ଼ା ଡେଣା, ଗୋଡ ମେଲାଇ ପଡ଼ିଯାଆନ୍ତି। ସେମାନେ ମୃତ୍ୟୁ ବରଣ କରନ୍ତି। ଏହା ଏକ ଭୂତାଣୁ ଜନିତ ରୋଗ। ରୋଗାକ୍ରାନ୍ତ କୁକୁଡାଠାରୁ ଅନ୍ୟ କୁକୁଡ଼ାଙ୍କୁ ଏହା ସହଜରେ ବ୍ୟାପିପାରେ। ବିଶେଷ କରି ଏହି ରୋଗର ନିର୍ଦ୍ଦିଷ୍ଟ ଉପଚାର ନାହିଁ। କେବଳ ଟିକାକରଣ ସୁବିଧା ରହିଛି। ତେଣୁ ଫାର୍ମରେ ଦିନିକିଆ ଚିଆଁଙ୍କୁ ସକାଳେ କିମ୍ବା ସନ୍ଧ୍ୟାରେ ଟିକା ଦିଆଯାଇଥାଏ। ଏହାକୁ ଚିଆଁଟିର ମୁଣ୍ଡର ଚର୍ମତଳେ ୦.୨ ମିଲି ମାତ୍ରାରେ ଦିଆଯାଇଥାଏ। ସାଧାରଣତଃ ଏହି ଟିକା ଫାର୍ମରେ ଦିଆଯାଇଥାଏ। ଯଦି ଫାର୍ମରେ ଟିକା ଦିଆଯାଇନଥାଏ, ଚାଷୀଭାଇ ନିଜେ ଟିକାକରଣ କରିପାରିବେ। କୁକୁଡାଙ୍କୁ ଏହା ଜୀବନବ୍ୟାପି ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ।

# ବିଶ୍ୱବିଜୟିନୀଙ୍କୁ ୫୧ କୋଟି ପୁରସ୍କାର

ନୂଆଦିଲ୍ଲୀ,୩।୧୧(ଏଜେନ୍ସି)

ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହୋଇଛି। ମହିଳା କ୍ରିକେଟର ଯେ କୌଣସି ଫର୍ମାଟ କିମ୍ବା ଆଇସିସି ଦ୍ୱାରା ଖେଳାଯାଉଥିବା ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ଏହା ଭାରତର ପ୍ରଥମ ଟାଇଟଲ। ଏହି ଟାଇଟଲ ଜିତିବାରେ କେବଳ ଭାରତୀୟ କ୍ରିକେଟ ଖେଳାଳି କିମ୍ବା କର୍ମକର୍ତ୍ତା ନୁହଁନ୍ତି, ବରଂ କ୍ରୀଡ଼ାପ୍ରେମୀ ଭାରତୀୟ ଖୁସି ହେବା ସହ ଗର୍ବ ଅନୁଭବ କରୁଛନ୍ତି। ଖେଳାଳିମାନେ ଯେପରି ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ଦେଶବାସୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ଭାରତୀୟ ମହିଳାଙ୍କ ଏହି ଉତ୍ଥାନରେ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଐତିହାସିକ, ଯୁଗାନ୍ତକାରୀ, ସୁଦୂରପ୍ରସାରୀ ଓ ସ୍ମରଣୀୟ ସଫଳତା ଲାଗି ଭାରତୀୟ କ୍ରିକେଟ ଦଳକୁ ବିଶ୍ୱର ବିତ୍ତଶାଳୀ କ୍ରିକେଟ ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୫୧ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏ ସମ୍ପର୍କରେ ଘୋଷଣା କରି କହନ୍ତି, ଏହି ପୁରସ୍କାର ରାଶି ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ସିଲେକ୍ଟରଙ୍କୁ ଦିଆଯିବ। କିଏ କେତେ ଟଙ୍କା ପାଇବେ ତାହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ଖେଳାଳି ୨.୫ରୁ ୩ କୋଟି ଓ ସପୋର୍ଟ ଷ୍ଟାଫ୍ ୨୫ରୁ ୩୦ ଲକ୍ଷ ଲେଖାଏଁ ଟଙ୍କା ପାଇବେ ବୋଲି ଆକଳନ କରାଯାଉଛି। କ୍ରିକେଟ ଖେଳର ଉନ୍ନତି ଲାଗି ବିସିସିଆଇ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ସେ କହିଛନ୍ତି। ପୂର୍ବରୁ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ମ୍ୟାଚ୍ ଫି ଦେବାକୁ ପୂର୍ବତନ ସମ୍ପାଦକ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ପୁରସ୍କାର ଦେବାକୁ ସେ ଯେଉଁ ଘୋଷଣା କରିଥିଲେ ତାହା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଫଳିତ ହୋଇଛି।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଏଥର ପୁରସ୍କାର ରାଶିକୁ ୧୩.୮୮ ନିୟୁତ ଡଲାର ବା ପାଖାପାଖି ୧୨୩ କୋଟିକୁ ବୃଦ୍ଧି କରାଯାଇଛି। ଯାହାକି ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୨୦୨୨ ବିଶ୍ୱକପ୍‌ଠାରୁ ପାଖାପାଖି ୪ ଗୁଣା ଅଧିକ। ଏହି ରାଶି ମଧ୍ୟ ୨୦୨୩ ପୁରୁଷ ବିଶ୍ୱକପ୍ ରାଶିଠାରୁ ଅଧିକ। ୨୦୨୩ ପୁରୁଷ ବିଶ୍ୱକପ୍‌ରେ ୧୦ ନିୟୁତ ଡଲାର ବା ପାଖାପାଖି ୮୯ କୋଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ରାଶି ବୃଦ୍ଧି ହେବା ଫଳରେ ଏଥର ଚାମ୍ପିଅନ ଭାରତକୁ ପାଖାପାଖି ୪୦ କୋଟି ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକାକୁ ୨୦ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ଏଥର ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ପାଖାପାଖି ୧୦ କୋଟି ଲେଖାଏଁ ଟଙ୍କା ମିଳିଛି। ୨୦୨୨ରେ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୧୨ କୋଟି ଟଙ୍କା ମିଳିଥିଲା। ଏଣୁ ଏଥର ପୁରସ୍କାର ରାଶି କେତେ ପରିମାଣରେ ବୃଦ୍ଧି ପାଇଛି ତାହା ଏଥିରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଗତକାଲି ବା ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଚାମ୍ପିଅନ ହୋଇଥିଲା। ୧୩ତମ ସଂସ୍କରଣ ପରେ ଭାରତ ତୃତୀୟଥର ଫାଇନାଲରେ ପ୍ରବେଶ କରି ପ୍ରଥମଥର ଟାଇଟଲ ଜିତିଥିଲା। ଫାଇନାଲରେ ଶେଫାଳି ବର୍ମା ୮୭ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟତମ ଖେଳାଳି ଦୀପ୍ତି ଶର୍ମା ୫୮ ରନ୍ କରିବା ସହ ୫ଟି ୱିକେଟ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଦୀପ୍ତି ଶର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଆଇସିସି ଓ ବିସିସିଆଇ ବ୍ୟତୀତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଛି। ଦଳର ଫାଷ୍ଟ ବୋଲର ରେଣୁକା ସିଂଙ୍କୁ ତାଙ୍କ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରେଣୁକାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସେହିପରି ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜ ରାଜ୍ୟର ଖେଳାଳି ତଥା ଅନ୍ୟତମ ଫାଷ୍ଟ ବୋଲର କ୍ରାନ୍ତି ଗୌଡାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି।



## ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଖେଳାଳି

ବିଶ୍ୱବିଜୟିନୀ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ ବୁଧବାର ବା ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ପିଏମ୍‌ଓ ବା ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ବିସିସିଆଇକୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱକପ୍ ଜିତିବା ପରେ ଖେଳାଳିମାନେ ଏବେ ମୁମ୍ବଇରେ ଅବସ୍ଥାନ କରୁଛନ୍ତି। ସେମାନେ ଆସନ୍ତାକାଲି ବା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବେ ବୋଲି ଆଶା କରାଯାଇଛି। ମଙ୍ଗବାର ସେମାନେ ଦିଲ୍ଲୀରେ ରହିବେ ଓ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ସ୍ଥିର ହୋଇଛି। ଏହା ପରେ ଖେଳାଳିମାନେ ନିଜ ନିଜ ରାଜ୍ୟକୁ ଫେରିଯିବେ। ଏହା ମଧ୍ୟରେ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ବିବାହ ଏହା ମଧ୍ୟରେ ଅନୁଷ୍ଠିତ ହେବ। ସେ ନଭେମ୍ବର ୨୦ରେ ମଧ୍ୟପ୍ରଦେଶ ଇନ୍ଦୋରର ସଂଗୀତଜ୍ଞ ପଲାଶଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ।

### ଅମୋଲ୍ ମଜୁମ୍‌ଦାର

## କୌର ବାହିନୀଙ୍କ ଦ୍ରୋଣାଚାର୍ଯ୍ୟ

ମୁମ୍ବଇ : ଭାରତ ପକ୍ଷରୁ କେବେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। କେବଳ ଘରୋଇ କ୍ରିକେଟ୍‌ରେ ସୀମିତ ରହିଯାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୧୭୧ ଓ ଲିଷ୍ଟ-ଏ'ରେ ୧୧୩ ମ୍ୟାଚ୍ ଖେଳିବାର ରହିଥିଲା ଅଭିଜ୍ଞତା। ଜୀବନରେ ଭାରତୀୟ ଦଳର ନୀଳ ଜର୍ସି ପରିଧାନ କରିବାର ସ୍ୱପ୍ନ ଅଧୁରା ରହିଯାଇଥିଲେ ମଧ୍ୟ ଏବେ ସେ ପାଲଟିଯାଇଛନ୍ତି ଜାତୀୟ ହିରୋ। ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସର୍ବପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇ ରାତାରାତି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଅମୋଲ୍ ମଜୁମ୍‌ଦାର। ଗତକାଲି ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଦଳକୁ ଏହି ବିଶ୍ୱବିଜୟିନୀ ଟୀକା ପିନ୍ଧାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୁଖ୍ୟ ପ୍ରଶିକ୍ଷକ ୫୦ ବର୍ଷୀୟ ଅମୋଲ୍। ତାଙ୍କୁ ଏବେ 'ଗୁରୁଦ୍ରୋଣ' ଭାବେ ଆଖ୍ୟା ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଅମୋଲ୍‌ଙ୍କୁ ବଲିଉଡ୍ ଫିଲ୍ମ 'ଚକ୍ ଦେ ଇଣ୍ଡିଆ'ର ହକି କୋଚ୍ କବୀର ଖାନଙ୍କ ସହ ତୁଳନା କରାଯାଇଛି।



ଭାରତ ଚାମ୍ପିଅନ ହେବାପରେ ଅଧିନାୟିକା ହରମନପ୍ରୀତ୍ କୌର ପଡ଼ିଆ ମଧ୍ୟରେ ଅମୋଲ୍‌ଙ୍କ ପାଦ ଛୁଇଁ ଭାବବିହ୍ୱଳ ହୋଇ କାନ୍ଦି ପକାଇବାର ଦୃଶ୍ୟ କ୍ରିକେଟପ୍ରେମୀଙ୍କ ଆଖିରେ ଲୁହ ଆଣିଦେଇଥିଲା।

ମୁମ୍ବଇ ଜନ୍ମିତ ଅମୋଲ୍ ପ୍ରଥମଶ୍ରେଣୀରେ ୩୦ ଶତକ ସହ ୧୧,୧୬୭ ରନ ଓ ଲିଷ୍ଟ-ଏ'ରେ ୩୨୮୬ ରନ ସଂଗ୍ରହ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ଜଣେ ଦକ୍ଷ ବ୍ୟାଟର୍ ଭାବେ ବିବେଚିତ ହେଉଥିଲେ। କିନ୍ତୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କ ଭଳି ମହାନ ବ୍ୟାଟର୍‌ଙ୍କ ସମୟରେ ଖେଳିବା ତାଙ୍କ ପାଇଁ ଅଭିଶପ୍ତ ସଦୃଶ ହୋଇଥିଲା। ଯେଉଁଥି ପାଇଁ ଘରୋଇ କ୍ରିକେଟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ସେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ପାଇପାରି ନ ଥିଲେ। କିନ୍ତୁ ଅବସର ପରେ କୋଚ୍ ଭାବେ ସେ ଯେଉଁ ସଫଳତା ଏବେ ପାଇଛନ୍ତି ତାହା ତାଙ୍କର ଭାରତୀୟ ଦଳରୁ ଖେଳି ନ ପାରିବାର ଅଧୁରା ସ୍ୱପ୍ନକୁ ପୂରଣ କରିପାରିଥିବା କୁହାଯାଉଛି।

## ହୀରା ଗହଣା ଓ ସୋଲାର ପ୍ୟାନେଲ ଦେବେ ଶିଳ୍ପପତି

ଗୁଜରାଟର ରାଜ୍ୟସଭା ସାଂସଦ ତଥା ହୀରା ବ୍ୟବସାୟୀ ଗୋବିନ୍ଦ ଢ଼ୋଲକିଆ ଚାମ୍ପିଅନ ଭାରତୀୟ ଖେଳାଳିମାନଙ୍କୁ ହୀରା ଖଚିତ ଗହଣା ଓ ସେମାନଙ୍କ ଘରେ ସୋଲାର ପ୍ୟାନେଲ ଲଗାଇବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ଚିଠି ଲେଖି ଏହି ପ୍ରସ୍ତାବ ଦେଇଛନ୍ତି। ବିସିସିଆଇ ମଧ୍ୟ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିଛି ଓ ଏକ ଶୁଭଦିନ ଦେଖି ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶୁକ୍ଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବ୍ୟାଟିଂରେ ଲୌରାଙ୍କ ବିଶ୍ୱରେକର୍ଡ

ନଭି ମୁମ୍ବଇ : ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ବିଜୟୀ ହୋଇପାରି ନ ଥିଲେ ମଧ୍ୟ ଦଳର ଅଧିନାୟିକା ଲୌରା ୱଲଭର୍ଟଙ୍କ ପାଇଁ ଏହି ସଂସ୍କରଣ ସ୍ମରଣୀୟ ହୋଇରହିବ। ଲୌରା ଏହି ବିଶ୍ୱକପ୍‌ରେ ୯ ମ୍ୟାଚ୍ ଖେଳି ୨ ଶତକ ଓ ୩ ଅର୍ଦ୍ଧଶତକ ସହ ୭୧ରୁ ଊର୍ଦ୍ଧ୍ୱ ହାରରେ ୫୭୧ ରନ ସଂଗ୍ରହ କରିଥିଲେ। ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆଲିସା ହେଲୀ ୫୦୫ ରନ କରିଥିଲେ। ସେହିଭଳି ଏହି ବିଶ୍ୱକପ୍‌ରେ ଲୌରା ଟପ୍ ସ୍କୋରର୍ ରହିଥିଲେ। ତାଙ୍କ ପଛକୁ ଭାରତର ସ୍ମୃତି ମନ୍ଧାନା (୪୩୪ ରନ), ଅଷ୍ଟ୍ରେଲିଆର ଆସଲେ ଗାର୍ଡନର (୩୨୮), ପ୍ରତୀକା ରାୱଲ (୩୦୮) ଓ ଦକ୍ଷିଣ ଆଫ୍ରିକାର ଫୋଏବି ଲିଚଫିଲ୍ଡ (୩୦୪) ଯଥାକ୍ରମେ ପରବର୍ତ୍ତୀ ୪ଟି ସ୍ଥାନରେ ରହିଥିଲେ। ଅପରପକ୍ଷରେ ବୋଲିଂରେ ଭାରତର ଦୀପ୍ତି ଶର୍ମା ଏଥର ସର୍ବାଧିକ ୱିକେଟ୍ ହାସଲ କରିଛନ୍ତି। ଦୀପ୍ତି ୯ଟି ମ୍ୟାଚରୁ ୨୨ଟି ୱିକେଟ୍ ନେଇଛନ୍ତି।

### ସର୍ବାଧିକ ରନ୍

| ବ୍ୟାଟର୍ | ଦେଶ | ମ୍ୟାଚ୍ | ରନ୍ | ୧୦୦/୫୦ |
|---|---|---|---|---|
| ଲୌରା ୱଲଭର୍ଟ | ଦ.ଆଫ୍ରିକା | ୯ | ୫୭୧ | ୨/୩ |
| ସ୍ମୃତି ମନ୍ଧାନା | ଭାରତ | ୯ | ୪୩୪ | ୧/୨ |
| ଆସଲେ ଗାର୍ଡନର | ଅଷ୍ଟ୍ରେଲିଆ | ୭ | ୩୨୮ | ୨/୧ |
| ପ୍ରତୀକା ରାୱଲ | ଭାରତ | ୭ | ୩୦୮ | ୧/୧ |
| ଫୋଏବି ଲିଚଫିଲ୍ଡ | ଅଷ୍ଟ୍ରେଲିଆ | ୭ | ୩୦୪ | ୧/୧ |

### ସର୍ବାଧିକ ୱିକେଟ୍


| ବୋଲର | ଦେଶ | ମ୍ୟାଚ୍ | ୱିକେଟ | ଶ୍ରେଷ୍ଠ |
|---|---|---|---|---|
| ଦୀପ୍ତି ଶର୍ମା | ଭାରତ | ୯ | ୨୨ | ୫/୩୯ |
| ଆନାବେଲ୍ ସଦରଲାଣ୍ଡ | ଅଷ୍ଟ୍ରେଲିଆ | ୭ | ୧୭ | ୫/୪୦ |
| ସୋଫି ଇକଲେଷ୍ଟୋନ | ଇଂଲଣ୍ଡ | ୭ | ୧୬ | ୪/୧୬ |
| ଶ୍ରୀ ଚରଣି | ଭାରତ | ୯ | ୧୪ | ୩/୪୧ |
| ଆଲାନ କିଙ୍ଗ | ଅଷ୍ଟ୍ରେଲିଆ | ୭ | ୧୩ | ୭/୧୮ |

### ଜମ୍ମୁ-କଶ୍ମୀରରେ ଅଟକିଛନ୍ତି ଗେଲ୍ ଓ ସାକିବ୍

## ଖେଳାଳିଙ୍କୁ ଛାଡ଼ି ଆୟୋଜକ ଫେରାର

ଶ୍ରୀନଗର,୩।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳିଙ୍କୁ ନେଇ ଏଭ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଠାରେ ମୋହାଲିର ଯୁବା ସୋସାଇଟି ପକ୍ଷରୁ ନଭେମ୍ବର ୮ ଯାଏ ଖେଳାଯିବାକୁ ଥିବା ଇଣ୍ଡିଆନ୍ ହେଭେନ୍ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଆସିଥିବା ଅର୍ନ୍ତର୍ଜାତୀୟ ଖେଳାଳିଙ୍କୁ ଛାଡ଼ି ଆୟୋଜକ ଫେରାର ହୋଇଯାଇଛନ୍ତି। ଏହା ଫଳରେ ହୋଟେଲ ବିଲ୍ ଦେଇ ନ ପାରି ଦେଶ ବିଦେଶରୁ ଆସିଥିବା ଖେଳାଳି ଓ ଅମ୍ପାୟାରମାନେ ହୋଟେଲରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରେ କ୍ରିସ୍ ଗେଲ, ଷ୍ଟିଭେନ ସ୍ମିଥ୍, ଜେସେ ରାଇଡର ଓ ସାକିବ-ଅଲ-ହସନ ରହିଛନ୍ତି। ଇଂଲଣ୍ଡରୁ ଆସିଥିବା ଅମ୍ପାୟାର ମେଲିସା ଜୁନିପର ଏହା ପ୍ରକାଶ କରିବା ପରେ ଘଟଣା ପଦାକୁ ଆସିଥିଲା। ଗତବର୍ଷ ଏପରି ଏକ ଟୁର୍ଣ୍ଣାମେଣ୍ଟ ଜମ୍ମୁ-କଶ୍ମୀରରେ ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍ ଦେଖିବାକୁ ଜନଗହଳି ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଦର୍ଶକ ଆସି ନ ଥିଲେ। ଫଳରେ ପ୍ରାୟୋଜକମାନେ ଅର୍ଥ ଦେବାକୁ ମନା କରିଦେଇଥିଲେ। ଶନିବାର ଖେଳାଳିମାନେ ପାଉଣା ପାଇ ନ ଥିବାରୁ ଖେଳିବାକୁ ମନା କରିଦେଇଥିଲେ। ଏହା ପରେ ଆୟୋଜକମାନେ ହୋଟେଲ୍‌କୁ ବିଲ ଦେଇ ପାରି ନ ଥିଲେ। ଖେଳାଳିମାନେ ଖେଳିବାକୁ ନ ଆସିବାରୁ ଆୟୋଜକ ଟୁର୍ଣ୍ଣାମେଣ୍ଟ ଛାଡି ପଳାଇଛନ୍ତି। ଖେଳାଳି ଓ କର୍ମକର୍ତ୍ତା ସେଠାରେ ଅଟକି ରହିଥିଲାବେଳେ ଏହାର ସମାଧାନ କରିବାକୁ ଜମ୍ମୁ-କଶ୍ମୀର କ୍ରିକେଟ ସଂଘ ଚେଷ୍ଟା ଚଳାଇଛି।

## ରାନୀ-ପଙ୍କଜ ଜୀବନସାଥୀ



କୁରୁକ୍ଷେତ୍ର, ୩।୧୧ (ଏଜେନ୍ସି): ହକି ଆଇକନ୍ ତଥା ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପଲ୍ ଜୀବନର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ଚାର୍ଟାର୍ଡ ଆକାଉଣ୍ଟାଟ୍ ପଙ୍କଜ ସରୋହାଙ୍କ ସହ ରବିବାର ରାଣୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଏହି ଚର୍ଚ୍ଚିତ ବିବାହରେ ରାଣୀଙ୍କ ଅସୁସ୍ଥ ପିତା ହ୍ୱିଲଚେୟାରରେ ବିବାହ ମଣ୍ଡପକୁ ଆସି ବର-କନ୍ୟାଙ୍କୁ ଆଶୀର୍ବାଦ ଦେବା ସମସ୍ତଙ୍କୁ ଭାବୁକ କରିଦେଇଥିଲେ। ମାତ୍ର ୧୪ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଣୀ ଭାରତ ପାଇଁ ୨୫୪ଟି ମ୍ୟାଚ୍ ଖେଳି ୧୨୦ଟି ଗୋଲ୍ ଦେଇଛନ୍ତି।

## ଡଃ ଜନାର୍ଦ୍ଦନ ଦାଶଙ୍କ ପରଲୋକ



କଟକ,୩।୧୧(ସମିସ): ଓଡ଼ିଶା ଅଲିମ୍ପିକ ସଂଘର ଉପସଭାପତି ଡଃ ଜନାର୍ଦ୍ଦନ ଦାଶଙ୍କ ୭୫ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘବର୍ଷ ଧରି ରାଜ୍ୟ କ୍ରୀଡ଼ା ଜଗତ ସହ ଜଡିତ ଥିବା ଜନାର୍ଦ୍ଦନ ଜଣେ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ସୁଖ୍ୟାତି ହାସଲ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ପ୍ରାକ୍ତନ ଉପସଭାପତି ପଦରେ ରହିବା ସେ ମୃତ୍ୟୁ ପର୍ଯ୍ୟନ୍ତ ସେ କେନ୍ଦୁଝରର ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ପଦରେ ଅବସ୍ଥାପିତ ରହିଥିଲେ। ଡଃ ଦାଶଙ୍କ ବିୟୋଗରେ ବିଭିନ୍ନ ବର୍ଗରେ ଶୋକ ପ୍ରକାଶ ପାଇଛି। ଜନାର୍ଦ୍ଦନଙ୍କ ବିୟୋଗ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୋକବାର୍ତ୍ତାରେ ଜଣାଇଛନ୍ତି।

## ସିକେ ନାଇଡୁ ଟ୍ରଫି: ବିଦର୍ଭ ଇନିଂସ୍ ଆଗୁଆ

କଟକ,୩।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିର୍ଦଭକୁ ଭେଟିଛି। କପୁରସିଂହସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଚାଲିଥିବା ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବିପକ୍ଷରେ ବିଦର୍ଭର ସ୍ଥିତି ଦୃଢ଼ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୧୬୬ରନରେ ଅଲଆଉଟ ହୋଇଥିଲା। ଜବାବରେ ରବିବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ୬ ୱିକେଟ ବିନିମୟରେ ୭୫ରନ କରିଥିଲା। ଆଜି ୫୩ରନରେ ଅବଶିଷ୍ଟ ୪ ୱିକେଟ ହରାଇ ଓଡ଼ିଶା ଇନିଂସ୍ ପଛୁଆ ରହିଛି। ଜବାବରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ବିଦର୍ଭ ଅଭିଷେକ ଅଗ୍ରୱାଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ୪ ୱିକେଟ ହରାଇ ୧୮୩ରନ ସଂଗ୍ରହ କରିଛି। ଦଳକୁ ୨୨୧ରନର ଅଗ୍ରଣୀ ମିଳିଛି। ବିଦର୍ଭ ପକ୍ଷରୁ ଜଗଜୋତ ୫୪ରନରେ ଆଉଟ ହୋଇଥିବା ବେଳେ ବରୁଣ ବିଷ୍ଟ ୨୦ରନରେ ଅପରାଜିତ ରହିଛନ୍ତି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା, ଆଶୁତୋଷ ଛୁରିଆ, ଆୟୁଷ ବାରିକ ଏବଂ ରିତେଶ ପ୍ରିୟରଞ୍ଜନ ଗୋଟିଏ ଲେଖାଏ ୱିକେଟ ହାସଲ କରିଛନ୍ତି।

### ରଣଜୀ ଟ୍ରଫି

## ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

କଟକ,୩।୧୧(ସମିସ)

ବାରବାଟୀରେ ଖେଳାଯାଉଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ପାଇ ଘରୋଇ ଓଡ଼ିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଛି। ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ୪୭୫/୭(ପାଳି ଘୋଷଣା) ଜବାବରେ ଓଡ଼ିଶାର ପ୍ରଥମ ପାଳି ୧୫୧ରନରେ ସୀମିତ ରହିଥିଲା। ସୋମବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିଛି। ଏବେ ବି ଦଳ ୧୩୪ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିନରେ ଓଡ଼ିଶା କଳେବଳେ ମ୍ୟାଚ୍‌କୁ ଡ୍ର ରଖି ଅତିକମ୍‌ରେ ୧ ପଏଣ୍ଟ ହାସଲ କରିବାକୁ ଉଦ୍ୟମ କରିବ।

ଚଳିତ ରଣଜୀ ସଂସ୍କରଣରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଲାଗି ରହିଛି। ଅସମାପ୍ତ ପ୍ରଥମ ପାଳି ୮୦/୪ରୁ ଆଜି ଓଡ଼ିଶା ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୨୪ରନ ଏବଂ ଗୋବିନ୍ଦ ପୋଦ୍ଦାର ୧ରନରେ ଅପରାଜିତ ଥିଲେ। ଆଜି ଖେଳର ୬ଷ୍ଠ ଓଭରରେ ଓଡ଼ିଶାର ୫ମ ୱିକେଟ ପତନ ଘଟିଥିଲା। ଅଭିଜ୍ଞ ଗୋବିନ୍ଦ ୧୪ରନରେ କାଭୁରି ସୈତେଜାଙ୍କ ୩ୟ ଶିକାର ପାଲଟିଥିଲେ। ନବାଗତ ସମ୍ବିତ ବରାଳ ଖାତା ଖୋଲିବା ଆଗରୁ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୧୩୧ବଲରୁ ୫୮ ରନ ସଂଗ୍ରହ କରି କ୍ରିଜରେ ତିଷ୍ଠି ଆସୁଥିବା ସନ୍ଦୀପଙ୍କୁ ଆଉଟ କରି ତ୍ରିପୁରନ ବିଜୟ ଓଡ଼ିଶାକୁ ଫଲୋଅନ ଦ୍ୱାର ଦେଶରେ ଛିଡ଼ା କରି ଦେଇଥିଲେ। ସନ୍ଦୀପ କ୍ରିଜ ଛାଡ଼ିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୧୪୦ ରହିଥିଲା। ୧୧ରନରେ ଦଳ ଶେଷ ୩ଟି ୱିକେଟ ହରାଇଥିଲା। ଆନ୍ଧ୍ର ପକ୍ଷରୁ କାଭୁରି ସାଇତେଜା, ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ହାସଲ କରିଛନ୍ତି। ତେବେ ଦ୍ୱିତୀୟ ପାଳିରେ ଓଡ଼ିଶା ଦୃଢ଼ତାର ସହ ବ୍ୟାଟିଂ କରିଥିବା ଦେଖିବାକୁ ମିଳିଛି। ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଓପନିଂ ଭାଗିଦାରୀରେ ୬୬ରନ ସଂଗ୍ରହ କରିଥିଲେ। ୭ଟି ଚୌକା ସହାୟତାରେ ୩୬ରନ କରିଥିବା ସ୍ୱସ୍ତିକ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ପ୍ରଥମ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସନ୍ଦୀପ ଏବଂ ଗୌରବ ୨ୟ ୱିକେଟରେ ୧୧୦ରନ ସଂଗ୍ରହ କରି ଓଡ଼ିଶାର ସ୍ଥିତିକୁ ମଜବୁତ କରିଥିଲେ। ମାତ୍ର ଷ୍ଟମ୍ପ ଅପସାରଣର କିଛି ସମୟ ପୂର୍ବରୁ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ୧୨୫ବଲରୁ ୬ଟି ଚୌକା ଏବଂ ୨ଟି ଛକା ସହାୟତାରେ ୬୩ରନ କରି ସନ୍ଦୀପ ସୌରଭ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୌରବ ୭୯ରନ ଏବଂ ଗୋବିନ୍ଦ ୪ରନରେ ଅପରାଜିତ ରହିଛନ୍ତି।



ସନ୍ଦୀପ ପଟ୍ଟନାୟକ



ଗୌରବ ଚୌଧୁରୀ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS